JMC-11
BLOCK-3

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR


ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

**Odisha State Open University**
**Sambalpur, Odisha**


# ସାମ୍ବାଦିକତା ଓ ଗଣ ଯୋଗାଯୋଗ

## ବିକାଶମୂଳକ ଯୋଗାଯୋଗ

## ବିକାଶମୂଳକ ସାମ୍ବାଦିକତା



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-11**

## ବିକାଶମୂଳକ ଯୋଗାଯୋଗ

ବ୍ଲକ୍-୦୩

# ବିକାଶମୂଳକ ଯୋଗାଯୋଗ

| | |
|---|---|
| ୟୁନିଟ୍-୧ | ବିକାଶମୂଳକ ସାମ୍ବାଦିକିତାର ଇତିହାସ ଏବଂ ଉତ୍ପତ୍ତି |
| ୟୁନିଟ୍-୨ | ଭାରତରେ ସାମ୍ବାଦିକିତାର ବିକାଶ |
| ୟୁନିଟ୍-୩ | ବିଭିନ୍ନ ଅନୁଷ୍ଠାନ |
| ୟୁନିଟ୍-୪ | ଭାରତରେ ବିକାଶ ପ୍ରକ୍ରିୟା |

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**

ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢ଼େଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ,** ଆସିଷ୍ଟାଣ୍ଟ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **–ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,** ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**

ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

## ଅନୁବାଦ ସମ୍ପାଦନା

**ମୂଳ ଇଂରାଜୀ- ଡକ୍ଟର ଏନ. ତାମିଲସେଲଭି,** ବିଭାଗ ମୁଖ୍ୟ, ଭିଜୁଆଲ କମ୍ୟୁନିକେସନ, କ୍ରେଡ ମିଲେଥ ଇଣ୍ଟରନ୍ୟାସଲାଲ ଏକାଡେମୀ ଅଫ୍ ମିଡିଆ ଷ୍ଟଡିଜ୍

**ଅନୁବାଦ- ନିବେଦିତା ଦାସ,** ମୁକ୍ତ ସାମ୍ବାଦିକ, ରାଉରକେଲା

**ସମ୍ପାଦନା- ଅରବିନ୍ଦ ପରିଡ଼ା,** ସମ୍ପାଦକୀୟ ପରାମର୍ଶଦାତା, 'ନିତିଦିନ'

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2020 **DEVELOPMENT JOURNALISM** is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0

Printed by :

# ୟୁନିଟ– ୧:  ବିକାଶମୂଳକ ସାମ୍ବାଦିକତାର ଇତିହାସ ଏବଂ ଉତ୍ପତ୍ତି


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିକାଶମୂଳକ ଖବର

୧.୩: ବିକାଶମୂଳକ ସାମ୍ବାଦିକତା

୧.୩.୧:  ବିକାଶମୂଳକ ସାମ୍ବାଦିକତାର ସମୀକ୍ଷା

୧.୪: ବିକାଶମୂଳକ ସାମ୍ବାଦିକତାର ଇତିହାସ ଏବଂ ଉତ୍ପତ୍ତି

୧.୪.୧: ବିକାଶର ପ୍ରାଧାନ୍ୟ ଦୃଷ୍ଟାନ୍ତ

୧.୪.୨: ବିକାଶମୂଳକ ଯୋଗାଯୋଗର ବିଭିନ୍ନ ଦୃଷ୍ଟିକୋଣ

୧.୫: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ୟୁନିଟ୍ ଆରମ୍ଭର ଏକ ସଂକ୍ଷିପ୍ତ ପରିଚୟ

୧) ବିକାଶମୂଳକ ଖବର କ'ଣ ଏବଂ ଭାରତରେ ବିକାଶମୂଳକ ସାମ୍ବାଦିକତାର ଉତ୍ପତ୍ତି ଏବଂ ବିକାଶ ଉପରେ ଚର୍ଚ୍ଚା କରିବାପାଇଁ ଆଗକୁ ବଢ଼ାଇ ଥାଏ ।

୨) ଏହା ବିକାଶମୂଳକ ସାମ୍ବାଦିକତାର ବିଭିନ୍ନ ଆଭିମୁଖ୍ୟ ବିଷୟରେ ମଧ୍ୟ ଆଲୋଚନା କରିଥାଏ ।

୩) ବିକାଶମୂଳକ ସାମ୍ବାଦିକତାର ବିଭିନ୍ନ ଦୃଷ୍ଟିକୋଣ ଏବଂ ଭାରତରେ ବିକାଶମୂଳକ ସାମ୍ବାଦିକତାରେ ଅନ୍ତର୍ଭୁକ୍ତ ଅଭ୍ୟାସଗୁଡିକ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ।

୪) ଏଥିରେ ବିକାଶମୂଳକ ରିପୋର୍ଟିଂରେ ସମସ୍ୟା ଏବଂ ଏହାର ଆହ୍ୱାନ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ।

## ୧.୨: ବିକାଶମୂଳକ ଖବର

ବିକାଶମୂଳକ ସାମ୍ବାଦିକତା ସେହି ଖବରଗୁଡିକ ବିଷୟରେ ହୋଇଥାଏ, ଯାହା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଉନ୍ନତ ଯୋଜନାର ମୂଲ୍ୟାଙ୍କନ ଏବଂ ଆଲୋଚନା କରିଥାଏ । ସେମାନେ ବିକାଶର ପ୍ରକ୍ରିୟାକୁ ବିଶ୍ଳେଷଣ ମଧ୍ୟ କରିଥାନ୍ତି, ବିକାଶ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଓ ଯୋଜନାଗୁଡିକୁ ଏବଂ ପ୍ରକଳ୍ପର ବିକାଶରେ ଜଡିତ ସାମ୍ଭାବ୍ୟ ସମସ୍ୟାଗୁଡିକୁ କିମ୍ବା ସ୍ୱଳ୍ପ ସମସ୍ୟାଗୁଡିକୁ ମଧ୍ୟ ବିଶ୍ଳେଷଣ କରିଥାନ୍ତି । ବିକାଶ ସକାଶେ ଆରମ୍ଭ କରାଯାଇଥିବା ବାସ୍ତବିକ ଯୋଜନା ଏବଂ କାର୍ଯ୍ୟକ୍ରମର ମୂଳ ଫଳାଫଳ ମଧ୍ୟରେ ଏହିପରି ବିଶ୍ଳେଷଣ ଏବଂ ତୁଳନା କରିବା ଆବଶ୍ୟକ କାରଣ ବିକାଶମୂଳକ ଯୋଜନା ସଠିକ ଭାବେ କାର୍ଯ୍ୟ କରୁଛି କି

ନାହିଁ ବୁଝିବାରେ ଏହା ସହାୟକ ହୋଇଥାଏ । ବିକାଶମୂଳକ ସାମ୍ବାଦିକତାର ଲେଖାଗୁଡିକରେ ଅନ୍ୟ ଦେଶ ଏବଂ ଅଞ୍ଚଳ ସହିତ ପ୍ରକଳ୍ପ ଓ ଏହାର ଫଳାଫଳର ତୁଳନା ମଧ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ । ଏହି ବିକାଶମୂଳକପ୍ରକ୍ରିୟା ବିଷୟରେ ପୃଷ୍ଠଭୂମି ସୂଚନା ମଧ୍ୟ ପ୍ରଦାନ କରିବା ଉଚିତ; ଯୋଜନାଗୁଡିକର ନୀତି, ପ୍ରକଳ୍ପଗୁଡିକରେ ସମସ୍ୟାର ପ୍ରଭାବ, ଲୋକଙ୍କ ଉପରେ ଆଲୋଚନା, ଏବଂ ବିକଶର ଭବିଷ୍ୟତ ବିଷୟରେ କଳ୍ପନା କରାଯାଇଥାଏ । ଲୋକଙ୍କ ବିକାଶର ଆବଶ୍ୟକତା ସବୁ ଦେଶରେ ସମାନ ହୋଇ ନ ଥାଏ, ଏହା ସ୍ଥାନରୁ ସ୍ଥାନ, ଦେଶରୁ ଦେଶ ଏବଂ ଅଞ୍ଚଳରୁ ଅଞ୍ଚଳ ମଧ୍ୟରେ ଭିନ୍ନ ହୋଇଥାଏ । ଏହା ଭୌଗୋଳିକ କ୍ଷେତ୍ରରେ ଭିନ୍ନତା କାରଣରୁ, ଯାହା ଲୋକମାନଙ୍କ ପ୍ରାଥମିକ ଚାହିଦାକୁ ସ୍ଥାନ ଠାରୁ ଭିନ୍ନ କରିଥାଏ; ଏହି ଆବଶ୍ୟକତା ମଧ୍ୟରେ ଖାଦ୍ୟ, ବାସଗୃହ, ରୋଜଗାର ଏବଂ ଅନ୍ୟାନ୍ୟ ଆବଶ୍ୟକତା ଯେପରିକି ବିଦ୍ୟୁତ, ପରିବହନ ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ । ସେମାନଙ୍କ ଆବଶ୍ୟକତାଗୁଡିକ ମଧ୍ୟରେ ଅନ୍ୟ ମାପଦଣ୍ଡକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ ଯେପରିକୌଣସି ବ୍ୟକ୍ତିର ମାନବୀୟ ସମ୍ମାନ, ସେମାନଙ୍କ ସାମାଜିକ ସ୍ୱୀକୃତି ଏବଂ ମାନ୍ୟତା ଇତ୍ୟାଦି।

ଷ୍ଟିଭେନ୍‌ସନ (୧୯୯୪) ଜଣେ ବିଶେଷଜ୍ଞ ବ୍ୟକ୍ତି । ହଚଟେନ (୧୯୯୬) ଏବଂ ରାଇଟର (୧୯୭୯) ବିକାଶମୂଳକ ସାମ୍ବାଦିକତାକୁ ଓକିଲାତି ସାମ୍ବାଦିକତା କିମ୍ବା ପ୍ରଚାର ସାମ୍ବାଦିକତା ଭାବେ ଦେଖୁଥିଲେ । ଏହି ବିଶେଷଜ୍ଞମାନେ ଅନୁଭବ କଲେ ଯେ, ବିକାଶମୂଳକ ସାମ୍ବାଦିକତା ଏବଂ ଏଥିରେ କାମ କରୁଥିବା ସାମ୍ବାଦିକମାନଙ୍କୁ ସରକାରଙ୍କ ଦ୍ୱାରା ଅପବ୍ୟବହାର ହେବାର ସମ୍ଭାବନା ରହିଛି । କାରଣ ବିକାଶମୂଳକ ପ୍ରକଳ୍ପର ତଥ୍ୟ ପାଇଁ ଏହି ବିକାଶମୂଳକ ସାମ୍ବାଦିକମାନଙ୍କୁ ସରକାରୀ କର୍ମଚାରୀମାନଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ । ତେଣୁ, ଅନେକ ସମ୍ଭାବନା ରହିଛି ଯେ, ଏହି ରାଜନେତା କିମ୍ବା ସରକାରୀ କର୍ମଚାରୀମାନେ ବିଶେଷକରି ଗ୍ରାମା ଳରେ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ମିଥ୍ୟା ତଥ୍ୟ ଦେଇପାରନ୍ତି । କିନ୍ତୁ ଏହା ବୁଝିବାକୁ ହେବ ଯେ, ବିକାଶମୂଳକ ସାମ୍ବାଦିକତାର ପ୍ରଚାର ସାମ୍ବାଦିକତାଠାରୁ ଭିନ୍ନ । ଅଗ୍ରୱାଲ ପରାମର୍ଶ ଦେଇଛନ୍ତି ଯେ, ବିକାଶମୂଳକ ସାମ୍ବାଦିକତା ଏବଂ ସମାଜରେ ବିକାଶମୂଳକ ରିପୋର୍ଟିଂ କରିବା ବିଷୟରେ ଯାହାକି ସହରାଞ୍ଚଳ କିମ୍ବା ଆଭିଜାତ୍ୟ ସମାଜ ପାଇଁ ଗ୍ରାମାଞ୍ଚଳ ଗୋଷ୍ଠୀ କିମ୍ବା ଜନତାଙ୍କ ସହ ଯୋଡିହେବା ପାଇଁ ରାସ୍ତା ଦେଖାଇଥାଏ । ବିକାଶମୂଳକ ସାମ୍ବାଦିକତାର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଏକ ସମାନ ମଞ୍ଚ, ଗଣତାନ୍ତ୍ରିକ ଅଧିକାର, ସାମାଜିକ ଦାୟିତ୍ୱବୋଧରେ ଉତ୍ସାହିତ କରିବା, ପରିବେଶ ବିଷୟରେ ଜ୍ଞାନ ଦେବା ଏବଂ ପାଠକମାନଙ୍କୁ ପରିବେଶଗତ ସମ୍ବେଦନଶୀଳ କରିବା, ଏହା ସହିତ ମାନବାଧିକାର ଏବ ସମ୍ମାନ ବିଷୟରେ ସଠିକ ଜ୍ଞାନ ପ୍ରଦାନ କରିବା ।

ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଥିବା ପ୍ରତିଷ୍ଠିତ ବିଶେଷଜ୍ଞ ଏବଂ ଲୋକମାନଙ୍କ ଦ୍ୱାରା ଏହି ସମସ୍ତ ବିବିଧ ସଂଜ୍ଞାକୁ ଦର୍ଶାଏ ଯେ, ବିକାଶମୂଳକ ଯୋଗାଯୋଗ ଜାତୀୟ ବିକାଶ ନିମନ୍ତେ ହୋଇଥାଏ । ଏହା ଲୋକମାନଙ୍କୁ ଏକତ୍ରୀତ କରିବାର ଲକ୍ଷ୍ୟ ରଖିଛି । ବିକାଶମୂଳକ ସାମ୍ବାଦିକତାର ଯେ କୌଣସି ଖବର ଦେଶର ଉନ୍ନତି ଏବଂ ବିକାଶରେ ସାହାଯ୍ୟ କରେ । ବିକାଶ ପ୍ରକ୍ରିୟାକୁ ଆଗକୁ ନେବାପାଇଁ ଏହା ଏକ ଅନୁକ୍ରମଣିକା ଭାବେ କାର୍ଯ୍ୟ କରେ । ଉନ୍ନତ ସାମ୍ବାଦିକତାର କର୍ତ୍ତବ୍ୟ ହେଉଛି ତଥ୍ୟଗୁଡିକୁ ବିଶ୍ଳେଷଣ କରିବା

ଏବଂ ସେଗୁଡ଼ିକୁ ବିଷୟାନୁଭିତ୍ତିକ ଏବଂ ସତ୍ୟତାର ସହିତ ବ୍ୟାଖ୍ୟା କରିବା । ଜନସାଧାରଣଙ୍କ ଦ୍ୱାରା ସହଜରେ ବୁଝିହୋଇପାରୁଥିବା ତଥ୍ୟକୁ ପ୍ରସ୍ତୁତ କରିବା ହେଉଛି ସାମ୍ବାଦିକର କର୍ତ୍ତବ୍ୟ । ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଉତ୍ତମ ସାମ୍ବାଦିକତା ଆଲୋଚନାତ୍ମକ ଭାବରେ ତଥ୍ୟକୁ ମୂଲ୍ୟାଙ୍କନ କରିବା ଏବଂ ଏହାକୁ ଉପସ୍ଥାପନ କରିବା ଉପରେ ନିର୍ଭର କରେ ଯାହା ପାଠକମାନଙ୍କ ଦ୍ୱାରା ସହଜରେ ବୁଝି ହେଉଥିବ ।

## ୧.୩: ବିକାଶମୂଳକ ସାମ୍ବାଦିକତା

ଜଗତୀକରଣର ଏହି ଧାରାରେ ବିକାଶର କୌଣସି ପରିଭାଷା ନାହିଁ । ଦିନ କୁ ଦିନ ଏତେ ଅଗ୍ରଗତି ଘଟିବା ସହିତ, ଆମେ ଦେଖିପାରୁ ଯେ, ସର୍ବଭାରତୀୟ ସ୍ତରରେ ବିକାଶର ସଂଜ୍ଞା ପାଇବା ପ୍ରାୟ ଅସମ୍ଭବ । ବିକାଶମୂଳକ କ୍ଷେତ୍ରରେ ବିଶେଷଜ୍ଞମାନେ ସେମାନଙ୍କର ବୁଝାମଣା ଏବଂ ଅଭିଜ୍ଞତା ଅନୁଯାୟୀ ଉନ୍ନତ ସାମ୍ବାଦିକତାକୁ ବିଭିନ୍ନ ଉପାୟରେ ବ୍ୟାଖ୍ୟା କରିଛନ୍ତି । ୧୯୭୫ ଖ୍ରୀଷ୍ଟାବ୍ଦରେ ଭିଲାନିୟମ ସାମ୍ବାଦିକତାକୁ ଏପରି ଭାବେ ପରିବେଷଣ କରିଛନ୍ତି, ଯାହା ଗୋଟିଏ ରାଷ୍ଟ୍ରର ବିକାଶର ପ୍ରକ୍ରିୟାକୁ ନିୟନ୍ତ୍ରିତ କରିଥାଏ । ତାଙ୍କ କହିବାନୁସାରେ, ବିକାଶ ବିଷୟରେ ଯାହା ବି କିଛି କୁହାଯାଇଥିଲା ତାହା ବିକାଶମୂଳକ ଖବରର ଅନ୍ତର୍ଭୁକ୍ତ ଥିଲା । ତେଣୁ, ତାହା ସେହି ବିକାଶ ସମ୍ବନ୍ଧୀୟ ଖବରଗୁଡ଼ିକୁ ପରିଭାଷିତ କରିଥାଏ ଯାହା ପ୍ରଶାସନିକ ସଂସ୍କାର, ଖାଦ୍ୟ ଉତ୍ପାଦନରେ ବିକାଶ, କୃଷି କ୍ଷେତ୍ରରେ ବିକାଶ, ଦେଶର ଅର୍ଥନୀତିରେ ବୃଦ୍ଧି ସମ୍ବନ୍ଧୀୟ ଲେଖା, ଶିକ୍ଷା ଏବଂ ନିଯୁକ୍ତି ସମ୍ବନ୍ଧୀୟ ଖବର, ପରିବାର ଯୋଜନା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ଔଷଧ ସମ୍ବନ୍ଧୀୟ ଖବର, ଉଭୟ ସହରାଞ୍ଚଳ ଏବଂ ଗ୍ରାମା ଳର ବିକାଶ ଯୋଜନା, ଭିତ୍ତିଭୂମି ବିକାଶ ତଥା ଜାତୀୟ ଏକୀକରଣ ସମ୍ବନ୍ଧୀୟ ଖବର, ସାମାଜିକ ସଂସ୍କାର ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଗତି, ଟେଲିକମ ଯୋଗାଯୋଗ, ଜନ ଯୋଗାଯୋଗ ଏବଂ ପରିବହନ ବିକାଶ ଇତ୍ୟାଦି ବିଷୟରେ ସୂଚନା ।

ଯେତେବେଳେ ଆମେ ଭାରତରବିକାଶମୂଳକ ସାମ୍ବାଦିକତା ପ୍ରସଙ୍ଗକୁ ଦେଖିଥାଉ, ସେତେବେଳେ ଏଥିରେ କେତେକ ସଙ୍କେତକୁ ଯୋଡାଯାଇଥାଏ । ଉଦାହରଣ ସ୍ୱରୂପ ପର୍ଯ୍ୟାବରଣ ଏବଂ ପରିବେଶିକ ସମ୍ବାଦ, ବୈଦେଶୀକ ସମାଚ଼ର ଏବଂ ବୈଶିଷ୍ଟ୍ୟ ଜଗତୀକରଣ ଏବଂ ଆନ୍ତର୍ଜାତୀୟ ବଜାରରେ ସମ୍ବାଦ, ଏକ ଦେଶର ସଂସ୍କୃତି ଏବଂ ପରମ୍ପରା ସମ୍ବନ୍ଧୀୟ ସମ୍ବାଦ, ବ୍ୟବସାୟ ଏବଂ ସେୟାର ବଜାରର ସୂଚନା, କ୍ରିକେଟ୍, ଫୁଟବଲ ଏବଂ ଅନ୍ୟାନ୍ୟ ଖେଳ ଭଳି କ୍ରୀଡା ସମ୍ବନ୍ଧୀୟ ଖବର ଏବଂ ସ୍ୱତନ୍ତ୍ର ମାନବାଗ୍ରହୀ କାହାଣୀ ଆଦି ବିକାଶମୂଳକ ସାମ୍ବାଦିକତା କ୍ଷେତ୍ରରେ ଆସେ । ଏହା ବ୍ୟତୀତ ସେହି ମୂଳ ପ୍ରସଙ୍ଗରେ ମଧ୍ୟ ଧ୍ୟାନ କେନ୍ଦ୍ରୀତ କରିଥାଏ ଯାହା ସାମାଜିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଯେପରି ଜାତି ନାମରେ ଭେଦଭାବ, ମହିଳା ଏବଂ ଶିଶୁଙ୍କ ପ୍ରତି ଅପରାଧ, ସାମାଜିକ ବର୍ଗୀକରଣ ଏବଂ ଅନ୍ୟାନ୍ୟ ଏହିପରି ପ୍ରସଙ୍ଗ । ଲିଙ୍ଗ ସଶକ୍ତିକରଣ ଧାରଣା ବିକାଶ ସହିତ ଗଭୀରଭାବେ ଜଡିତ । ଯଦିଓ ବିକାଶର ଅର୍ଥନୈତିକ ଏବଂ ରାଜନୈତିକ ଦିଗଗୁଡ଼ିକ ବିଷୟରେ ବିଚାର କରିବା ପ୍ରଥା ରହିଛି, ପ୍ରାୟତଃ ୧୯୯୦ରୁ ବିକାଶର ଏକ ବ୍ୟାପକ ପରିଭାଷା ଦିଗରେ ଗୋଟିଏ ପରିବର୍ତ୍ତନ ହେଉଛି, ମାନବ ବିକାଶଧାରାରେ ପରିଣତ । ମାନବ ବିକାଶ ହେଉଛି ଲୋକଙ୍କ ଆଗ୍ରହକୁ ବୃଦ୍ଧି କରିବାର ଏକ ପ୍ରକ୍ରିୟା । ମୂଳତଃ ଏହି ଆଗ୍ରହଗୁଡ଼ିକ ସୀମାହୀନ ଏବଂ ସମୟ ସହିତ ପରିବର୍ତ୍ତନଶୀଳ । କିନ୍ତୁ ବିକାଶର ସବୁ ସ୍ତରରେ ତିନୋଟି ଜରୁରୀ କ୍ଷେତ୍ର ହେଉଛି ଏକ

ଦୀର୍ଘ ଏବଂ ସୁସ୍ଥ ଜୀବନଯାପନ, ଜ୍ଞାନ ପ୍ରାପ୍ତ, ସମ୍ବଳ ପ୍ରାପ୍ତ ଏବଂ ଗୋଟିଏ ସଭ୍ୟଜୀବନଶୈଳୀ । ଯେତେବେଳେ ସେମାନେ ବଞ୍ଚିବାର ମୌଳିକ ଆବଶ୍ୟକତାଗୁଡିକରୁ ବଞ୍ଚିତ ହୁଅନ୍ତି, ସେତେବେଳେ ବିକାଶର ପ୍ରଶ୍ନ ଉତ୍ତରହୀନ ହୋଇଯାଏ । ମାନବ ବିକାଶର ସୂଚକାଙ୍କ ଗୋଟିଏ ସମଗ୍ର ସୂଚକାଙ୍କ ଯାହା ମାନବ ବିକାଶକୁ ମାପିଥାଏ। ଏହା ଜୀବନର ଆଶା, ବୟସ୍କ ସ୍ୱାକ୍ଷରତା ମାପିବାର ଜ୍ଞାନ ଏବଂ ବର୍ଷ ବର୍ଷର ଅଧ୍ୟୟନ, ଜୀବନଧାରଣର ପାଇଁ ମୁଣ୍ଡପିଛା ପ୍ରକୃତ ଘରୋଇ ଉତ୍ପାଦର ମୂଲ୍ୟଆଧାରରେ ଶକ୍ତି ସଞ୍ଚୟ କରି ଜୀବନସ୍ତର ଦ୍ୱାରା ଦୀର୍ଘାୟୁକୁ ମାପିବା । ବିକାଶର ଏହି ବ୍ୟାପକ ପରିଭାଷା, ମାନବ ବିକାଶର ବିଭିନ୍ନ ଦିଗ ଏବଂ ଏଥିରୁ ଆସୁଥିବା ଲୋକଙ୍କ ସୁରକ୍ଷାରେ ଅନ୍ତର୍ଭୁକ୍ତ, ଜଗତୀକରଣର ବର୍ତ୍ତମାନ ଯୁଗ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ମାନବ ବିକାଶର ଏକ ପ୍ରମୁଖ ଉଦ୍ଦେଶ୍ୟ ବିକାଶର ପ୍ରକୃତିକୁ ନିର୍ଦ୍ଦେଶିତ କରିଥାଏ ଯାହା ବିକାଶର ବିଭିନ୍ନ ନୀତିଗୁଡିକରୁ ଉତ୍ପନ୍ନ ଏବଂ ମଣିଷ ନିଜ କାର୍ଯ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ନିଜକୁ ସୁରକ୍ଷିତ ମନେ କରେ କି ନାହିଁ ନିର୍ଣ୍ଣୟ କରିବା ।

ଏହାର ମୂଳ ଉଦ୍ଦେଶ୍ୟ ମଣିଷକୁ ସଶକ୍ତ କରିବା, ଅନେକ ସୁଯୋଗ ସୃଷ୍ଟି କରିବା, ଯଦ୍ୱାରା ବେରୋଜଗାର ନ ହେବା, ଆନ୍ତଃରାଜ୍ୟ ସହଯୋଗରେ ଅଂଶଗ୍ରହଣ ଏବଂ ଏକ ବିଶ୍ୱସ୍ତରୀୟ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଲୋକମାନଙ୍କୁ ଏକତ୍ରିତ କରିବା ।

ବିକାଶମୂଳକ ସାମ୍ବାଦିକତା ପ୍ରସଙ୍ଗର ଅନ୍ୟ ପାର୍ଶ୍ୱକୁ ସମ୍ମୁଖକୁ ଆଣିବାରେ ସହାୟକ ହୋଇଥାଏ । ଏହା ଯେକୌଣସି କେନ୍ଦ୍ରୀୟ ପ୍ରସଙ୍ଗକୁ ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ବିଶେଷଜ୍ଞମାନେ କହିଛନ୍ତି ଯେ, ଜଣେ ଉତ୍ତମ ସାମ୍ବାଦିକକୁ ଗମ୍ଭୀରତା ସହିତ ମୂଲ୍ୟାଙ୍କନ କରିବାପରେ ବିକାଶମୂଳକ ଖବରକୁ ପ୍ରକାଶ କରିବା ଉଚିତ । ବିକାଶ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଯୋଜନାଗୁଡିକ ଏବଂ ସେଗୁଡିକ କେତେ ପରିମାଣରେ କାର୍ଯ୍ୟକାରୀ ହୋଇଛି ତାହା ଜଣେ ଉତ୍ତମ ସାମ୍ବାଦିକ ଜାଣିବା ଆବଶ୍ୟକ । ଲୋକମାନେ କେତେ ପରିମାଣରେ ଉପକୃତ ହେଉଛନ୍ତି, ସେମାନଙ୍କ ଦାବି ସରକାରଙ୍କ ରିପୋର୍ଟ ସହ ମେଳ ଖାଉଛି କି ନାହିଁ ସେ ବିଷୟରେ ମଧ୍ୟ ସେମାନଙ୍କ ଜ୍ଞାନ ରହିବା ଉଚିତ । ବିଶ୍ୱାସ କରାଯାଏ ଯେ, ବିକାଶମୂଳକ ସାମ୍ବାଦିକ ଘଟଣାକୁ ପ୍ରକାଶ କରିବା ପରିବର୍ତ୍ତେ ବିକାଶ ସମ୍ବନ୍ଧୀୟ ପ୍ରକ୍ରିୟାକୁ ପ୍ରକାଶ କରିଥାନ୍ତି । ତେଣୁ ବିକାଶମୂଳକ ସାମ୍ବାଦିକତାର ଧ୍ୟାନ ଦୀର୍ଘକାଳୀନ ହୋଇଥାଏ । ଯେଉଁଠାରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଯାହା ଘଟିଥାଏ ତାହା ସମୟ ସହିତ ସୃଷ୍ଟି କରୁଥିବା ପ୍ରଭାବ ଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିକୋଣରୁ ନିୟମିତ ଖବରକୁ କଭରେଜ ଏବଂ ବିକାଶମୂଳକ ଖବରକୁ କଭରେଜ କ୍ଷେତ୍ରରେ ଅଧିକ ପାର୍ଥକ୍ୟ ନଥାଏ । କେବଳ ପାର୍ଥକ୍ୟ ଏତିକି ଯେ, ବିକାଶମୂଳକ ସାମ୍ବାଦିକତାକୁ ସରକାରଙ୍କ ଦ୍ୱାରା ଉଠାଯାଇଥିବା ପଦକ୍ଷେପର ପରିଣାମ କିମ୍ବା ପ୍ରଭାବର ଯାଞ୍ଚ କରିବାର ଦିଗରେ ଅଧିକ ଧ୍ୟାନ ଦିଆଯାଇଥାଏ । ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକର ପ୍ରଭାବକୁ ସମାଲୋଚକଭାବେ ଯାଞ୍ଚ କରାଯାଏ ଏବଂ ଉପଯୁକ୍ତ ତଥ୍ୟ ସହିତ ଏହାର ପ୍ରକାଶକୁ ପାଇଥାଏ । ତଥ୍ୟର ଉପଯୋଗ ଏବଂ ଏହାର ବ୍ୟାଖ୍ୟା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, କାରଣ ବିକାଶ କେବଳ ଏହି ସଂଖ୍ୟାରୁ ମପାଯାଇଥାଏ । ତେଣୁ ତୃଣମୂଳ ସ୍ତରରେ ମଧ୍ୟ ବିକାଶ ସହିତ ସିଧାସଳଖ ଜଡିତ ଥିବାରୁ ତଥ୍ୟର ଏକ ସ୍ୱଷ୍ଟ ବ୍ୟାଖ୍ୟା ଦେବା ଜରୁରୀ। ବିକାଶମୂଳକ

ସାମ୍ବାଦିକତା ମୁଖ୍ୟତଃ ସମାଜର ଅଦରକାରୀ କଭରେଜ ଉପରେ ଆଧାରିତ । ତେଣୁ ବିକାଶମୂଳକ ସାମ୍ବାଦିକତା ମାଧ୍ୟମରେ ବଣ୍ଟନ କରାଯାଇଥିବା ସୂଚନା ସେମାନଙ୍କ ଚିନ୍ତାଧାରାକୁ ସ୍ୱରଦେବା ଉଚିତ । ବିକାଶମୂଳକ ସାମ୍ବାଦିକତାରେ ସୂଚନାର ମୁଖ୍ୟ ଉତ୍ସ ହେଉଛି ଗ୍ରାମାଞ୍ଚଳର ଲୋକ, ସମାଜ ବର୍ଗର ବିଭାଗ ଏବଂ ଭୂମିହୀନ କୃଷକ। ସୂଚନା କେବଳ ସମାଜର ଅଭିଜାତ୍ୟ ଗୋଷ୍ଠୀରୁ ଧ୍ୱନିର ବାଇଟ୍‌କୁ କିମ୍ବା ଭିଡିଓର ଲିଙ୍କ୍‌ର ବଜାୟ ରଖୁଥିବା ବିକାଶର ଗତିବିଧି ସହିତ ଜଡିତ । ୧୯୮୨ ମସିହାରେ ଭାରତର ଦ୍ୱିତୀୟ ପ୍ରେସ୍ କମିଶନରେ ବିକାଶମୂଳକ ସାମ୍ବାଦିକତାର ଭୂମିକା ଏବଂ ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା । ଏଥିରେ କୁହାଯାଇଛି ଯେ, ସମାଜରେ କ'ଣ ଭୂଲ ହେଉଛି ଏହା ବିକାଶମୂଳକ ଯୋଗାଯୋଗରେ ସୂଚୀତ କରିବା ଆବଶ୍ୟକ । ନିଶ୍ଚିତ ଭାବରେ ପ୍ରେସ୍ ଗୋଟିଏ ୱାଚଡଗ୍ ପରି ହେବା ଆବଶ୍ୟକ ଏବଂ ଯତ୍ନର ସହ ଅନୁସନ୍ଧାନ କରି ପରିସ୍ଥିତିକୁ ବିଶ୍ଳେଷଣ କରିବା ଉଚିତ । ଏହା କୌଣସି ବିକାଶମୂଳକ ପ୍ରକଳ୍ପର ବିଶେଷଜ୍ଞ ଏବଂ ବିପକ୍ଷଙ୍କୁ ଚିହ୍ନିବା ଏବଂ ନିରପେକ୍ଷ ଭାବେ ପ୍ରକାଶ କରିବା ଉଚିତ ।ବିକାଶମୂଳକ ସାମ୍ବାଦିକତାକୁ ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ, ପାରିପାର୍ଶ୍ୱିକ, ପରିବେଶିକ, ଶିଶୁ ଯତ୍ନ, ଜାତୀୟ ଏକକୀକରଣ ଏବଂ ଅନ୍ୟାନ୍ୟ ବିଭାଗରେ ବିଭକ୍ତ କରାଯାଇଥିଲା । ଏହା ଜନସଂଖ୍ୟା ନିୟନ୍ତ୍ରଣ ଏବଂ ବିଦ୍ୟମାନ ଉତ୍ସଗୁଡିକୁ ପ୍ରଭାବୀ ଢଙ୍ଗରେ ଉପଯୋଗ ସମ୍ବନ୍ଧୀୟ ମଧ୍ୟ ହୋଇଥାଏ ।

**୧.୩.୧: ବିକାଶମୂଳକ ସାମ୍ବାଦିକତାର ସମୀକ୍ଷା**

ବିକାଶମୂଳକ ସାମ୍ବାଦିକତାର ଉତ୍ପତ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା, ସେତେବେଳେ ବିକାଶ ଯୋଗାଯୋଗ ଏସିଆ, ଲାଟିନ ଆମେରିକା ଏବଂ ଆଫ୍ରିକାର ବିକାଶଶୀଳ ଦେଶଗୁଡିକରେ ମଧ୍ୟ ନିଜର ମୂଳଦୂଆ ପକାଇଥିଲା । ଏହା ଜାତୀୟ ବିକାଶ ପାଇଁ ଯୋଗାଯୋଗର ଗୋଟିଏ ବ୍ୟବସ୍ଥିତ ଉପଯୋଗ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗଣମାଧ୍ୟମ ବିକାଶର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏଥିରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ସେମାନଙ୍କର ପରିବେଶକୁ ଭଲଭାବରେ ଜାଣିବା ଏବଂ ବୁଝିବାରେ ସାହାଯ୍ୟ କଲା । ବିକାଶମୂଳକ ସାମ୍ବାଦିକତାକୁ ନିମ୍ନଲିଖିତ ଉପାୟରେ ବ୍ୟାଖ୍ୟା କରାଯାଇଛି, ସେଗୁଡିକ ହେଲା –

- ଖବରର ସାଧାରଣ ଶିକ୍ଷା / ସୂଚନା କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା । ଜନସାଧାରଣଙ୍କୁ ସୂଚନା ପ୍ରଦାନ କରି କିମ୍ବା ବିକାଶମୂଳକ ଚିନ୍ତାଧାରା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ପ୍ରଭାବକୁ ଉଜ୍ଜିବୀତ କରିବା ହୋଇଥାଏ ।
- ଲୋକଙ୍କୁ ସେମାନଙ୍କ ସାମାଜିକ ଆବଶ୍ୟକତାକୁ ବୁଝିବା ଏବଂ ସେଗୁଡିକର ବିକାଶ ନିମନ୍ତେ ସରକାରୀ ଯୋଜନାଗୁଡିକୁ କାହାଣୀ ଆକାରରେ ଅବଗତ କରାଯାଇଥାଏ । ଏହା ସରକାରଙ୍କୁ କାର୍ଯ୍ୟକାରୀ କରିବାପାଇଁ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ଉଠାଇବାପାଇଁ ମଧ୍ୟ ସହାୟକ ହୋଇଥାଏ।
- ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ପ୍ରଦାନ କରି ବିକାଶମୂଳକ ଖବର ଅନ୍ୟ ଗ୍ରାମାଞ୍ଚଳରେ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିପାରେ । ଏହା ଅଣକୃଷିକ୍ଷେତ୍ରର ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିପାରେ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

- ଦୁର୍ନୀତି, ବେରୋଜଗାରୀ, ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ଜାତୀୟ ଚିନ୍ତାଧାରର ମୁକାବିଲା ପାଇଁ ବିକାଶମୂଳକ ସାମ୍ବାଦିକତା କାହାଣୀ ପ୍ରକାଶ କରିବା ଉଚିତ ।

ଏକ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର ବିକାଶ ଦିଗରେ ନିର୍ଦ୍ଦେଶିତ ବିକାଶମୂଳକ ସାମ୍ବାଦିକତା ପ୍ରସଙ୍ଗରେ କେତେକ ସାହିତ୍ୟ ଉପଲବ୍ଧ ରହିଛି । ପାଶ୍ଚାତ୍ୟ ଢଙ୍ଗରେ ଅନୁସନ୍ଧାନ କରାଯାଉଥିବା ଅନୁସନ୍ଧାନକାରୀ ସାମ୍ବାଦିକତା ଏହି ବିକାଶମୂଳକ ପ୍ରକଳ୍ପଗୁଡିକଉପରେ ସରକାର ନଜର ରଖିଥାନ୍ତି ଏବଂ ଜନସାଧାରଣଙ୍କୁ ପ୍ରକୃତ ତଥ୍ୟ ଉପସ୍ଥାପନ କରିଥାନ୍ତି । ତେଣୁ ସରକାର ମଧ୍ୟ ସଚେତନ ହେବେ ଯେ ମିଥ୍ୟା ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ଏହାକୁ ନଜରରେ ରଖାଯାଉଛି ଏବଂ ଦକ୍ଷତାର ସହିତ ସମ୍ପାଦନ କରାଯାଉଛି ।

ବିକାଶମୂଳକ ସାମ୍ବାଦିକତା କ୍ଷେତ୍ରରେ କୁଶଳୀ ଗଣମାଧ୍ୟମର ସ୍ୱତନ୍ତ୍ରତା ଅଧିକ ଆବଶ୍ୟକ । ଏହା ଉଦାରବାଦୀ କ୍ଷମତାସୀନ ଭାବେ ମଧ୍ୟ ଜଣାଶୁଣା । ଯେଉଁଠାରେ ବିକାଶକୁ ବୌଦ୍ଧିକ ପ୍ରସଙ୍ଗ ମଧ୍ୟ କୁହାଯାଇଥାଏ । ଏହିପରି ସାମ୍ବାଦିକତା ଚୀନ୍‌ରେ ଅତି ସାଧାରଣ । ଏହିପରି ସାମ୍ବାଦିକତା ସମାଜରେ ଲୋକମାନଙ୍କ ଆବଶ୍ୟକତା ଅନୁଯାୟୀ ହୋଇଥାନ୍ତି ଏବଂ ଭାଗିଦାରୀ ଯୋଗାଯୋଗକୁ ପ୍ରୋତ୍ସାହନ ଦେଇଥାନ୍ତି। ଏହା ଲୋକମାନଙ୍କ ବିକାଶ ପ୍ରକ୍ରିୟାରେ ଭାଗନେବା ଏବଂ ଲୋକମାନଙ୍କୁ ସ୍ୱାର୍ଥରକ୍ଷା କରିବା ପାଇଁ ପ୍ରେରିତ କରିଥାଏ ।ବିକାଶମୂଳକ ସାମ୍ବାଦିକତାର ସଫଳ କାର୍ଯ୍ୟକାରୀତା ପାଇଁ ସରକାର, ଜନସାଧାରଣ ଏବଂ ସାମ୍ବାଦିକଙ୍କ ମଧ୍ୟରେ ଏକ ସୁସ୍ଥ ବାତାବରଣ ଆବଶ୍ୟକ, ଯେଉଁଠାରେ ସରକାର ଆରମ୍ଭ କରିଥିବା ବିକାଶମୂଳକ ପ୍ରକଳ୍ପର ଭଲ ଏବଂ ଖରାପ ବିଷୟରେ ସୂଚନା ଦେବାରେ ସାମ୍ବାଦିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଗଣମାଧ୍ୟମର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବା ଆବଶ୍ୟକ ଏବଂ ସମସ୍ୟାର ସମାଧାନ ଖୋଜିବାର ଉଦ୍ଦେଶ୍ୟ ସହିତ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ । ଏପରି କରିବାର ସବୁଠାରୁ ଉତ୍ତମ ପ୍ରଣାଳୀ ହେଉଛି ସଫଳତାର କାହାଣୀକୁ ଲୋକଲୋଚନକୁ ଆଣିବା ଯାହା ସେମାନଙ୍କ ପାଇଁ ଜୀବନରେ ବାଧାବିଘ୍ନକୁ ଦୂର କରିବ ଏବଂ ସଫଳତାପୂର୍ବକ ଉଭା ହେବାପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରିପାରିବ । ଅଧିକାଂଶ ବିକାଶଶୀଳ ଦେଶରେ, ବିକାଶର ନୀତି, ସେମାନଙ୍କ ସଫଳତା କିମ୍ବା ବିଫଳତା ଇତ୍ୟାଦି ତଥ୍ୟ କେବଳ ସରକାର ସାମ୍ବାଦିକମାନଙ୍କୁ ପ୍ରଦାନ କରିଥାନ୍ତି । କେତେକ ସମ୍ଭାବନା ରହିଛି ଯେ, ତଥ୍ୟ ମିଥ୍ୟା ହୋଇପାରେ, କାରଣ ନିଜର ଲୋକପ୍ରିୟତା ହରାଇବା ଭୟରେ ସରକାର ଭୂଲ ତଥ୍ୟ ମଧ୍ୟ ଦେଇପାରନ୍ତି। ତେଣୁ ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ବିକାଶଶୀଳ ରାଷ୍ଟ୍ରଗୁଡିକରେ ବିକାଶମୂଳକ ସାମ୍ବାଦିକତା ହେଉଛି ଏକ ପ୍ରକାର ଛଦ୍ମ ଖବର ଯାହା ରାଜନୈତିକ ବିକାଶ ପାଇଁ ପ୍ରଚାର କରାଯାଇଥାଏ । ଏହି ଯୁକ୍ତି ଅନେକ ଏସୀୟ ଦେଶରେ ପ୍ରଚଳିତ ଥିଲା । ସରକାରୀ ପ୍ରକଳ୍ପଗୁଡିକରେ ଏହାର ମାଗଣା ପ୍ରସାର ସ୍ୱରୂପରେ ସାଧାରଣତଃ ଏହାର ଆଲୋଚନା କରାଯାଇଥାଏ । ତେଣୁ ବିକାଶମୂଳକ ସାମ୍ବାଦିକତାରେ ନିରପେକ୍ଷତା ବଜାୟ ରଖିବା ପାଇଁ, ସମ୍ବାଦ ପ୍ରକାଶରେ ପକ୍ଷପାତିତା ହେବା ଅନୁଚିତ ଏବଂ କୌଣସି ପ୍ରକଳ୍ପର ଉଭୟସକାରାତ୍ମକ ଏବଂ ନକାରାତ୍ମକ ଆଲୋଚନା କରିବା ଆବଶ୍ୟକ ।

ଗୋଟିଏ ବିକାଶମୂଳ ପ୍ରକଳ୍ପର ସକାରାତ୍ମକ ଏବଂ ନକାରାତ୍ମକ ଫଳାଫଳ ସମ୍ବନ୍ଧରେ ସ୍ଥାନୀୟ ଜନସାଧାରଣ ଅବଗତ ହେବା ଜରୁରୀ । ଯେହେତୁ, ସାମ୍ବାଦିକତା ଏକ ସାମାଜିକ ଅନୁଷ୍ଠାନଏହା ସମାଜପାଇଁ ଉତ୍ତରଦାୟୀ ଏବଂ ଏହା ଗଣତାନ୍ତ୍ରିକ କର୍ତ୍ତବ୍ୟ ପାଳନ କରିବ ବୋଲି ଆଶା କରାଯାଏ । ଏହାକୁ ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ମଧ୍ୟ ସମ୍ବୋଧନ କରାଯାଉଛି । ଏହି ପ୍ରସଙ୍ଗରେ ଏହାମଧ୍ୟ ଆବଶ୍ୟକ ଯେ, ଗଣମାଧ୍ୟମ ସରକାରଙ୍କ ବିକାଶମୂଳକ ଯୋଜନାକୁ ଉତ୍ସାହିତ କରୁ ଏବଂ ପ୍ରୋତ୍ସାହିତ କରୁ । ସେହିପରି ଭାବେ ଦୁନିଆର ଗୋଟିଏ ଦେଶର ବିକାଶକୁ ପ୍ରୋତ୍ସାହନ ଦିଆଯାଇପାରିବ ଏବଂ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଏକ ଉତ୍ତମ ସମ୍ବନ୍ଧ ମଧ୍ୟ ରକ୍ଷା କରାଯାଇପାରିବ । ସମସ୍ତ ଯୁକ୍ତିକୁ ଧ୍ୟାନରେ ରଖି ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଦ୍ୱାରା ସମାଚାର ଏଜେନ୍ସି ସମ୍ବାଦଦାତାମାନଙ୍କର ବିକାଶମୂଳକ ସାମ୍ବାଦିକତା ଏବଂ ପ୍ରକାଶ ନିମନ୍ତେ ଗୋଟିଏ ପ୍ରକରଣ ପ୍ରଦାନ କରାଯାଇଥିଲା ।

**ସେଗୁଡିକ ହେଉଛି:**

୧. ଯୋଗଦାନର ଭାବନା ସୃଷ୍ଟି କରିବା

୨. ସଚେତନତା ଏବଂ ହୃଦୟଙ୍ଗମ ସୃଷ୍ଟି କରିବା ପାଇଁ ଭବିଷ୍ୟତ ବର୍ତ୍ତମାନ ଉପରେ ନିର୍ଭର କରିଥାଏ ।

୩. ବିକାଶ ଗୋଟିଏ କଠିନ ପରିଶ୍ରମର ପରିଣାମ ଏବଂ ଏହା ସହଜରେ କିମ୍ବା ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କଠାରୁ ମୁକ୍ତ ହେବାପାଇଁ ଆସି ନଥାଏ ।

୪. ବିକାଶମୂଳକ ରିପୋର୍ଟିଂ ନିଶ୍ଚିତଭାବେ ସମାଜରେ ଜଡିତ ହେବା ଉଚିତ ଏବଂ ସେମାନଙ୍କୁ ସେମାନଙ୍କର ଭବିଷ୍ୟତର ମହତ୍ୱକୁ ବୁଝିବାରେ ସାହାଯ୍ୟ କରିବା ଆବଶ୍ୟକ ।

୫. ଏହା ନିଶ୍ଚିତଭାବେ ସେମାନଙ୍କୁ ଉତ୍ସାହିତ କରିବ ଏବଂ ସେମାନଙ୍କୁ ହୃଦୟଙ୍ଗମ କରାଇବ ଯେ, ସେମାନଙ୍କ ଭବିଷ୍ୟତ ସେମାନଙ୍କ ଉପରେ ନିର୍ଭରଶୀଳ ।

୬. ଏହା ନିଶ୍ଚିତଭାବରେ ମେରୁଦଣ୍ଡ ନିର୍ମାଣ ପ୍ରକ୍ରିୟାକୁ ବର୍ଣ୍ଣନା କରିବ

୭. ଏଥିରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ବିକାଶ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିବା ଜରୁରୀ ।

୮. ଏହା କୌଣସି ସମାଜରେ ପରିବର୍ତ୍ତନ ଏବଂ ବିକାଶ ପ୍ରକ୍ରିୟାକୁ ବର୍ଣ୍ଣନା କରିବା ଉଚିତ । ଏଥିରେ ଲୋକମାନଙ୍କୁ ଆଧୁନୀକିକରଣ, ନୂତନ ଅନ୍ୱେଷଣ ଏବଂ ନୂତନ ଉତ୍ପାଦରେ ଲୋକମାନଙ୍କୁ ଦିଗ୍‌ଦର୍ଶନ ହେବାକୁ ପଡିବ ।

୯. ଏଥିରେ ବିକାଶର ନିୟମ ଏବଂ ସର୍ତ୍ତଗୁଡିକୁ ବର୍ଣ୍ଣନା କରିବା ଉଚିତ ।

୧୦. ଏହା ନିଶ୍ଚିତଭାବେ ସେହି ସଫଳତାର କାହାଣୀକୁ ପ୍ରଦାନ କରିବ ଯେଉଁମାନେ ନୂତନ ପ୍ରଯୁକ୍ତିବିଦ୍ୟାକୁ ଆପଣାଇଛନ୍ତି, ନୂତନ ପଦ୍ଧତି ଚେଷ୍ଟା କରିଛନ୍ତି ଏବଂ ସମାଜକୁ ସାହାଯ୍ୟ କରିବାରେ ସଫଳ ହୋଇଛନ୍ତି ।

୧୧. ଏହା ନିଶ୍ଚିତଭାବେ ସମ୍ବେଦନା ଠାରୁ ଦୂରେଇ ରହିବ ଏବଂ ଚିନ୍ତା ସୃଷ୍ଟି କରିବାରୁ ବଞ୍ଚିତ ରହିବା ଆବଶ୍ୟକ, ଯେପରିକି ଏକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି ସମ୍ବେଦନଶୀଳ ଘଟଣାକୁ ପ୍ରକାଶ କରିବା ।

୧୨. ଏହା ଅନ୍ୟ ରିପୋର୍ଟ ଭଳି ଖୁବ୍‌ଶୀଘ୍ର ହେବା ଅନୁଚିତ, ଯାହାର ସମୟ ଅବଧି ଥାଏ ।

୧୩. ଏହା ପ୍ରଭାବଶାଳୀ ହେବା ଆବଶ୍ୟକ ଏବଂ ଅର୍ଥନୈତିକ ଚିନ୍ତାଧାରା, ଯୋଜନା ଏବଂ ବିକାଶର ଧାରାକୁ ଦୃଢ଼ ଭାବରେ ଧାରଣ କରିବା ବ୍ୟତୀତ କୁଶଳୀ ସାମ୍ବାଦିକଙ୍କ ଦ୍ୱାରା ଅନୁସନ୍ଧାନ ମୂଳକ ହେବା ଆବଶ୍ୟକ ।

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମାସ୍ କମ୍ୟୁନିକେସନ ଦ୍ୱାରା ବିକାଶ ରିପୋର୍ଟର ପ୍ରକରଣରେ ଉପରୋକ୍ତ ବିଷୟଗୁଡ଼ିକୁ ପ୍ରଦାନ କରାଯାଇଛି ।

**ଗୋଟିଏ ଉତ୍ତମ ବିକାଶ ଯୋଗାଯୋଗର ଉଦ୍ଦେଶ୍ୟ:**

ବିକାଶ ଯୋଗାଯୋଗର ଉଦ୍ଦେଶ୍ୟଗୁଡ଼ିକୁ ଫୋର୍ସିଥେ ଦ୍ୱାରା ସମ୍ମୁଖରେ ରଖାଯାଇଛି । ଏହା ପରିଭାଷିତ କରିଥାଏ ଯେ:

୧) ବିକାଶମୂଳକ ସାମ୍ବାଦିକତାର ମୌଳିକ ଉଦ୍ଦେଶ୍ୟ ରହିଛି । ଏହା ହେଲା ସୂଚନା ପ୍ରଦାନ କରିବା, ଶିକ୍ଷା ପ୍ରଦାନ କରିବା ଏବଂ ଜନସାଧାରଣଙ୍କ ମନୋରଞ୍ଜନ କରିବା ।

୨) ବିକାଶମୂଳକ ସାମ୍ବାଦିକତାର ଏକ ମୌଳିକ ଉଦ୍ଦେଶ୍ୟ ଅଛି, ଯାହା ଅନୁସନ୍ଧାନ, ବିଶ୍ଳେଷଣ ଏବଂ ବ୍ୟାଖ୍ୟା ଓ ବିକାଶ ପାଇଁ ନିଜକୁ ସମର୍ପଣ କରିବା ।

୩) ବିକାଶର ସଠିକ ସୂଚନା ଦେବା ଆବଶ୍ୟକ, ଯାହା ବିକାଶ ପ୍ରକ୍ରିୟାକୁ ସହଜ କରିଥାଏ ।

୪) ବିକାଶ ସାମ୍ବାଦିକତା ନିଶ୍ଚିତ ଭାବରେ ସରକାରଙ୍କ ଦ୍ୱାରା ବିକାଶର ଯୋଜନା ଏବଂ ନୀତିଗୁଡିକ ଠାରୁ ଆରମ୍ଭକରି ନେତାମାନଙ୍କ ପରସ୍ପର ବୁଝାମଣା ଏବଂ ସରକାରଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ପୂରଣକରିବାର କାମ କରିଥାଏ ।

୫) ଏଥିରେ ଲୋକ ଏବଂ ସମାଜର ବାସ୍ତବିକ ଆବଶ୍ୟକତା ନୀତି ପ୍ରବର୍ତ୍ତାଇବାକୁ ପଡିଥାଏ । ଏହାମଧ ଅଂଶଗ୍ରହଣକାରୀ ପରିବେଶକୁ ଉତ୍ସାହିତ କରିବା ଆବଶ୍ୟକ ଯେଉଁଠି ଲୋକମାନେ ବିକାଶ ନିମନ୍ତେ କାର୍ଯ୍ୟ କରିଥାନ୍ତି ।

୬) ଏଥିରେ ସହଯୋଗ, ଦୀର୍ଘକାଳୀନ ରାଷ୍ଟ୍ରୀୟ ପ୍ରୟାସ, କୃଷି ଉତ୍ପାଦନରେ ଉନ୍ନତି, ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟକର ପ୍ରଥା, ନୂତନ ବିଚାରଧାରାର ସ୍ୱୀକୃତି ଆଦି ବିଷୟବସ୍ତୁ ଦୃଷ୍ଟିକୋଣରୁ ପ୍ରୋତ୍ସାହିତ କରାଯାଉଥିବା ଲୋକଙ୍କ ମଧରେ ଗୋଟିଏ ସୁସ୍ଥ ବାତାବରଣକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ।

୭) ଏଥିରେ ଜାତୀୟ ବିକାଶକୁ ପ୍ରୋତ୍ସାହିତ କରିବା ଉଚିତ ଏବଂ ରାଷ୍ଟ୍ରକୁ ବିକାଶ ନିମନ୍ତେ ଅନୁକୂଳ ଜ୍ଞାନ ଏବଂ ବିଚାରକୁ ସମୃଦ୍ଧ କରିବାର ଗୋଟିଏ ସାମାନ୍ୟ ଲକ୍ଷ୍ୟ ତିଆରି କରିବାରେ ସହାୟକ ହେବା ଆବଶ୍ୟକ ।

ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକରୁ ଆମେ ବୁଝିପାରିବା ଯେ, ବିକାଶମୂଳକ ସାମ୍ବାଦିକତାର ମୌଳିକ ଧାରଣା ଆମକୁ ଜାତୀୟ ବିକାଶ ପ୍ରକ୍ରିୟାରେ ଏକ ସକାରାତ୍ମକ ଅବଦାନ ପ୍ରଦାନ କରିବାପାଇଁ ବିନା କୌଣସି ପ୍ରତିବନ୍ଧକରେ ଗଣମାଧମର ସ୍ୱାଧୀନତାକୁ ସୁନିଶ୍ଚିତ କରିବାକୁ ହେବ । ସେହି ସମୟରେ ଗଣମାଧମର ସ୍ୱାଧୀନତା ମଧ କିଛି ଦାୟିତ୍ୱ ଏବଂ ଦ୍ୱନ୍ଦ ଉପରେ ପ୍ରତିବନ୍ଧକ ରହିବା ଉଚିତ । ଏହାକୁ ନିଜର ସ୍ୱତନ୍ତ୍ରତା ଏବଂ

ସମାଜ ବିକାଶର ଆବଶ୍ୟକତାଗୁଡିକ ସହିତ ରାଷ୍ଟ୍ରର ବିକାଶରେ ଯୋଗଦାନ ଦେବା ଉଚିତ । ଏହାକୁ ରାଷ୍ଟ୍ରୀୟ, ସାଂସ୍କୃତିକ ଏବଂ ଭାଷାର ପ୍ରାସଙ୍ଗିକ, ସୂଚନାକୁ ପ୍ରାଥମିକତା ପ୍ରଦାନ ପୂର୍ବକ ରାଷ୍ଟ୍ରୀୟ ସ୍ୱତନ୍ତ୍ରତାକୁ ପ୍ରୋତ୍ସାହନ ଦେବା ଉଚିତ । ଏହା ଗୋଟିଏ ଦେଶର ଶାନ୍ତି ଏବଂ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ।

## ୧.୪: ବିକାଶମୂଳକ ସାମ୍ବାଦିକତାର ଇତିହାସ ଏବଂ ଉତ୍ପତ୍ତି

ବିକାଶକୁ ପରିଭାଷିତ କିମ୍ବା ମାପିବାର କୌଣସି ଗୋଟିଏ ପାରାମିଟର ନଥାଏ, କାରଣ ବିକାଶର ବିଚାର ଗୋଟିଏ ରାଜ୍ୟରୁ ଅନ୍ୟ ରାଷ୍ଟ୍ର ଭିତରେ ଓ ଗୋଟିଏ ଜିଲ୍ଲାରୁ ଅନ୍ୟ ରାଜ୍ୟ ଭିତରେ ଅଲଗା ଅଲଗା ହୋଇଥାଏ । ପ୍ରତେକ ଦେଶର ବିକାଶରେ ଭିନ୍ନ ଭିନ୍ନ ଆବଶ୍ୟକତା ରହିଛି । ସମାଜରେ ବିକାଶକୁ ଚିହ୍ନଟ କରି ସେଗୁଡିକ ପୂରଣ କରିବା ହିଁ ପ୍ରକୃତ ବିକାଶ ହୋଇଥାଏ । ବିକାଶମୂଳକ ସାମ୍ବାଦିକତା କେବଳ ଦେଶରେ ବିକାଶ ପ୍ରତି ଯାହା କିଛି ହୁଏ ସେଗୁଡିକୁ ପ୍ରସ୍ତୁତ କରିବା ସମ୍ବନ୍ଧରେ ହୋଇ ନଥାଏ । ଏଲନ ଚାକଲେଙ୍କ ଅନୁସାରେ, ବିକାଶମୂଳକ ଯୋଗାଯୋଗ ଆମକୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିକାଶମୂଳକ ପ୍ରକଳ୍ପ ବିଷୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡିକ ପ୍ରକୃତରେ ସଫଳ ହେଉଛି କି ନାହିଁ, ଏହା ମଧ୍ୟ ଧାରଣା ଦେଇଥାଏ । ସୂଚନା ବିକାଶମୂଳକ ସାମ୍ବାଦିକତା ପ୍ରଦାନ କରିବା ବ୍ୟତୀତ ପାଠକମାନଙ୍କୁ ସମାଜର ସମସ୍ୟା ଉପରେ ଆଲୋକପାତ କରିବା ଉଚିତ । ବିକାଶ ଦୃଷ୍ଟିକୋଣରୁ ସାମ୍ବାଦିକତାରେ ଲୋକମାନଙ୍କୁ ଭାଗିଦାରୀତା ମାଧ୍ୟମରେ ସ୍ୱୀକାର କରାଯାଇଥାଏ । ଲୋକମାନଙ୍କୁ ବିକାଶର ପ୍ରକ୍ରିୟାରେ ଯୋଜନା ପ୍ରସ୍ତୁତ କରିବା ଏବଂ ପ୍ରକଳ୍ପକୁ ଆକାର ଦେବା ପ୍ରକ୍ରିୟାରେ ଭାଗ ନେବାପାଇଁ ପ୍ରୋତ୍ସାହିତ କରାଯାଇଥାଏ ।

ଗଣମାଧ୍ୟମରେ ଲୋକମାନଙ୍କ ବିଶ୍ୱାସ ନିମନ୍ତେ ପ୍ରଥମ ସର୍ତ୍ତ ହେଉଛି ବିଶ୍ୱସନୀୟତା । ଲୋକମାନଙ୍କ ଆବଶ୍ୟକତାକୁ ସ୍ୱର ଉତ୍ତୋଳନ କରି ଏବଂ ବାହ୍ୟ ଉତ୍ସ ଉପରେ କୌଣସି ପକ୍ଷପାତ କିମ୍ବା ପ୍ରଭାବ ବିନା ସଠିକ ରିପୋର୍ଟ କରି ବିଶ୍ୱସନୀୟତା ହାସଲ କରାଯାଇ ପାରିବ । ଏଥିରେ ସମାଜର ସାମାଜିକ ଆର୍ଥିକ ସ୍ଥିତିକୁ ସମ୍ମୁଖକୁ ଆଣିବା ଆବଶ୍ୟକ। ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ, ବିକାଶ କିମ୍ବା ବିକାଶମୂଳକକାର୍ଯ୍ୟକଳାପ ପ୍ରକ୍ରିୟାକୁ ରିପୋର୍ଟିଂ କରି ସାମ୍ବାଦିକମାନଙ୍କ ଦ୍ୱାରା ବିକାଶମୂଳକ ପ୍ରକ୍ରିୟାକୁ ସହଜରେ ପ୍ରଭାବିତ କରାଯାଇପାରେ । ପ୍ରକୃତରେ ଏହି ସାମ୍ବାଦିକମାନଙ୍କ କର୍ତ୍ତବ୍ୟ ଏହା ଯେ, ସେମାନେ କୌଣସି ବିକାଶ କାର୍ଯ୍ୟକ୍ରମଗୁଡିକର ସଂଖ୍ୟାରେ ପ୍ରାସଙ୍ଗିତାର ଯାଞ୍ଚ କରନ୍ତୁ ଏବଂ ଉଦ୍ଦେଶ୍ୟମୂଳକ ଭାବେ ପ୍ରକାଶ କରନ୍ତୁ । ସେ ନିଶ୍ଚିତ ଭାବେ ଗୋଟିଏ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଏବଂ ଏହାର ପ୍ରକୃତ ପ୍ରଭାବ ପାର୍ଥକ୍ୟକୁ କଳ୍ପନା କରେ। ଏହି ଯୋଜନାଗୁଡିକ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଢଙ୍ଗରେ ଲୋକମାନଙ୍କ ଉପରେ ପକାଉଥିବା ପ୍ରଭାବ ବିଷୟରେ ପ୍ରକାଶ ହେବା ଜରୁରୀ । ସାମ୍ବାଦିକ ବିକାଶର ଧାରଣାକୁ ପ୍ରକାଶ କରିବା ଜରୁରୀ । ବିକଶିତ ଦେଶର ବିଶେଷଜ୍ଞମାନେ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିକାଶଶୀଳ ଦେଶମାନଙ୍କର ବିକାଶକୁ ନେଇ ଆଗ୍ରହୀ ଥିଲେ ।

ତୃତୀୟ ବିଶ୍ୱରାଷ୍ଟ୍ର ଯାହାର ଅର୍ଥନୈତିକ ଏବଂ ମୋଟ ଜାତୀୟ ଉତ୍ପାଦ ଏବଂ ମୁଣ୍ଡପିଛା ଆୟ ଶିଳ୍ପାୟନ ରାଷ୍ଟ୍ରଗୁଡିକଠାରୁ କମ୍ ଅଟେ । ଏକ ଅନ୍ୟ ଧାରଣା ମଧ୍ୟ ରହିଛି ଯାହା ସୂଚିତ କରେ ଯେ, ତୃତୀୟ ବିଶ୍ୱରାଷ୍ଟ୍ର ଆଧୁନିକବାଦୀଙ୍କ ସହ ଯୋଗଦାନ ନ କରି ପଛୁଆ ରହିବାକୁ ନିଷ୍ପତ୍ତି ନେଇଛନ୍ତି କାରଣ ସେମାନେ ପାଶ୍ଚାତ୍ୟ କିମ୍ବା ଆଧୁନିକ ଆଦର୍ଶରେ ଅଭ୍ୟସ୍ତ ହୋଇ ନଥାନ୍ତି । ଏହା ଅନେକ ଶିକ୍ଷାବିତ୍ ଏବଂ ନୀତି ନିର୍ମାତାଙ୍କ କାର୍ଯ୍ୟକୁ ସେହି କାର୍ଯ୍ୟରେ ନିୟୋଜିତ କରାଇଲା ଯାହା ରାଷ୍ଟ୍ର ନିର୍ମାଣ ଦିଗରେ ଉଦ୍ଦିଷ୍ଟ । ତେଣୁ ରାଷ୍ଟ୍ର ନିର୍ମାଣ ପ୍ରତି ଲକ୍ଷ୍ୟ ରଖାଯାଇଥିବା ସମସ୍ତ ଯୋଗାଯୋଗ ଅନୁସନ୍ଧାନ ଅଭ୍ୟାସବିକାଶମୂଳକ ବ୍ୟାନରରେ ଅନ୍ତର୍ଭୁକ୍ତ । ଏହାକୁ ମାନବ ଯୋଗାଯୋଗର କଳା ଏବଂ ବିଜ୍ଞାନ ଭାବରେ ବ୍ୟାଖ୍ୟା କରାଯାଇଛି ଯାହା ଗୋଟିଏ ରାଷ୍ଟ୍ରକୁ ଦାରିଦ୍ର୍ୟତାରୁ ଅର୍ଥନୈତିକ ଅଭିବୃଦ୍ଧିରେ ରୂପାନ୍ତର କରିବାରେ ସାହାଯ୍ୟ କରେ । ଏହା ସମାଜରେ ସମାନତା ଏବଂ ମାନବ ସାମର୍ଥ୍ୟର ବ୍ୟାପକତା ଦିଗରେ ସହାୟକ ହୋଇଥାଏ ।

**୧.୪.୧: ବିକାଶର ପ୍ରମୁଖ ଦୃଷ୍ଟାନ୍ତ**

ଆମେ ପଢିଛୁ ଯେ, ପ୍ରଖ୍ୟାତ ଜ୍ଞାନୀମାନଙ୍କ ଗବେଷଣା ଏବଂ ଯୋଗାଯୋଗ ବିଚାରଗୁଡିକର ବିକାଶମୂଳକ ବକ୍ତବ୍ୟର ମୂଳଦୁଆ ସୃଷ୍ଟି କରିଛି । ବିଭିନ୍ନ ବିଶେଷଜ୍ଞମାନଙ୍କ ମଧ୍ୟରେ ଡାନିଏଲ ଲେମର ଏବଂ ୱିଲବର୍ ସ୍କ୍ରାମ ବିକାଶମୂଳକ ପ୍ରକ୍ରିୟାରେ ଗଣମାଧ୍ୟମର ପ୍ରଭାବ ଆକଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ, ସହରୀକରଣ ଏବଂ ସ୍ୱାକ୍ଷରତା ହାରର ବୃଦ୍ଧି ଆଧୁନୀକିକରଣର ଏକ ଆବଶ୍ୟକୀୟ ଉପାଦାନ ଯାହା ଗଣମାଧ୍ୟମକୁ ସମାଜ ମଧ୍ୟକୁ ପ୍ରବେଶ କରିବାରେ ସାହାଯ୍ୟ କରିପାରିବ ଯାହା ପରବର୍ତ୍ତୀ ସମୟରେ ଅର୍ଥନୈତିକ ଏବଂ ସାମାଜିକ ଉନ୍ନତିରେ ଅଧିକ ଉନ୍ନତି ଆଣିପାରିବ । ତେଣୁ ସେମାନେ ଦୃଢ଼ ଭାବରେ ବିଶ୍ୱାସ କଲେ ଯେ, ଦର୍ଶକ କିମ୍ବା ସମାଜ ଦ୍ୱାରା ବୃହତ ଭାବେ ଗଣମାଧ୍ୟମର ଉପଯୋଗ ସହରା ଳରେ ହେଉ କିମ୍ବା ଗ୍ରାମାଞ୍ଚଳରେ, ନିର୍ବିଶେଷରେ ସମାଜରେ ବିକାଶର ସମ୍ଭାବନାକୁ ବୃଦ୍ଧି କରିବାରେ ସହାୟତା ଯୋଗାଇପାରିବ ।

ବିକାଶମୂଳକ ପ୍ରକ୍ରିୟାରେ ଗଣମାଧ୍ୟମରେ ଅଧିକ ମହତ୍ୱ ରଖୁଥିବା ଏହି ଦୃଷ୍ଟିକୋଣ ବିକାଶର ପ୍ରମୁଖ ଦୃଷ୍ଟାନ୍ତ ଭାବରେ ମଧ୍ୟ ପରିଚିତ । ଦାରିଦ୍ର୍ୟକୁ ବିକାଶର ଏହି ପ୍ରମୁଖ ଦୃଷ୍ଟାନ୍ତରେ ବିକାଶ ଭାବରେ ଜଣାଯାଇଥାଏ । ଏହା ଚିନ୍ତା କରାଯାଇଥିଲା ଯେ, ଏହି ଦାରିଦ୍ର୍ୟରୁ ବାହାରିବାର ଏକମାତ୍ର ଉପାୟ ହେଉଛି ବିକାଶରେ ପାଶ୍ଚାତ୍ୟ ଆଦର୍ଶକୁ ଅନୁସରଣ କରିବା । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମକୁ କେବଳ ଯାଦୁ ପ୍ରକ୍ରିୟାରେ ଜଣାଯାଉଥିଲା ଯାହା ବିକାଶକୁ ବୃଦ୍ଧି କରିପାରିବ । ବିଶ୍ୱାସ କରାଯାଉଥିଲା ଯେ, ଗଣମାଧ୍ୟମ ଶକ୍ତିଶାଳୀ ପ୍ରବର୍ତ୍ତାଇବା ବାର୍ତ୍ତା ଦେଇ ଏହା କହିପାରିବ ଯାହା ସମାଜକୁ ପାଶ୍ଚାତ୍ୟକରଣ ଏବଂ ପାଶ୍ଚାତ୍ୟ ଚିନ୍ତାଧାରା ଦିଗରେ ବଡ ପଦକ୍ଷେପ ନେବାକୁ ସକ୍ଷମ କରିଥାଏ । ଏହା ବିଶ୍ୱାସ କରାଯାଉଥିଲା ଯେ, ଗଣଯୋଗାଯୋଗ ମାଧ୍ୟମରେ ବୃହତ ଭାବରେ ସମାଜ କିମ୍ବା ରାଷ୍ଟ୍ରର ଲୋକମାନଙ୍କ ପାଇଁ ସୂଚନା ପ୍ରସାରଣ କରାଯାଇପାରିବ ।

କୌଣସି ଅନ୍ୟ ସିଦ୍ଧାନ୍ତ ପରି, ୧୯୭୦ ଦଶକରେ ବିକାଶର ପ୍ରମୁଖ ଦୃଷ୍ଟାନ୍ତ କେତେକ ବିଶ୍ଳେଷଣକାରୀଙ୍କ ଦ୍ୱାରା କରାଯାଉଥିବା ଆଲୋଚନାର ଅଧୀନସ୍ଥ ଥିଲା । କେତେକ ଗବେଷଣାକାରୀଙ୍କ ଦ୍ୱାରା ହୃଦୟଙ୍ଗମ କରାଯାଇଥିଲା ଯେ, ବିକାଶର ପ୍ରକ୍ରିୟାରେ ଗଣମାଧ୍ୟମର ଭୂମିକା କେବଳ ଅପ୍ରତ୍ୟକ୍ଷ ରହିଛି କାରଣ ଏଥିରେ

କେବଳ ସମ୍ବାଦ ପ୍ରସାରଣର ଯୋଗଦାନ ରହିଥାଏ । ଅନ୍ୟ ପ୍ରମୁଖ ଉତ୍ସ ରହିଛି ଯାହା ରାଷ୍ଟ୍ରର ବିକାଶରେ ସିଧା ଯୋଗଦାନ କରିଥାଏ । ଏହା ଅନୁସନ୍ଧାନ କରାଯାଇଥାଏ ଯେ, ପାରମ୍ପରିକ, ଦାରିଦ୍ର୍ୟ, ଅଶିକ୍ଷା ଏବଂ ଅଧିକ ଜନସଂଖ୍ୟା, ପାନୀୟ ଜଳ ଏବଂ ଭୋଜନ ସହିତ ମୌଳିକ ସୁବିଧାର ଅଭାବ, ସ୍ୱାସ୍ଥ୍ୟବାନ ଏବଂ ସ୍ୱଚ୍ଛ ଜୀବନଯାପନର ଅଭାବ, ଉତ୍ତମ ପରିବହନର ଏବଂ ମୌଳିକ ଭିତ୍ତିଭୂମିର ଅଭାବ ପରି କେତେକ ବସ୍ତୁ ଦେଶକୁ ବିକଶିତ କରି ରଖିଛି । ଯେତେବେଳେ କୌଣସି ଦେଶର ବିକାଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଯୋଗଦାନ ଦେଇଥାନ୍ତି ତେଣୁ ଏହା ଅନୁଭବ କରାଯାଇଥାଏ ଯେ, କେବଳ ବୃହତ ଭାବରେ ଗଣମାଧ୍ୟମର ଉପଯୋଗ କିମ୍ବା ପ୍ରଦର୍ଶନ ସମାଜରେ ବିକାଶ ଆଣିପାରିବ ନାହିଁ । ଏକ ବିକଶିତ ସମାଜ ଭିତ୍ତିଭୂମିରେ ପହଞ୍ଚିବା ଗଣମାଧ୍ୟମ ପାଇଁ ମଧ୍ୟ ଆବଶ୍ୟକ ଥିଲା । ଗଠନମୂଳକ ତତ୍ତ୍ୱଜ୍ଞମାନେ ସାମାଜିକ ମଙ୍ଗଳ ପାଇଁ ଗଣମାଧ୍ୟମର ଭୂମିକାକୁ ବିବେଚନା କରିଥିଲେ । ଗଠନମୂଳକ ସିଦ୍ଧାନ୍ତଗୁଡ଼ିକର ସାଧାରଣ ଉଦ୍ଦେଶ୍ୟ ହେଉଛି ବିକାଶର ଗୋଟିଏ ଏମିତି ରୂପରେଖ ପ୍ରସ୍ତୁତ କରିବା ଯାହା ସାଂସ୍କୃତିକ ସ୍ୱତନ୍ତ୍ରତା ଏବଂ ରାଜନୈତିକ ସମ୍ମତିର ଆଧାରରେ ତୃତୀୟ ବିଶ୍ୱସ୍ତରୀୟ ଦେଶଗୁଡ଼ିକ ଦ୍ୱାରା ବିଶେଷ ଭାବରେ ଅନୁକୂଳିତ ହୋଇପାରିବ । କିଛି ପ୍ରମୁଖ ଉପାଦାନ ରହିଛି ଯାହା ବିକାଶର ନୂତନ ଦୃଷ୍ଟାନ୍ତ ନିମନ୍ତେ ଆବଶ୍ୟକ । ସେଗୁଡ଼ିକ ହେଲା:

୧. ଭୂମିହୀନ ଚାଷୀ, ମହିଳା ଓ ଶିଶୁ, ଅନୁସୂଚୀତ ଜାତି ଓ ଜନଜାତି ଗୋଷ୍ଠୀ ପରି ଜନସଂଖ୍ୟାର ଦୂର୍ବଳ ଅଂଶ ଉପରେ ଧ୍ୟାନ କେନ୍ଦ୍ରିତ କରି ବିକାଶ ବିନିଯୋଗ, ସୂଚନା ଏବଂ ସାମାଜିକ ଓ ଅର୍ଥନୈତିକ ଲାଭ ବଣ୍ଟନରେ ସମାନତା ।

୨. ବ୍ୟକ୍ତି ବିଶେଷ, ଗୋଷ୍ଠୀ ଏବଂ ସମ୍ପ୍ରଦାୟ ଦ୍ୱାରା ଆତ୍ମ ବିକାଶର ପ୍ରୟାସକୁ ସୁଗମ କରିବାପାଇଁ ଆଗ୍ରହର ସହିତ ଭାଗୀଦାରି, ଜ୍ଞାନ ବଣ୍ଟନ ଏବଂ ସଶକ୍ତିକରଣ ହେବା ।

୩. ଆତ୍ମନିର୍ଭରଶୀଳତାର ସଂକଳ୍ପକୁ ବିକଶ କରିବା ଯେଉଁଠାରେ ବ୍ୟକ୍ତି କିମ୍ବା ଅଞ୍ଚଳ ସେମାନଙ୍କର ଆବଶ୍ୟକତା ପାଇଁ ଅନ୍ୟ ଅଞ୍ଚଳ ଉପରେ ନିର୍ଭର କରନ୍ତି ନାହିଁ । ବିକାଶ ପ୍ରକ୍ରିୟାରେ ଆତ୍ମନିର୍ଭରଶୀଳତା ଏବଂ ସ୍ୱାଧୀନତାର ସଂକଳ୍ପ ଉଭୟ ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ସଫଳତାର ମୁଖ୍ୟ ଧାରଣାଭାବରେ ବିବେଚନା କରାଯାଉଥିଲା । ଏହା ଅନୁଭବ ହେଲା ଯେ, ପ୍ରକୃତରେ ପ୍ରତ୍ୟେକ ଗ୍ରାମ ଏବଂ ପ୍ରତ୍ୟେକ ରାଷ୍ଟ୍ର ଆତ୍ମ ନିର୍ଭରଶୀଳତାର ଏହି ନୀତିକୁ ଅନୁସରଣ କରିବା ଆବଶ୍ୟକ । ପ୍ରତ୍ୟେକ ରାଷ୍ଟ୍ର ନିମନ୍ତେ ବିଭିନ୍ନ ଉତ୍ସ ଉପହାର ସଦୃଶ ରହିଛି ଏବଂ ସେମାନେ ନିଶ୍ଚିତ ଭାବରେ ସେମାନଙ୍କ ଆତ୍ମବିକାଶ ପାଇଁ ଉପଲବ୍ଧ ଉତ୍ସଗୁଡ଼ିକୁ ବ୍ୟବହାର କରି ବିକାଶମୂଳକରାସ୍ତାରେ ଅଗ୍ରସର ହେବା ଆବଶ୍ୟକ ।

ବିକାଶର ପ୍ରମୁଖ ଦୃଷ୍ଟାନ୍ତରେ ଯୋଗାଯୋଗର ପ୍ରକ୍ରିୟା ବିକାଶକୁ ସୁବିଧାଜନକ କରିବା ପ୍ରଣାଳୀରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଗ୍ରହଣ କଲା । ଆତ୍ମନିର୍ଭରତା କିମ୍ବା ଆତ୍ମ ବିକାଶ ଯୋଜନା ସମାଜରେ କିଛି ପରିବର୍ତ୍ତନ ଆଣିଛି ଯାହା ପ୍ରତ୍ୟେକ ଗ୍ରାମରେ କିମ୍ବା ଯେଉଁଠି ଏହାକୁ ପାଳନ କରାଯାଏ ସେଠାରେ ସାମୁହିକ ଜନଗୋଷ୍ଠୀ ଏବଂ ସାମୁହିକ ଦକ୍ଷତା ସୃଷ୍ଟି ହୋଇଛି । ଏହା ଆଞ୍ଚଳିକ ସ୍ତରରେ ଯୋଜନାର କାର୍ଯ୍ୟକାରୀ ହେଉଛି ଏବଂ ବିକାଶ ତୁରନ୍ତ ଦେଖାଯାଇଛି । ଏହି ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମ ଦ୍ୱାରା ଗ୍ରହଣ କରାଯାଉଥିବା ଭୂମିକା

ସମାଜ କିମ୍ବା ଗୋଷ୍ଠୀକୁ ପ୍ରଯୁକ୍ତି ବିଦ୍ୟାର ସୂଚନା ପ୍ରଦାନ କରିବା ସହିତ ବିକାଶ କ୍ଷେତ୍ରରେଥିବା ସମସ୍ୟାଗୁଡିକର ସମାଧାନ ମଧ୍ୟ କରିଥାଏ । ଏହା ବିକାଶ ସମ୍ବନ୍ଧୀୟ ସୂଚନାକୁ ବହୁଳ ଭାବରେ ପ୍ରସାରିତ କରିବାରେ ମଧ୍ୟ ସହାୟତା କରିଥାଏ ଏବଂ ସ୍ଥାନୀୟ ଗୋଷ୍ଠୀର ଅନୁଭବକୁ ମଧ୍ୟ ବିତରଣ କରିଥାଏ । ଯଦ୍ଦ୍ୱାରା କି ସେମାନେ ଅନ୍ୟ ବ୍ୟକ୍ତି କିମ୍ବା ଅନ୍ୟ ଗ୍ରାମ ନିମନ୍ତେ ମଧ୍ୟ ଉଦାହରଣ ହୋଇପାରିବେ ।

## ୧.୪.୨: ବିକାଶମୂଳକ ଯୋଗାଯୋଗର ବିଭିନ୍ନ ଦୃଷ୍ଟିକୋଣ

ଯେବେଠାରୁ ଭାରତରେ ୧୯୫୦ ମସିହାରେ ବିକାଶମୂଳକ ଯୋଗାଯୋଗର ଆରମ୍ଭ ହୋଇଛି, ସେବେଠାରୁ ଏଥିରେ ଅନେକ ପରିବର୍ତ୍ତନ କିମ୍ବା ସଂଶୋଧନ ମାଧ୍ୟମରେ ଯୋଗାଯୋଗକୁ ସମାଜରେ ବିକାଶ ନିମନ୍ତେ ଉତ୍ତମ ଭାବେ କିପରି ଉପଯୋଗ କରାଯାଇପାରିବ ସେହି ପ୍ରକ୍ରିୟା ଚାଲୁ ରହିଛି । ଅର୍ଥନୈତିକ ଏବଂ ସାମାଜିକ କଲ୍ୟାଣର ପ୍ରକ୍ରିୟାରେ ଯୋଗାଯୋଗର ଭୂମିକାକୁ ଅନେକଥର ପୁନରାବୃତ୍ତି କରାଯାଇଛି । ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ଏବଂ ବର୍ଦ୍ଧିତ ଶିକ୍ଷାନୁଷ୍ଠାନ ଏବଂ ରାଜନୈତିକ କାରଣଗୁଡିକ ସହିତ ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ନୂତନ ଜ୍ଞାନ ଆହରଣ କରୁଛି ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଏକ ଅନୁକ୍ରମଣିକା ଭାବରେ କାର୍ଯ୍ୟ କରିବାରେ ମଧ୍ୟ ନୂତନ ଧାରଣାକୁ ବିକଶିତ କରୁଛି । ବିକାଶ ଯୋଗାଯୋଗ ନିମନ୍ତେ ବିଭିନ୍ନ ଆଭିମୁଖ୍ୟ ରହିଛି । ଯାହା ନିମ୍ନରେ ଆଲୋଚନା କରାଗଲା:-

### ଆଧୁନୀକିକରଣର ବିଭିନ୍ନ ଆଭିମୁଖ୍ୟ

ବିକାଶମୂଳକ ଯୋଗାଯୋଗର ଗୁରୁତ୍ୱ ଯୋଗୁଁ ଏହା ଅନୁଭବ କରାଗଲା ଯେ, ତୃତୀୟ ଦୁନିଆର ଲୋକମାନେ ଆତ୍ମବିଶ୍ୱାସ ପାଇଁ ସେମାନଙ୍କ ଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିକଶିତ ରାଷ୍ଟ୍ରମାନଙ୍କ ସହିତ ସ୍ୱତନ୍ତ୍ର ଶ୍ରେଣୀବଦ୍ଧ ହୋଇ ରହିଲେ ନାହିଁ । ଏହି ବିକଶିତ ରାଷ୍ଟ୍ର ଦାରିଦ୍ର୍ୟ, ଅଶିକ୍ଷିତ ଏବଂ ବେରୋଜଗାରୀ ଭଳି ସମସ୍ୟାଗୁଡିକଠାରୁ ବାହାରିଆସିବାକୁ ଯଥା ସମ୍ଭବ ଚେଷ୍ଟା କରୁଥିଲେ । ବିଶେଷଜ୍ଞଙ୍କ ଦ୍ୱାରା ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଅନେକ ଗବେଷଣାତ୍ମକ ଅଧ୍ୟୟନ ମଧ୍ୟ କରାଯାଇଥିଲା । ବିକାଶମୂଳକ ପ୍ରକ୍ରିୟାର ପ୍ରମୁଖ ଗବେଷଣାରେ ଗୋଟିଏ ଲର୍ନର ଏବଂ ବିଲ୍ବର ଶ୍ରେମ୍ ଦ୍ୱାରା ପାରମ୍ପରିକ ଭାବେ ସମାଜର ମାର୍ଗ ଦର୍ଶନ କରାଯାଇଥିଲା । ଏହା ଅନୁଭବ କରାଗଲା ଯେ, ପାରମ୍ପରିକ ସମାଜକୁ ଆଧୁନିକ ସମାଜରେ ପରିବର୍ତ୍ତନ କରି ବିକାଶ ହାସଲ କରାଯାଇପାରିବ । ଲୋକମାନଙ୍କୁ ଏକତ୍ରୀତ କରିବା ଏବଂ ସେମାନଙ୍କୁ ଆଧୁନିକ କିମ୍ବା ପାଶ୍ଚାତ୍ୟ ପ୍ରଣାଳୀରେ ନିଜର ଆଭିମୁଖ୍ୟ ଏବଂ ଦୃଷ୍ଟିକୋଣକୁ ବଦଳାଇବାକୁ ପ୍ରେରଣା ଯୋଗାଇବା ଥିଲା ଆଧୁନୀକିକରଣ ପ୍ରକ୍ରିୟାରେ ଗଣମାଧ୍ୟମର ପ୍ରମୁଖ ଭୂମିକା । ଏଥିପାଇଁ ଗଣମାଧ୍ୟମକୁ ଗୋଟିଏ ଉପକରଣ ଭାବେ ବିବେଚନା କରାଯାଇଛି ଯାହା ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ ଏବଂ ପରେ ଉଚ୍ଚାଭିଳାଷୀ ଏବଂ ପ୍ରତିଯୋଗିତା ସୃଷ୍ଟି କରାଇପାରିଥାଏ । ଏହା ଅନୁଭବ କରାଗଲା ଯେ, ଗଣମାଧ୍ୟମ ଗ୍ରାମା ଳର ଲୋକମାନଙ୍କର ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଇପାରିବ ଏବଂ ଅଧିକ ପାଶ୍ଚାତ୍ୟ ଜୀବନଶୈଳୀ ପ୍ରଦାନ କରିପାରିବ । ପରବର୍ତ୍ତୀ ପ୍ରସିଦ୍ଧ ସିଦ୍ଧାନ୍ତ ହେଉଛି ଏବରେଟ ଏମ୍ ରୋଜର୍ସଙ୍କ ଦ୍ୱାରା ଉଦ୍ଭାବନ ବିସ୍ତାର ମୂଳତଃ ଲର୍ନର ଦ୍ୱାରା ପ୍ରକାଶିତ ସହାନୁଭୂତିର ଧାରଣାକୁ ଗ୍ରହଣ କରିବା । ସେ କହିଥିଲେ ଯେ, ସମାଜରେ ନୂତନ ସୃଜନଶୀଳତା ବିଷୟରେ ସମ୍ବାଦ କରିବାପାଇଁ ବାର୍ତ୍ତାକୁ ଜ୍ଞାନ, ନିର୍ଣ୍ଣୟ,

କାର୍ଯ୍ୟକାରିତା ଏବଂ ସୁନିଶ୍ଚିତତା ପ୍ରକ୍ରିୟା ଦେଇ ଗତି କରିବାକୁ ପଡିଥାଏ । ଏଠାରେ ଗଣମାଧ୍ୟମ ଚ୍ୟାନେଲଗୁଡିକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ ଗ୍ରହଣ କରାଯାଇଛି ଯାହା ନୂତନ ଚିନ୍ତାଧାରାରେ କାର୍ଯ୍ୟଶୈଳୀର ସୂଚନା ଏବଂ ରହସ୍ୟକୁ ଅନାବରଣ କରିଥାଏ । "magic multipliers"ଶବ୍ଦଟି ସ୍କ୍ରାମ୍‌ଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲା ଯାହାକି ଗଣମାଧ୍ୟମ ସମାଜରେ ପରିବର୍ତ୍ତନ ଆଣିବାକୁ ଶକ୍ତି ରଖିଛି ବୋଲି ଦାବି କରିଥିଲା । ସେ ଏହା ମଧ୍ୟ ଅନୁଭବ କରିଥିଲେ ଯେ, ଦୃଢ଼ ମନୋଭାବ, ମୂଲ୍ୟବୋଧକୁଅଭ୍ୟାସରେ ପରିଣତ କରିବାର ପରୋକ୍ଷ ଉପାୟ ଯାହା ମାଧ୍ୟମରେ ଗଣମାଧ୍ୟମରେ ପରିବର୍ତ୍ତନ ଅଣାଯାଇପାରିବ ।

**ନିର୍ଭରଶୀଳତା ବା ଗଠନମୂଳକ ଆଭିମୁଖ୍ୟ**

ଆଧୁନିକିକରଣର ମଡେଲ ପ୍ରତି ନିର୍ଭରଶୀଳ ସିଦ୍ଧାନ୍ତକୁ ଗୋଟିଏ ପ୍ରତିକ୍ରିୟା ଭାବରେ ୧୯୭୦ ମସିହାରେ ମାର୍କ୍ସବାଦ ଏବଂ ସାମ୍ରାଜ୍ୟବାଦର ସିଦ୍ଧାନ୍ତକୁ ଦୃଢ଼ ଅଭିବ୍ୟକ୍ତି ସହ ପ୍ରକାଶ କରାଯାଇଥିଲା । ନିର୍ଭରଶୀଳତାର ସିଦ୍ଧାନ୍ତକୁ ପଲ ବାରନ (୧୯୬୭) ଏବଂ ଆନ୍ଦ୍ରେ ଗୌଣ୍ଡର ଫ୍ରେଙ୍କ (୧୯୬୭)ଙ୍କ ଦ୍ୱାରା ପ୍ରକାଶ ପାଇଲା ଯେ ବିକାଶର ଅଧୀନରେ କୌଣସି ସ୍ଥାନ ଏବଂ ଅଞ୍ଚଳର ମୌଳିକ ସ୍ଥିତି ନ ଥାଏ । ବିକାଶମୂଳକ ପୁଞ୍ଜିବାଦୀ ଦେଶଗୁଡିକର ନୂତନ ବିକାଶ ଶିଳ୍ପାୟନ ପ୍ରକ୍ରିୟା ଯୋଗୁ ହୋଇଥିଲା ଯାହାକି ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ଅନ୍ୟ ଦେଶଗୁଡିକୁ ଗରିବ କରିଦେଇଥିଲା । ଏମିଲ ଯୁକ୍ତି କରିଛନ୍ତି ଯେ, ଦେଶର ରାଜନୈତିକ ଏବଂ ଅର୍ଥନୈତିକ ଗଠନର ଏହି ପାର୍ଥକ୍ୟ ଗରିବ ଦେଶଗୁଡିକର ଜନସାଧାରଣଙ୍କ ସମ୍ମୁଖକୁ ଆସୁଥିବା ସମସ୍ୟାଗୁଡିକର ପ୍ରମୁଖ କାରଣ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ଯୋଗାଯୋଗର ଏହି ପରିଦୃଶ୍ୟକୁ ବଦଳାଯାଇ ପାରିବ । ସେ ଅନୁଭବ କରିଛନ୍ତି ଯେ, ଯୋଗାଯୋଗ ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ନିମନ୍ତେ ନିର୍ଦ୍ଦେଶିତ, ତତ୍‌ସହିତ ଆଧୁନିକୀକରଣ ଏବଂ ବିକାଶକୁ ଅଣାଯାଇପାରିବ । ସେ ଅନୁଭବ କରିଛନ୍ତି ଯେ, ଗଣମାଧ୍ୟମର ସୂଚନାଗୁଡିକୁ କାର୍ଯ୍ୟକାରୀ କରିବାରୁ ବଞ୍ଚିତ କରା ନଯାଉ ବରଂ ଯୋଗାଯୋଗ ମାଧ୍ୟମରେ ବିକାଶ ନିମନ୍ତେ ଏହାକୁ ପ୍ରେରଣାଦାୟକ ଭାବେ କାର୍ଯ୍ୟକାରୀ କରାଯାଉ ।

**ବିକଳ୍ପ ଆଭିମୁଖ୍ୟ**

କିଛି ସମାଲୋଚକ ବିକାଶ ଯୋଗାଯୋଗର ବିକଳ୍ପ ଅଭିମୁଖ୍ୟର ପ୍ରସ୍ତାବ ରଖିଥିଲେ ଯେଉଁଥିରେ ଆଧୁନିକୀକରଣ ସିଦ୍ଧାନ୍ତ ଏବଂ ନିର୍ଭରଶୀଳତା ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଥିଲା । ଗଣମାଧ୍ୟମର ବୈକଳ୍ପିକ ଆଭିମୁଖ୍ୟ ଗୋଟିଏ ରାଷ୍ଟ୍ରର ସାଂସ୍କୃତିକ ଏବଂ ସାମାଜିକ ପରିଚୟ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଯେଉଁଠି ବିକାଶକୁ ପ୍ରତିବନ୍ଧକ ଭାବେ ଦେଖାଯାଇଛି । ଏହା ଅଂଶଗ୍ରହଣକାରୀ ଆଭିମୁଖ୍ୟରେ ମଧ୍ୟ ଗୁରୁତ୍ୱ ବହନ କରିଛି ଯାହାକୁ ବିକାଶର ମୂଖ୍ୟ କାରଣଭାବେ ଅନୁଭବ କରାଯାଇଥିଲା । ଏହାକୁ ଆଧୁନିକୀକରଣ ଏବଂ ନିର୍ଭରଶୀଳତା ଦୃଷ୍ଟାନ୍ତଗୁଡିକର ଆଲୋଚନାର ପରିଣାମ ସ୍ୱରୂପ ଭାବେ ଦେଖାଯାଇଛି। ବୈକଳ୍ପିକ ଆଭିମୁଖ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାରଣା ହେଲା ବିକାଶର କୌଣସି ସାର୍ବଭୌମିକ ଆଦର୍ଶ ନାହିଁ ଏବଂ ଏହା ବିକାଶର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ, ବହୁମୁଖୀ ଏବଂ ଦୃଢ଼ାତ୍ମକ ପ୍ରକ୍ରିୟା ଯାହା ସମାଜ ଠାରୁ ସମାଜ ଭିନ୍ନ ହୋଇପାରେ । ଏଥିରେ ମହାତ୍ମାଗାନ୍ଧୀଙ୍କ ସିଦ୍ଧାନ୍ତକୁ ଅନୁସରଣ କରାଯାଇଛି, ଯିଏ କି ଆତ୍ମନିର୍ଭରଶୀଳତା ଏବଂ ସ୍ୱତନ୍ତ୍ର ଚିନ୍ତାଧାରାକୁ ଗୁରୁତ୍ୱ ଦେଇଥିଲେ ।

ଏହା ମଧ୍ୟ ମାନବ ଅଧିକାର ଆନ୍ଦୋଳନ ସହିତ ଏକୀଭୂତ ହୋଇଛି ଯାହାକି ମଣିଷକୁ ଜୀବନରେ ସମ୍ମାନ ହାସଲ କରିବାରେ ଓ ବନ୍ଧନମୁକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରୀତ କରିଥାଏ ।

ପ୍ରଫେସର ମୃଣାଳ ଚଟାର୍ଜୀଙ୍କ ଦ୍ୱାରା ବିକାଶ ସାମ୍ବାଦିକତା ଉପରେ ଭିଡିଓ ଲେକଚର୍ ।

## ୧.୫: ଆସ ପ୍ରଗତି ମାପିବା

୧. ବିକାଶମୂଳକ ଯୋଗାଯୋଗରେ ଗଣମାଧ୍ୟମର ଗୁରୁତ୍ୱକୁ ଲେଖ ।

------------------------------------------------------------------

------------------------------------------------------------------

--------------------------------

୨. ବିକାଶମୂଳକ ଯୋଗାଯୋଗରେ ବିଭିନ୍ନ ଆଭିମୁଖ୍ୟ କ'ଣ ?

------------------------------------------------------------------

------------------------------------------------------------------

--------------------------------

୩. ବିକାଶରେ ପ୍ରଚଳିତ ପ୍ରମୁଖ ଦୃଷ୍ଟାନ୍ତ ଗୁଡିକ କ'ଣ ?

------------------------------------------------------------------

------------------------------------------------------------------

--------------------------------

# ୟୁନିଟ୍ – ୨: ଭାରତରେ ସାମ୍ବାଦିକତାର ବିକାଶ


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ଭାରତରେ ବିକାଶମୂଳକ ସାମ୍ବାଦିକତାର ପୃଷ୍ଠଭୂମୀ

୨.୨.୧: ଭାରତୀୟ ଗଣମାଧ୍ୟମ ଏବଂ ବିକାଶମୂଳକ ସାମ୍ବାଦିକତା

୨.୨.୨: ଭାରତୀୟ ଖବରକାଗଜ ଦ୍ୱାରା ବିକାଶମୂଳକ ରିପୋର୍ଟିଂ

୨.୨.୩: ଭାରତରେ ବିକାଶମୂଳକ ରିପୋର୍ଟିଂରେ ସମସ୍ୟା

୨.୩: ବିକାଶମୂଳକ ସମ୍ବାଦ ଏବଂ କାହାଣୀ ଲେଖିବା

୨.୪: ଫିଚର ଏବଂ ପ୍ରବନ୍ଧ

୨.୪: ଆସ ପ୍ରଗତି ମାପିବା


## ୨.୧: ପଠନର ଉଦ୍ଦେଶ୍ୟ

**ଏହି ୟୁନିଟ୍ ଲକ୍ଷ୍ୟ ରଖେ**

୧. ଭାରତରେ ବିକାଶମୂଳକ ସାମ୍ବାଦିକତାର ପୃଷ୍ଠଭୂମି ଏବଂ ବିକାଶ ପାଇଁ ଭାରତୀୟ ଗଣମାଧ୍ୟମ କିପରି କାର୍ଯ୍ୟ କରିଛି ତାହାର ବିବରଣୀ ପ୍ରଦାନ କରିବା ।

୨. ବିକାଶମୂଳକ ସମ୍ବାଦ କାହାଣୀ ଏବଂ ବୈଶିଷ୍ଟ୍ୟଗୁଡିକ କିପରି ଲେଖାଯିବ ଏହା ଉପରେ ଅନ୍ତର୍ନିହିତ ସୂଚନା ପ୍ରଦାନ କରିବା ।

## ୨.୨: ଭାରତରେ ବିକାଶମୂଳକ ସାମ୍ବାଦିକତାର ପୃଷ୍ଠଭୂମି

### ୨.୨.୧: ଭାରତୀୟ ଗଣମାଧ୍ୟମ ଏବଂ ବିକାଶମୂଳକ ସାମ୍ବାଦିକତା

ଏହା କୌତୁହଳର ବିଷୟ ଯେ, ବିକାଶମୂଳକ ସାମ୍ବାଦିକତାର ଧାରଣା ଭାରତରେ ଭାରତୀୟ ଗଣମାଧ୍ୟମ ଦ୍ୱାରା ବିକଶିତ କରାଯାଇଥିଲା । ଏହା ପୂର୍ବରୁ ମଧ୍ୟ ବିକାଶମୂଳକ ସାମ୍ବାଦିକତା ଶବ୍ଦର ଗୁରୁତ୍ୱ ରହିଥିଲା । ଭାରତରେ ସାମ୍ବାଦିକତାର ଆରମ୍ଭ ୧୭୮୦ରେ ଜେମ୍ସ ଅଗଷ୍ଟସ ହିକ୍କିଙ୍କ ଦ୍ୱାରା ପ୍ରଥମ ଖବରକାଗଜ ପ୍ରକାଶ ପାଇଥିଲା ଯାହା "ବେଙ୍ଗଲ ଗ୍ୟାଜେଟ୍" ତଥା "କଲିକତା ଜେନେରାଲ୍ ଆଡଭର୍ଟାଇଜର" ନାମରେ ପରିଚିତ । ଏହା ଏକ ସାପ୍ତାହିକ ଖବରକାଗଜ ଭାବେ ପରିଚାଳିତ କରାଯାଇଥିଲା ଯାହାକି କଲିକତାରେ ଅବସ୍ଥାପିତ ବ୍ରିଟିଶ ଲୋକଙ୍କ ଅର୍ଥନୈତିକ ତଥା ସାଂସ୍କୃତିକ କାର୍ଯ୍ୟକଳାପର ତଥ୍ୟକୁ ପ୍ରକାଶ କରୁଥିଲା । ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦ୍ୱାରା ଅନ୍ୟ ଲୋକପ୍ରିୟ ଖବରକାଗଜଗୁଡିକ ଯେପରିକି ସମ୍ବାଦ କୌମୁଦି, ମିରୁତୁଲ ଆଖବାର, ବ୍ରାହ୍ମିନିକାଲ ମ୍ୟାଗାଜିନ୍ ଆଦି ପ୍ରକାଶ ପାଉଥିଲା । ସେ ତାଙ୍କର ଅନ୍ୟ ସାଥୀମାନଙ୍କ ସହିତ ସମାଜରେ ଲୋକମାନଙ୍କୁ ଶିକ୍ଷିତ କରିବା ଏବଂ ହିନ୍ଦୁ ସମାଜରେ ସଂସ୍କାର ଆଣିବାପାଇଁ ପ୍ରୟାସ କରୁଥିଲେ । ଭାରତୀୟ ସମାଜରେ ସତୀପ୍ରଥା ପରି

ପୁରାତନ ପରମ୍ପରା ପ୍ରଚଳିତ ଥିଲା ଯାହାକୁ ସେ ପସନ୍ଦ କରି ନଥିଲେ ସେ ଏହାକୁ ସାମାଜିକ କୁପ୍ରଥା ବୋଲି ବିବେଚନା କରିଥିଲେ । ତେଣୁ ସେ ସତୀଙ୍କ ପ୍ରତି ନିଷ୍ଠୁର ପ୍ରଥାକୁ ଉଚ୍ଛେଦ କରିବା ଦିଗରେ ନିଜର ପ୍ରଚେଷ୍ଟାକୁ ନିର୍ଦ୍ଦେଶିତ କରିଥିଲେ । ନିରନ୍ତର ପ୍ରଚେଷ୍ଟା ସହିତ ସେ ୧୮୩୯ରେ ଲର୍ଡ ବେଣ୍ଟିଙ୍କଙ୍କ ସହାୟତାରେ ଏହି ସାମାଜିକ କୁପ୍ରଥାକୁ ଦୂରେଇବାରେ ସକ୍ଷମ ହୋଇଥିଲେ ଯାହା ସତୀପ୍ରଥାକୁ ସମାପ୍ତ କରିଦେଇଥିଲା । ରାଜା ରାମମୋହନ ରାୟ ବ୍ରହ୍ମ ସମାଜର ସଂସ୍ଥାପକ ମଧ୍ୟ ଥିଲେ ସେ ସମାଜର ସମସ୍ତ ବୁଦ୍ଧିଜୀବୀଙ୍କୁ ସମାଜରେ ପ୍ରଚଳିତ ସମସ୍ତ ସାମାଜିକ କୁପ୍ରଥା ବିରୋଧରେ ଲଢ଼ିବା ପାଇଁ କହିଥିଲେ । ଯେତେବେଳେ ସମାଜ ସଂସ୍କାର ହେଉଥିଲା ସେତେବେଳେ ହଠାତ ଆଙ୍ଗ୍ଲୋଇଣ୍ଡିଆନ ଖବରକାଗଜ ଆକ୍ରମଣ ମଧ୍ୟ ହୋଇଥିଲା । ଯାହାକି ପ୍ରସାରିତ ହୋଇସାରିଥିଲା । ୧୮୬୦ ରୁ ୧୮୯୯ ମଧ୍ୟରେ ଏହି ଆଙ୍ଗ୍ଲୋଇଣ୍ଡିଆନ ଅନ୍ୟ ଜାତୀୟ ଖବରକାଗଜ ମଧ୍ୟରେ ଲୋକପ୍ରିୟତା ହାସଲ କରିସାରିଥିଲା ।

ସ୍ୱାଧୀନତା ସଂଗ୍ରାମର ଏହି ଅବଧିରେ ସୁରେନ୍ଦ୍ରନାଥ ବାନାର୍ଜୀ, ବିପିନଚନ୍ଦ୍ର ପାଲ, ସୁବ୍ରମଣ୍ୟମ୍ ଆୟାର, ମୋତିଲାଲ ଘୋଷ, ବାଲ ଗଙ୍ଗାଧର ତିଲକ, ଦାଦାଭାଇ ନାରୋଜୀ ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଥିଲେ । ତେଣୁ ସାମ୍ବାଦିକତାକୁ ଲୋକମାନଙ୍କୁ ଏକତ୍ରୀତ କରିବାର ଭାବନା ସହିତ ଗୋଟିଏ ସକ୍ରିୟ ଉପକରଣ ଭାବେ ବିବେଚନା କରାଗଲା । ଜାତିର ଜନକ ମହାତ୍ମାଗାନ୍ଧୀ ଅନୁଭବ କରିଥିଲେ ଯେ, ସାମ୍ବାଦିକତାର ମୁଖ୍ୟ କାର୍ଯ୍ୟ ଥିଲା ଲୋକମାନଙ୍କୁ ସୂଚୀତ କରିବା ଏବଂ ସେମାନଙ୍କ ସେବା କରିବା । ସେ ବିଶ୍ୱାସ କରୁଥିଲେ ଯେ, ସମ୍ବାଦପତ୍ରର ମୁଖ୍ୟ କାର୍ଯ୍ୟ ଏବଂ ସଫଳତା ସେହି ଲୋକମାନଙ୍କ ସଂଖ୍ୟା ଉପରେ ନିର୍ଭର କରିଥାଏ ଯେଉଁମାନେ ଏମାନଙ୍କୁ ଶିକ୍ଷିତ କରିପାରିବେ ଏବଂ ସମାଜରେ ସଚେତନତା ସୃଷ୍ଟି କରିପାରିବେ । ସେ କହିଥିଲେ, ତାଙ୍କ ଜୀବନରେ ସାମ୍ବାଦିକତାକୁ ସେ ଏକ ସାଧନ ଭାବେ ଗ୍ରହଣ କରିଛନ୍ତି ଯାହା ତାଙ୍କୁ ତାଙ୍କ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ । ଗାନ୍ଧୀ ତାଙ୍କ ଲେଖାର ପ୍ରଭାବଶାଳୀ ଉପଯୋଗ ମାଧ୍ୟମରେ ସତ୍ୟାଗ୍ରହ ତଥା ଅହିଂସାକୁ ସତ୍ୟର ଅନ୍ୟ ଏକ ଅସ୍ତ୍ରଭାବେ ବ୍ୟବହାର କରିଥିଲେ । ସେ ଇଣ୍ଡିଆନ ଓପନିୟନ, ୟଙ୍ଗ ଇଣ୍ଡିଆ ଏବଂ ହରିଜନ ସ୍ତମ୍ଭରେ ଲେଖିଛନ୍ତି ଯେ, ସେ ଗ୍ରାମାଞ୍ଚଳର ଜନତା ତଥା ଦେଶର ଅନ୍ୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ କଥା ହେଉଥିଲେ, ଯାହାକୁ ଦେଶର ଅଭିବୃଦ୍ଧିରେ ପ୍ରତିବନ୍ଧକ ବୋଲି ବିବେଚିତ କରାଯାଇଥିଲା । ଉଦାହରଣ ସ୍ୱରୂପ ସେ ସାମ୍ପ୍ରଦାୟିକ ହିଂସା, ଅସ୍ପୃଶ୍ୟତାର ମନ୍ଦ ପ୍ରଭାବ, ସତୀପ୍ରଥା ପରି ଅନାବଶ୍ୟକ ପ୍ରଥା ଆଦି ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ । ଦେଶରେ ପ୍ରାକୃତିକ ଭାବରେ ଉପଲବ୍ଧ ସଂଶାଧନଗୁଡିକୁ ବ୍ୟବହାର କରି ଗ୍ରାମଦ୍ୟୋଗକୁ ପ୍ରୋତ୍ସାହନ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବ୍ୟବହାର କରି ନିଜ ଲେଖାରେ ବିକାଶ ଆଣିବା ବିଷୟରେ କହୁଥିଲେ । ସେ ନିଜ ଲକ୍ଷ୍ୟରେ ଆଗକୁ ବଢ଼ିବା ପାଇଁ ସାମ୍ବାଦିକତାକୁ ଗୋଟିଏ ଉପକରଣ ଭାବେ ବ୍ୟବହାର କରୁଥିଲେ । ସ୍ୱାଧୀନତା ପରର ବିକାଶ ଯୋଜନା ସହିତ ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଖବରକାଗଜର ଭୂମିକା ତଥା ବିକାଶମୂଳକ ଯୋଜନା ତଥା ପଞ୍ଚବାର୍ଷିକ ଯୋଜନା ସମ୍ବନ୍ଧୀୟ ସୂଚନା ଅତୁଳନୀୟ ଥିଲା । ଖବରକାଗଜଗୁଡିକ ରାଷ୍ଟ୍ରର ବିକାଶ ନୀତିକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ସେଗୁଡିକ ବିଷୟରେ ବିସ୍ତୃତ ଲେଖା ପ୍ରକାଶ କରୁଥିଲେ ।

ଜନସାଧାରଣଙ୍କ ଦ୍ୱାରା ବିକାଶ ଯୋଜନାଗୁଡିକ କିପରି ବ୍ୟବହାର କରାଯାଇ ପାରିବ ସେ ସମ୍ବନ୍ଧରେ ଖବର ରହୁଥିଲା । ବିକାଶ ରିପୋର୍ଟିଂରେ ଭାରତୀୟ ଗଣମାଧ୍ୟମର ଭୂମିକା ନିମ୍ନରେ ଦର୍ଶାଗଲା:

### ୨.୨.୨: ଭାରତୀୟ ଖବରକାଗଜ ଦ୍ୱାରା ବିକାଶମୂଳକ ରିପୋର୍ଟିଂ

ପ୍ରେସ୍ ଦ୍ୱାରା ଗଣମାଧ୍ୟମର ବିକାଶମୂଳକ ବାର୍ତ୍ତାକୁ ପ୍ରକାଶ କରିବାର କିଛି ସର୍ବୋତ୍ତମ ଉଦାହରଣ ରହିଛି । ଗ୍ରାମାଞ୍ଚଳର ଲୋକଙ୍କୁ ବିକାଶମୂଳକ ବାର୍ତ୍ତା ବିସ୍ତାର କରିବାରେ ସେମାନେ ସାହାଯ୍ୟ କରିଛନ୍ତି । ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସମ୍ବନ୍ଧରେ ଗଣମାଧ୍ୟମ ଲୋକଙ୍କୁ ଅବଗତ କରାଇଛି ଏବଂ ସମାଜ ସମ୍ମୁଖୀନ ହେଉଥିବା ବିକାଶମୂଳକ ପ୍ରସଙ୍ଗରେ ଜନସାଧାରଣଙ୍କୁ ମଧ୍ୟ ଶିକ୍ଷା ପ୍ରଦାନ କରିଛି । ବିକାଶ ଦିଗରେ ଭାରତୀୟ ଗଣମାଧ୍ୟମର ସର୍ବୋତ୍ତମ ଉଦାହରଣ ଗ୍ରାମାଞ୍ଚଳରେ ଛତେରା ପ୍ରକଳ୍ପ । ହିନ୍ଦୁସ୍ଥାନ ଟାଇମ୍ସର ଫିଚର ହେଲା ଯାହା "ଆମ ଗ୍ରାମର ଛତେରା" ୧୯୬୯ ମସିହାରେ ଆରମ୍ଭ ହୋଇଥିଲା । ଯାହାକୁ ଏକ ବିଶେଷ ସ୍ତମ୍ଭ ଭାବରେ ଗ୍ରାମାଞ୍ଚଳର ବିଶେଷତାଗୁଡିକୁ ଦସ୍ତାବିଜକରଣ କରାଯାଇଛି । ଭାରତର ବିକାଶରେ ଗଣମାଧ୍ୟମର ଭୂମିକାର ଉଦାହରଣ ହେଉଛି ଗ୍ରାମାଞ୍ଚଳରେ ଛତେରା ପ୍ରକଳ୍ପ । ମୂଳତଃ ଏହା ଏକ ଅନୁସନ୍ଧାନମୂଳକ ପ୍ରକଳ୍ପ ଥିଲା ଯେଉଁଥିରେ ସମ୍ବାଦଦାତାମାନଙ୍କର ଗୋଟିଏ ଦଳ ଥିଲା ଯେଉଁମାନେ ଗ୍ରାମା ଳରେ ହେଉଥିବା ବିଭିନ୍ନ ପ୍ରଗତିକୁ ପ୍ରକାଶ କରୁଥିଲେ । ସେମାନେ ସଚ୍ଚୋଟତା ଏବଂ ଅଧିକ ଆଗ୍ରହ ସହିତ ଗ୍ରାମବାସୀଙ୍କୁ ଉତ୍ସାହିତ କରିବାପାଇଁ ତଥା ଗ୍ରାମୀଣ ସମ୍ବଳର ପ୍ରକୃତ ସାମର୍ଥ୍ୟକୁ ବାହ୍ୟ ଜଗତକୁ ଜଣାଇବା ପାଇଁ ଆଶୀର୍ବାଦ ସ୍ୱରୂପ କାର୍ଯ୍ୟ କରୁଥିଲେ ।

ସେ ଏହା ମଧ୍ୟ ସୁନିଶ୍ଚିତ କରିଥିଲେ ଯେ, ସମାଜରେ ଗ୍ରାମର ସଦସ୍ୟ ସମ୍ମୁଖ ହେଉଥିବା ଅସୁବିଧାଗୁଡିକ ସମ୍ବନ୍ଧରେ ସେହି ରାଜ୍ୟ ଏବଂ ଦେଶର ସହରର ସଦସ୍ୟମାନେ ଅବଗତ ହୁଅନ୍ତୁ ଯଦ୍ୱାରାକି ସେମାନେ ମଧ୍ୟ ବିକାଶ ଦିଗରେ ଯୋଗଦାନ କରିପାରିବେ । ଆଜି ସେମାନେ ଗ୍ରାମର ଘଟଣା ଏବଂ ବହୁ ବିକାଶମୂଳକ କାର୍ଯ୍ୟକଳାପକୁ ବହୁମୁଖୀୟ ଭାବେ ସମ୍ପାଦନା କରିଥିଲେ । କାହାଣୀର ସଫଳତା ଖୁବ୍‌ଶୀଘ୍ର ଦେଖିବାକୁ ମିଳେ ଏବଂ ଛତେରା କେତେକ ସହରୀ ପରିବାର ଯେଉଁମାନେ ଖବରକାଗଜରେ ଛତେରାକୁ ପଢ଼ନ୍ତି ସେମାନଙ୍କର ମଧ୍ୟ ବିଷୟବସ୍ତୁ ହୋଇଗଲା । ସମାଜର ଅନେକ ବିଭାଗ ମଧ୍ୟରେ ଗ୍ରାମର ଲୋକପ୍ରିୟତା ବଢ଼ିଗଲା ।

ଅନ୍ୟ ଉଦାହରଣ ଭାବେ କେରଳର ଖବରକାଗଜ ଅନ୍ତର୍ଭୁକ୍ତ ଯାହା ନିଜ ରାଜ୍ୟର ଗ୍ରାମା ଳର ବିକାଶକୁପ୍ରକାଶ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ମଲାୟାଲା ମନୋରମା ଏବଂ ମାତୃଭୂମି ପରି ପ୍ରସିଦ୍ଧ ମଲାୟାଲମ ଖବରକାଗଜ ଦେଶରେ ଅଗ୍ରଣୀ ରହିଥିଲା ଯାହା ରାଜ୍ୟରେ କୃଷି କ୍ଷେତ୍ରରେ ବିଶେଷତାକୁ ଗୁରୁତ୍ୱ ଦେଇ ଲେଖା ପ୍ରକାଶ କରିବା ଆରମ୍ଭ କଲା । ସେମାନେ ପ୍ରତ୍ୟେକ ସପ୍ତାହରେ ଏହି ଉଦ୍ଦେଶ୍ୟରେ ଗୋଟିଏ ପୃଷ୍ଠା ବଣ୍ଟନ କରୁଥିଲେ, ଏହିପରି ଭାବରେ କେରଳର ଗ୍ରାମାଞ୍ଚଳ କ୍ଷେତ୍ରର ବିକାଶରେ ସହାୟକ ହେଲେ ।

ପରବର୍ତ୍ତୀ ଉଦାହରଣ ହେଉଛି ବହୁଳ ଭାବରେ ପ୍ରସାରିତ ରାଷ୍ଟ୍ରୀୟ ଦୈନିକ "ଦି ହିନ୍ଦୁ" ଯାହା ବିକାଶକୁ ପ୍ରକାଶ କରିବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲା । ହିନ୍ଦୁ ଗ୍ରାମୀଣ ଅଞ୍ଚଳ ତଥା କୃଷି କ୍ଷେତ୍ରର ବିକାଶ ସମ୍ବନ୍ଧରେ ପ୍ରକାଶ କରିବାପାଇଁ ଗୋଟିଏ ସମ୍ବାଦଦାତା ନିଯୁକ୍ତ କରିବାର ପଦକ୍ଷେପ ନେଇଥିଲେ ।

ବର୍ତ୍ତମାନ ଚାଲୁ ରହିଥିବା ପ୍ରକଳ୍ପ ଏବଂ କୃଷକମାନଙ୍କ ପ୍ରତି ସରକାରୀ ଅଧିକାରୀଙ୍କ ଦୃଷ୍ଟିଭଙ୍ଗୀ ଖବରକାଗଜରେ ପ୍ରକାଶ କରିବାର ଚମତ୍କାର କାର୍ଯ୍ୟ କରିଛି । ବ୍ୟବସାୟୀମାନେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିବା ପ୍ରସଙ୍ଗକୁ ମଧ୍ୟ ଆଲୋକପାତ କରାଯାଇଛି । ଏହା ଗ୍ରାମାଞ୍ଚଳର ଭିନ୍ନ ଭିନ୍ନ ରିପୋର୍ଟିଂରେ ଗୋଟିଏ ସ୍ତମ୍ଭକୁ ସମର୍ପିତ କରିଛି, ଯାହା କୃଷକ ନୋଟବୁକ ଭାବେ ପରିଚିତ । ଏହି ସ୍ତମ୍ଭରେ କୃଷି ସମ୍ବନ୍ଧୀୟ ଅତ୍ୟାଧୁନିକ ଅନୁସନ୍ଧାନ ଫଳାଫଳ ଏବଂ ବିଭିନ୍ନ ଅଞ୍ଚଳରେ ସେମାନଙ୍କର ପରିସର ଏବଂ ବ୍ୟବହାର ମଧ୍ୟ ରହିଥିଲା। ଏହା କୃଷି ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସେହି ଅଭିନବୀକରଣ ସମ୍ବନ୍ଧରେ କୁହାଯାଇଛି ଯେଉଁ ସ୍ତମ୍ଭ କୃଷି ଏବଂ ଅଣକୃଷି ଉଭୟ କ୍ଷେତ୍ରର ବିକାଶ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିବାରେ ସଫଳ ଥିଲେ ।

ବିକାଶମୂଳକ ଯୋଗାଯୋଗରେ ପ୍ରସିଦ୍ଧ ପତ୍ରକାର ପି.ସାଇନାଥ ପାଞ୍ଚଟି ରାଜ୍ୟର ଦଶଟି ଦାରିଦ୍ର୍ୟ ଜିଲ୍ଲା ପରିଦର୍ଶନ କରି ସେହି ଅଞ୍ଚଳରେ ରହୁଥିବା ବାସ୍ତବିକ ସ୍ଥିତିକୁ ପ୍ରକାଶ କରିଥିଲେ । ତାଙ୍କୁ ଟାଇମ୍ସ ଅଫ୍ ଇଣ୍ଡିଆ ଫେଲୋଶିପ୍‌ରେ ସମ୍ମାନୀତ କରାଯାଇଥିଲା ଏବଂ ସେ ଦୂରଦୂରାନ୍ତ ସ୍ଥାନରେ ଭାରତର ସୁଦୂର ଜମିଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଅଞ୍ଚଳଗୁଡ଼ିକୁ ମୁଖ୍ୟ ସ୍ରୋତର ଗଣମାଧ୍ୟମ ଦ୍ୱାରା ଅଣଦେଖା କରାଯାଇଥିଲା ଏବଂ ସେମାନେ ମଧ୍ୟ ଏହି ଗ୍ରାମଗୁଡ଼ିକଉପରେ ସେମାନଙ୍କ ଜୀବନ ଅବସ୍ଥାକୁ ଆଲୋକିତ କରିବାକୁ ଏବଂ ସେମାନଙ୍କ ମୌଳିକ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ଇଚ୍ଛୁକ ନ ଥିଲେ । ପି.ସାଇନାଥଙ୍କ ଦ୍ୱାରା କରାଯାଇଥିବା ଗବେଷଣା କାର୍ଯ୍ୟ ସମ୍ବନ୍ଧରେ ୮୪ଟି ରିପୋର୍ଟ ଆସିଥିଲା । ଏହି ରିପୋର୍ଟରେ ଗ୍ରାମାଞ୍ଚଳର ଲୋକମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ରହିଥିଲା । ଯେପରିକି ଖାଦ୍ୟ, ବାସସ୍ଥଳୀ, ମୌଳିକ ଶିକ୍ଷା, ମୌଳିକ ସ୍ୱାସ୍ଥ୍ୟ ଅବସ୍ଥା, ବଳପୂର୍ବକ ସ୍ଥାନାନ୍ତର, ଅତ୍ୟଧିକ ଦାରିଦ୍ର୍ୟତା ପରି ଆବଶ୍ୟକତାକୁ ପୂରଣ କରିବା ଇତ୍ୟାଦି । ଏଥିରେ କେତେକ ରିପୋର୍ଟକୁ ବ୍ୟାପକଭାବରେ ପ୍ରକାଶ କରାଯାଇଥିଲା ଏବଂ ସେଗୁଡ଼ିକର ନିଷ୍କର୍ଷକୁ ସେମାନଙ୍କ ପ୍ରସିଦ୍ଧ ପୁସ୍ତକ "ରଙ୍ଗରଵଚଭକ୍ଟୟଚ କ୍ଷକ୍ଟଙ୍ଗରଣ୍ଣ ଇ ଏକ୍ଟକ୍ଟୟ ଯକ୍ଵକ୍ଟଙ୍କଶଷଣ୍ଣ" ରେ ଅନୁପାଳନ କରାଯାଇଥିଲା ।

ଏହି ଯୋଗଦାନ ବ୍ୟତୀତ କେତେକ ଅନ୍ୟ ଖବରକାଗଜ, ବ୍ୟକ୍ତିବିଶେଷ, ସମବାୟ ସମିତି ଏବଂ ନାଗରିକ ବିକାଶମୂଳକ ଯୋଗାଯୋଗ ଦିଗରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି । ସେମାନେ ଗ୍ରାମାଞ୍ଚଳର ଗଣମାଧ୍ୟମକୁ ପ୍ରୋତ୍ସାହିତ କରିବାରେ ଅନେକ ସାହାଯ୍ୟ କରିଛନ୍ତି । ସେମାନେ କୃଷକ, ଗୃହିଣୀ ଏବଂ ପଶୁପାଳକ ଇତ୍ୟାଦିଙ୍କ ଜୀବନକୁ ଆଚ୍ଛାଦିତ କରିବାପାଇଁ ତଥା କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ପ୍ରଗତିର ସୂଚନା ଦେବା ନିମନ୍ତେ ଭାରତୀୟ ଗଣମାଧ୍ୟମର ଫଳପ୍ରଦ ଭାବେ ବ୍ୟବହାର କରିଛନ୍ତି ।

ବିକାଶମୂଳକ ଦିଗରେ ସହଯୋଗ କରିବାରେ ଖବରକାଗଜଗୁଡ଼ିକର ସଫଳତାର କାହାଣୀ ଖେତକାରୀ ଭଳି ଖବରକାଗଜରେ ଦେଖିବାକୁ ମିଳେ ।

ମାସିକ ମରାଠୀ ପତ୍ରିକା ଯାହା ଏହାର ପୃଷ୍ଠାଗୁଡ଼ିକୁ କୃଷି ସମସ୍ୟାରେ ଉତ୍ସର୍ଗ କରିଥିଲା । ଖବରକାଗଜ ଏକଲକ୍ଷରୁ ଅଧିକ କପିକୁ ବିକ୍ରି କଲା । ସେହିଭଳି ମାସିକ ପ୍ରକାଶନ କରୁଥିବା ପଞ୍ଜାବ ଖେତି ଏବଂ ହରିୟାନା ଖେତି ମଧ୍ୟ ଦଶହଜାରରୁ ଅଧିକ କପିକୁ ବିକ୍ରି କରିଥିଲା ।

କ୍ରମଶଃ ଏହି ସମାଚାର ପତ୍ରିକା ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଏବଂ ହରିୟାନା କୃଷି ବିଶ୍ୱବିଦ୍ୟାଳୟର ଥିଲା । ସେମାନଙ୍କ ନିକଟରେ ପାଠକଙ୍କ ଗୋଟିଏ ଗୋଷ୍ଠୀ ରହିଛି ଯାହା ସମାଜର ବିକାଶ ବିଷୟରେ ସୂଚନା ପ୍ରାପ୍ତ କରିବାପାଇଁ ପ୍ରତିଜ୍ଞାବଦ୍ଧ । ଭୋପାଳର ଅନ୍ୟଏକ ଖବରକାଗଜ ରହିଛି କୃଷକ ଜଗତ, ଯାହା ସ୍ୱାଧୀନତା ପୂର୍ବରୁ ପ୍ରକାଶ ପାଇଥିଲା । ଏହା ଭାରତର ସର୍ବପୁରାତନ କୃଷି ପତ୍ରିକା ମଧ୍ୟରୁ ଅନ୍ୟତମ । ଏହି ଖବରକାଗଜ ଆଞ୍ଚଳିକ ଭାଷା ହିନ୍ଦୀରେ ପ୍ରକାଶିତ ଏବଂ ଏହାର ସମର୍ପିତ ପାଠକଙ୍କ ସଂଖ୍ୟା ଅଧା ମିଲିୟନରୁ ଅଧିକ । ଏହା ବହୁଳଭାବରେ ସମବାୟ ସମିତିର ସଦସ୍ୟମାନେ, ଦୁଗ୍ଧ ଉତ୍ପାଦନକାରୀ ଏବଂ ଚାଷୀ ମାଲିକଙ୍କ ମଧ୍ୟରେ ବ୍ୟାପକଭାବରେ ପ୍ରସାରିତ । ଗ୍ରାମର ଅନ୍ୟ ଅଂଶୀଦାରମାନେ ଏହି ଖବରକାଗଜର ଉପଯୋଗ କରିଥାନ୍ତି, ଯାହା ଗ୍ରାମା ଳରେ ଆର୍ଥୀକ ବିକାଶର ସମସ୍ତ କ୍ଷେତ୍ର ଯେପରିକି ଫସଲର ରକ୍ଷଣାବେକ୍ଷଣ, ପଶୁପାଳନ, କୃଷି ଇତ୍ୟାଦିର ବିକାଶର ଗତିବିଧିକୁ ଅନ୍ତର୍ଭୁକ୍ତ କରିଥାଏ । ଅନ୍ୟ ଏକ ସଫଳ ମାସିକ ପତ୍ରିକା "ଗ୍ରାସରୁଟ୍" ପ୍ରେସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ଉଭୟ ଆଞ୍ଚଳିକ ଏବଂ ରାଷ୍ଟ୍ରୀୟ ଭାଷାରେ ପ୍ରକାଶ ପାଉଥିଲା । ଗ୍ରାସରୁଟ୍‌ର ତାମିଲ ସଂସ୍କରଣ ମଧ୍ୟ ୨୦୦୫ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ବେକାରୀ, କୃଷି ସମସ୍ୟା, ମୌଳିକ ଆବଶ୍ୟକତାକୁ ସମାଧାନ କରିବା ଏବଂ ସଫଳତାର କାହାଣୀକୁ ଉତ୍ସର୍ଗୀତ କରିବା ଭଳି ବିଭିନ୍ନ ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା ।

### ୨.୨.୩: ଭାରତରେ ବିକାଶମୂଳକ ରିପୋର୍ଟିଂରେ ସମସ୍ୟା

ଆମେ ପଢ଼ିଛୁ ଯେ, ଭାରତୀୟ ଗଣମାଧ୍ୟମ ଗ୍ରାମୀଣ ବିକାଶର ବିଭିନ୍ନ କ୍ଷେତ୍ରର ବିକାଶମୂଳକ ଦିଗରେ ସହଯୋଗ କରିଛି । ତଥାପି ସାଧାରଣରେ ଧାରଣା ରହିଛି ଭାରତୀୟ ଗଣମାଧ୍ୟମ ବିକାଶମୂଳକ ରିପୋର୍ଟିଂରେ ସଂପୂର୍ଣ୍ଣ ଭାବେ ନିଜର ଭୂମିକା ଗ୍ରହଣ କରିନାହିଁ । କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ, ଗଣମାଧ୍ୟମ ନିଜର କର୍ତ୍ତବ୍ୟ ସମ୍ପାଦନ କରିନାହିଁ କାରଣ ଏହା କର୍ପୋରେଟରଙ୍କ ହାତକୁ ମଧ୍ୟ ଯାଉଥିଲା । ସେମାନେ ଗୋଟିଏ ଗଣମାଧ୍ୟମର ଏକାଧିକ ସଂସ୍କରଣ ପ୍ରତିଷ୍ଠା କରିବାକୁ ଚାହିଁଥାନ୍ତି ଏବଂ ଗଣମାଧ୍ୟମର ମାଲିକାନା ଢାଞ୍ଚା ମଧ୍ୟ ବଦଳି ଯାଇଥାଏ । ଭାରତୀୟ ଖବରକାଗଜରେ ବିକାଶମୂଳକ ପ୍ରସଙ୍ଗ ପ୍ରତି ଗଣମାଧ୍ୟମର ଖରାପ ଯୋଗଦାନ ପାଇଁ କେତେକ ବିଶେଷଜ୍ଞ ନିମ୍ନଲିଖିତ କାରଣଗୁଡ଼ିକୁ ମତଦାନ କରିଛନ୍ତି । ସେଗୁଡ଼ିକ ହେଲା: –

୧) ସାମ୍ବାଦିକତାର ଅଭ୍ୟାସ କରୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ବିକାଶମୂଳକ ଧାରଣା ଏବଂ ବିକାଶ ସମ୍ବନ୍ଧୀୟ ପର୍ଯ୍ୟାପ୍ତ ସୂଚନା ବିଷୟରେ ସଠିକ ଜ୍ଞାନ ନ ଥାଏ ।

୨) ବିକାଶର ସଂଖ୍ୟାକୁ ଏକାଠି କରିବା ଏବଂ ଉପସ୍ଥାପନ କରିବାରେ ସହଜରେ ବୁଝାଯାଇପାରୁଥିବା ଭଳି ପ୍ରଶିକ୍ଷଣ ପର୍ଯ୍ୟାପ୍ତ ନ ଥାଏ ।

୩) ବିକାଶମୂଳକ ପ୍ରସଙ୍ଗକୁ ଆଚ୍ଛାଦନ କରିବାପାଇଁ ସାମ୍ବାଦିକ ଏବଂ ଖବରକାଗଜରେ ଦେଖାଯାଉଥିବା ଆଗ୍ରହର ଅଭାବ ।

୪) ଖବରକାଗଜ ସଂସ୍ଥା କିମ୍ୱା ସରକାରଙ୍କ ଠାରୁ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗ ବହନ କରିବାକୁ ଅର୍ଥର ଅଭାବ ।

ଏଣୁ ଏହା ବୁଝିବାକୁ ହେବ ଯେ ବିକାଶମୂଳକ ରିପୋର୍ଟିଂ ସମଗ୍ର ଦେଶପାଇଁ ଲାଭଦାୟକ ଏବଂ ଏହା ଏଥିରେ ଥିବା ଲୋକମାନଙ୍କ ଅଭିବୃଦ୍ଧିରେ ସହାୟକ ହେବ । ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ଗୋଟିଏ ଦେଶର ପ୍ରଗତିକୁ ବହୁପରିମାଣରେ ପ୍ରୋତ୍ସାହିତ କରିବା ପାଇଁ ବିକାଶମୂଳକ ସାମ୍ବାଦିକତାର ଶକ୍ତି ରହିଛି । ଏହା ସମାଜରେ ଘଟୁଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ସଚେତନତା ସୃଷ୍ଟିକରିବାର ଶିକ୍ଷାରେ ଉନ୍ନତି ଆଣିପାରିବ । ଗୋଟିଏ ସମାଜରେ ଉପଲବ୍ଧ ଥିବା ପ୍ରସଙ୍ଗ ବିଷୟରେ ଏହା ସଚେତନତା ସୃଷ୍ଟି କରିଥାଏ । ଏହା ଲୋକମାନଙ୍କ ଆବଶ୍ୟକତା ସମ୍ବନ୍ଧୀୟ କାହାଣୀଗୁଡିକୁ ମଧ୍ୟ ପ୍ରସ୍ତୁତ କରିପାରେ ଏବଂ ସରକାରଙ୍କୁ ସମାନଭାବରେ ମଧ୍ୟ ଗୁରୁତ୍ୱ ଦେଇପାରେ । ଏହା ଅନ୍ୟ ଗୋଷ୍ଠୀଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପ ଏବଂ ବିକାଶମୂଳକ ଯୋଜନାଗୁଡିକୁ ମଧ୍ୟ ପ୍ରକାଶ କରିପାରେ ଯାହା କୃଷକମାନଙ୍କୁ ପ୍ରେରଣା ଯୋଗାଇବାରେ ମଧ୍ୟ ସହାୟକ ହୋଇପାରିବ ଏବଂ ସେମାନଙ୍କ ଆତ୍ମବିଶ୍ୱାସରେ ସଂସ୍କାର ଆଣିବାରେ ସହାୟକ ହୋଇପାରିବ । ଏହା ସ୍ୱୟଂସହାୟକ ଗୋଷ୍ଠୀଗୁଡିକର ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ମଧ୍ୟ ପ୍ରକାଶ କରିପାରେ । ବିକାଶ ଉପରେ ଚାଲିଥିବା କୌଣସି ପ୍ରକଳ୍ପ ବିଷୟରେ ସରକାରଙ୍କ କାର୍ଯ୍ୟକଳାପ ଉପରେ ନଜର ରଖି ଗୋଟିଏ ୱାଚ ଡଗ୍ ଭାବରେ କାର୍ଯ୍ୟ କରିପାରେ । ବିକାଶମୂଳକ ପ୍ରକ୍ରିୟାରେ ପ୍ରତିବନ୍ଧକ ଥିବା ବିଷୟବସ୍ତୁଗୁଡିକୁ ଏହା ରିପୋର୍ଟ କରିପାରେ ।

ତେଣୁ ଏହା ସ୍ପଷ୍ଟ ଯେ, ବିକାଶମୂଳକ ସାମ୍ବାଦିକତାରେ ଲୋକମାନେ ବିକାଶମୂଳକ ରିପୋର୍ଟିଂର ସମସ୍ତ ପଦକ୍ଷେପରେ ଅନ୍ତର୍ଭୁକ୍ତ ହୋଇଥାନ୍ତି । ଗଣମାଧ୍ୟମ ପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହିଁ ସେହି ଲୋକମାନେ ନିର୍ଣ୍ଣୟ କରିଥାନ୍ତି । ମୋଟ ଉପରେ ଗୋଟିଏ ଦେଶର ନାଗରିକ ଭାବେ ସମସ୍ତ ଗ୍ରାମା ଳର ବିକାଶ ସମ୍ବନ୍ଧରେ ଚିନ୍ତା କରିବା ଆବଶ୍ୟକ ଯାହା ଆମ ଦେଶର ମେରୁଦଣ୍ଡ ।

## ୨.୩: ବିକାଶମୂଳକ କାହାଣୀ ଏବଂ ଖବର ଲେଖିବା

ବିକାଶମୂଳକ ଯୋଗାଯୋଗରେ ଅନ୍ତର୍ଭୁକ୍ତ ଲୋକମାନଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବାରେ ବହୁତ ସାରା ଆହ୍ୱାନ ରହିଛି । ଜଣେ ସାମ୍ବାଦିକଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯେ ସେମାନେ ବିକାଶଶୀଳ ଏବଂ ବିକଶିତ ଦେଶର ଲୋକମାନଙ୍କ ସହିତ ଜଡିତ ରହିବା ଏବଂ ସେମାନଙ୍କ ସହିତ ସଂଯୋଗ ସ୍ଥାପନ କରିବା । ପ୍ରତ୍ୟେକ ସାମ୍ବାଦିକ ତଥା ଖବର ସଂସ୍ଥାର କାହାଣୀ କହିବା ଏବଂ ଦର୍ଶକଙ୍କ ନିକଟରେ ପହଞ୍ଚାଇବାର ନିଜସ୍ୱ ପ୍ରଣାଳୀ ରହିଥାଏ ।

### ପ୍ରଯୁକ୍ତି ବିଦ୍ୟାର ଉପଯୋଗ:

ବିକାଶମୂଳକ ସାମ୍ବାଦିକତାରେ ମୋବାଇଲ ଫୋନ୍‌ର ପ୍ରଭାବଶାଳୀ ବ୍ୟବହାର ଗୋଟିଏ ବିକାଶଶୀଳ ଦେଶର ଲୋକମାନଙ୍କୁ ଯୋଡିଥାଏ । ଅନ୍ୟ ବୈଷୟିକ ସାହାଯ୍ୟର ବ୍ୟବହାର ଯାହା ଯୋଗାଯୋଗ ଏବଂ ସୂଚନାକୁ ଦ୍ରୁତଗତିରେ ସ୍ଥାନାନ୍ତର କରେ ତାହା ମଧ୍ୟ ନୂତନତ୍ୱ ସହିତ ଅଗ୍ରଗତି ହେଉଛି ।

ତେଣୁ ଏହି ଉପକରଣଗୁଡ଼ିକର ବ୍ୟବହାର ବିକାଶମୂଳକ ଯୋଗାଯୋଗରେ କାହାଣୀ କହିବାର ଗୋଟିଏ ଫଳପ୍ରଦ ପ୍ରଣାଳୀ ହୋଇପାରେ ।

ବିକାଶମୂଳକ କାହାଣୀଗୁଡ଼ିକ ବିକଶିତ ଦେଶ ପରିବର୍ତ୍ତେ ବିକାଶଶୀଳ ଦେଶଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । କିନ୍ତୁ ଗଣମାଧ୍ୟମ ଏହି ବିକାଶଶୀଳ ଦେଶମାନଙ୍କରେ ରିପୋର୍ଟିଂ କ୍ଷେତ୍ରରେ ମନ୍ଥରତା ସହିତ କାର୍ଯ୍ୟ କରୁଛି । ସେମାନେ ପ୍ରାୟତଃ ସରକାରଙ୍କ ଘୋଷଣାଗୁଡ଼ିକୁ ଆଚ୍ଛାଦିତ କରିଥାନ୍ତି ଏବଂ ଗୋଟିଏ ଗ୍ରାମର ମୌଳିକ ଢାଞ୍ଚାର ବିକାଶକୁ ଆଲୋକପାତ କରିଥାନ୍ତି, ଯେଉଁଥିରେ ସାଧାରଣତଃ ରାସ୍ତାର ଉନ୍ନତି, ଡାକ୍ତରଖାନା ନିର୍ମାଣ, ପୋଲ ନିର୍ମାଣ ଏବଂ ଦେଶରେ ଲୋକମାନଙ୍କ ଜୀବନଶୈଳୀରେ ଶୀଘ୍ର ସଂସ୍କାର ଆସିବା ମଧ୍ୟ ଦାବି କରାଯାଇଥାଏ। କିନ୍ତୁ ଯାହା ଆଶା କରାଯାଏ ତାହା ହେଉଛି ଗଣମାଧ୍ୟମରୁ ଅଧିକ ସୂଚନା ଏବଂ ସଚେତନତା ଯାହା ଲୋକଙ୍କୁ ଉତ୍ସାହିତ କରିପାରିବ ଏବଂ ଆତ୍ମବିଶ୍ୱାସ ବଢ଼ାଇପାରିବ । ଏହାମଧ୍ୟ ସେମାନଙ୍କର ସଠିକ ଆତ୍ମସଂସ୍କାର ସେମାନଙ୍କୁ ଆତ୍ମନିର୍ଭରର ସଠିକ ବିକାଶରେ ସହାୟତା କରିପାରିବ । ଗଣମାଧ୍ୟମ ଦ୍ୱାରା ବିକାଶର ପ୍ରସଙ୍ଗକୁ କଭରେଜ କରିବାର ସଠିକ ପ୍ରଣାଳୀ ଏଠାରେ ପ୍ରଦତ୍ତ ।

**୧.ସାଧାରଣ ଲୋକଙ୍କ ଉପରେ ଧ୍ୟାନ ଦେବା**

ଯେତେବେଳେ ଗୋଟିଏ ବିକାଶମୂଳକ ପ୍ରସଙ୍ଗକୁ କଭରେଜ କରାଯାଏ ଜଣେ ସାମ୍ବାଦିକ ସୁନିଶ୍ଚିତ ହେବା ଆବଶ୍ୟକ ଯେ ଏଥିରେ ସାଧାରଣ ଲୋକଙ୍କ ସ୍ୱରକୁ ଆବୃତ କରାଯାଇଛି । ସାଧରଣତଃ କୌଣସି ଖବରରେ ସାଧାରଣ ଲୋକ ଯେଉଁମାନେ ଦାରିଦ୍ର୍ୟ ସୀମରେଖାରୁ ତଳେ ରହିଛନ୍ତି କିମ୍ବା ଯେଉଁମାନେ ଏକ କମ୍ ବିକଶିତ ସମାଜର ହୋଇଥାନ୍ତି, ସ୍ୱଳ୍ପ ଆୟବର୍ଗର ହୋଇଥାନ୍ତି ସାଧାରଣତଃ ସେମାନଙ୍କୁ ଗଣମାଧ୍ୟମ କେବଳ ନକାରାତ୍ମକ ଢଙ୍ଗରେ ଦର୍ଶାଇଥାଏ । ସେମାନଙ୍କୁ ଅପରାଧି ଭାବରେ ଦର୍ଶାଇଥାଏ କିମ୍ବା କୌଣସି ଯୋଜନା ପାଇଁ ସରକାରଙ୍କ ଠାରୁ ପାଣ୍ଠି ସଂଗ୍ରହ କରୁଥିବା ବ୍ୟକ୍ତି ଭାବରେ ଦର୍ଶାଇଥାଏ । ଯେତେବେଳେ କୌଣସି ପ୍ରାକୃତିକ ବିପର୍ଯ୍ୟର ଶୀକାର ହୁଅନ୍ତି କିମ୍ବା ଯେତେବେଳେ କୌଣସି ହିଂସାଜନକ ପରିସ୍ଥିତି ହୁଏ କେବଳ ସେତେବେଳେ ସେମାନଙ୍କୁ ଦର୍ଶାଯାଇଥାଏ । ସାଧାରଣତଃ ସେମାନଙ୍କୁ ଗୋଟିଏ ଏପରି ସମାଜର ଅଂଶଭାବେ ଚିତ୍ରଣ କରାଯାଏ ଯେଉଁମାନଙ୍କ ପାଇଁ ଦିନରେ କେବଳ ତିନିଥର ପର୍ଯ୍ୟାପ୍ତ ଖାଦ୍ୟ ଖାଇବା ଯଥେଷ୍ଟ ହୋଇଥାଏ । ଗୋଟିଏ ଭଲ ବିକାଶମୂଳକ ରିପୋର୍ଟିଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି କିମ୍ବା ବଡ ସଟ୍ କିମ୍ବା ସେମାନଙ୍କ ଜୀବନରେ ଧ୍ୟାନ କେନ୍ଦ୍ରିତ କରିବା ପରିବର୍ତ୍ତେ ସାଧାରଣ ଲୋକଙ୍କ ଜୀବନଶୈଳୀ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ସାଧାରଣ ଲୋକଙ୍କ ଉପରେ ଧ୍ୟାନଦେବା ଗୁରୁତ୍ୱପୂର୍ଣ୍ଣ କାରଣ କେବଳ ସେହି ବ୍ୟକ୍ତିମାନେ ସରକାରଙ୍କ ଯେକୌଣସି ନିଷ୍ପତ୍ତିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି । ଏମାନେ ହେଉଛନ୍ତି ସାଧାରଣ ଖର୍ଚ୍ଚର ପ୍ରାଥମିକତାକୁ ଭୋଗୁଥିବା ବ୍ୟକ୍ତି । ଏମାନେ ହେଉଛନ୍ତି ଜନସଂଖ୍ୟାର ଅଧିକାଂଶ ଭାଗ । ଏଥିପାଇଁ ଜନସଂଖ୍ୟାର ନିମ୍ନ ଆୟବର୍ଗଙ୍କ ଉପରେ ଧ୍ୟାନଦେବା ଗୁରୁତ୍ୱପୂର୍ଣ୍ଣ ।

## ୨.କ୍ଷେତ୍ରରୁ ରିପୋର୍ଟ କରିବା

ଅନ୍ୟ ରିପୋର୍ଟ ଗୁଡିକର ବିପରୀତ ଯାହା ଗୋଟିଏ ଡେକ୍ସରେ ବସି କରାଯାଇଥାଏ, ବିକାଶମୂଳକ ସାମ୍ବାଦିକତାକୁ ଗୋଟିଏ ରିପୋର୍ଟର ଆବଶ୍ୟକତା ରହିଛି ଯାହା ତାଙ୍କୁ କ୍ଷେତ୍ରରୁ ରିପୋର୍ଟ କରିବାକୁ ତାଲିମ ପ୍ରଦାନ କରେ । ସେମାନଙ୍କୁ ସେହି ସ୍ଥାନରେ ଶାରୀରିକ ଭାବେ ଉପସ୍ଥିତ ହେବାର ଅଛି ଯେଉଁଠି ବିକାଶମୂଳକ ପ୍ରସଙ୍ଗର ଏବଂ ତଥ୍ୟର ଯାଞ୍ଚ କରି ରିପୋର୍ଟ କରାଯାଏ । ରିମୋର୍ଟ କଣ୍ଟ୍ରୋଲରେ ବିକାଶକୁ ରିପୋର୍ଟିଂ କରିବା ସମ୍ଭବ ହୋଇ ନଥାଏ । ବିକାଶମୂଳକ ରିପୋର୍ଟିଂ ପାଇଁ ଶାରୀରିକ ଉପସ୍ଥିତିର ଆବଶ୍ୟକ ରହିଛି । ଜଣେ ବିକାଶମୂଳକ ସାମ୍ବାଦିକଙ୍କୁ ଲୋକଙ୍କୁ ଖୋଜିବା, ସେମାନଙ୍କ ମତାମତକୁ ପଚାରିବା ଏବଂ ତା'ପରେ ରିପୋର୍ଟିଂ କରିବା ଉଚିତ । ଡେସ୍କ ରିପୋର୍ଟିଂ କ୍ଷେତ୍ରରେ ବିକାଶମୂଳକ ରିପୋର୍ଟିଂର ତୁଳନା ସହଜ ହୋଇପାରେ । କାରଣ ଏଥିରେ ସ୍ୱଳ୍ପ ମୂଲ୍ୟ ଜଡିତ ଏବଂ ଅଳ୍ପ ସମୟ ମଧ୍ୟରେ ସମୟସୀମାକୁ ପୂରଣ କରିବା ସହଜ ହୋଇପାରେ । କିନ୍ତୁ ପ୍ରକୃତ ବିକାଶମୂଳକ ରିପୋର୍ଟିଂ ସେହିପରି କରାଯାଇ ନ ପାରେ । ସତ୍ୟତା ହେଉଛି ଏକ ଉତ୍ତମ ଉଦାହରଣ ଯାହା ଆଫ୍ରିକାରେ ମରୁଡି ଜନିତ ଦୁର୍ଭିକ୍ଷରେ ପ୍ରକାଶ ପାଇଥିଲା । ଏହା କୁହାଯାଉଥିଲା ଯେ, ସରକାର ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଖାଦ୍ୟ ବଣ୍ଟନ କରିଛନ୍ତି । ରେକର୍ଡ ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ପ୍ରତ୍ୟେକ ଘରକୁ ପର୍ଯ୍ୟାପ୍ତ ଭୋଜନ ଉପଲବ୍ଧ କରାଯାଇଛି । କିନ୍ତୁ ବାସ୍ତବିକ କାହାଣୀ ଦର୍ଶାଯାଇଥିବା କାହାଣୀ ଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା । ଏହି ଦିଗରେ ଯାତ୍ରା କରିଥିବା ସାମ୍ବାଦିକମାନେ କ୍ଷୁଧାରେ ମୃତ୍ୟୁବରଣ କରିଥିବା ଲୋକଙ୍କ କବର ଦେଖିବାକୁ ପାଇଲେ । ସେଠାରେ ଏପରି ପରିବାର ଥିଲେ ଯେଉଁମାନେ ଜଙ୍ଗଲୀ ଚେରମୂଳ ଖାଉଥିଲେ ଏବଂ ବହୁ ସଂଖ୍ୟକ ଲୋକ ଗୋଟିଏ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ କୌଣସି ରିଲିଫ ସାମଗ୍ରୀ ପାଇ ନ ଥିଲେ ।

## ୩.ପରିସଂଖ୍ୟାନକୁ ପ୍ରସଙ୍ଗ କରିବା

ସାଧାରଣତଃ ପରିସଂଖ୍ୟାନର ଗୋଟିଏ ଉଦ୍ଦେଶ୍ୟ ସତ୍ୟ ଏବଂ ସାମ୍ବାଦିକଙ୍କ ଦ୍ୱାରା ଏହା ଗୋଟିଏ ନିଷ୍କର୍ଷ, ଏହା ଗୋଟିଏ ସମର୍ଥନ ପାଇଁ ପ୍ରମାଣ ଭାବେ ପ୍ରୟୋଗ କରାଯାଇଥିଲା । ତଥ୍ୟ ଏହା, ଯାହା ପରିସଂଖ୍ୟାନ ଅଧ୍ୟୟନରୁ ଆସିଥାଏ । ଏହାକୁ ମାନ୍ୟତା ଦେବାକୁ ପଡିବ । ଏହା ସାମ୍ବାଦିକଙ୍କ କର୍ତ୍ତବ୍ୟ ଯେ, ସେମାନେ ପ୍ରତ୍ୟେକ ସେହି ପରିସଂଖ୍ୟାନକୁ ମାନ୍ୟତା ଦିଅନ୍ତୁ ଯାହା ସେମାନଙ୍କ ସଂଖ୍ୟାରେ ମିଶୁଥିବ । ଉଦାହରଣ ସ୍ୱରୂପ, ଏହା ସାମ୍ବାଦିକଙ୍କ କର୍ତ୍ତବ୍ୟ ଯେ, କିଏ ଏବଂ କାହିଁକି କଲା ଏହାକୁ ସେମାନେ ଅଧ୍ୟୟନ କରନ୍ତୁ । ଅଧ୍ୟୟନକୁ ପରିଚାଳନା କରିବାପାଇଁ ସେମାନଙ୍କୁ କେତେ ଅର୍ଥ ପ୍ରଦାନ କରାଯାଇଥିଲା । ଯଦି ଗୋଟିଏ ସର୍ଭେ କରାଯାଏ, ତେବେ କିଏ ଏହି ସର୍ଭେ କରିଥିଲେ ଏବଂ ଏହାର ଉତ୍ତରଦାୟୀ କିଏ ତାହା ଜାଣିବା ସାମ୍ବାଦିକଙ୍କ କର୍ତ୍ତବ୍ୟ । ସେମାନଙ୍କୁ କିପରି ପ୍ରଶ୍ନ କରାଯାଇଥିଲା ଏହା ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଯେତେବେଳେ ଆମେ କୌଣସି ସଂଖ୍ୟା ବିଷୟରେ ଆଲୋଚନା କରୁଛୁ ଯେଉଁଥିରେ ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି କିମ୍ବା ଅନ୍ୟାନ୍ୟ ଜାତିସଂଘ ଏଜେନ୍ସି ପରି ବୃହତ ଆନ୍ତର୍ଜାତୀୟ ସଂଗଠନରୁ

ସଂଗୃହୀତ ହେବାକୁ ପଡିବ, ସେତେବେଳେ ସାମ୍ବାଦିକଙ୍କୁ ଏହି ଆନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ବଡ ତଥ୍ୟର ପରିସଂଖ୍ୟାନ ଉପରେ ନିର୍ଭର କରିବାକୁ ପଡିବ । ସାଧାରଣତଃ ସେମାନେ ଗୋଟିଏ ଦେଶର ମୋଟ ଘରୋଇ ଉତ୍ପାଦକୁ ଗଣନା କରିଥାନ୍ତି ଏବଂ ଆମକୁ କୌଣସି ଦେଶର ଆର୍ଥୀକସ୍ଥିତି ସମ୍ବନ୍ଧୀୟ ସୂଚନା ମଧ୍ୟ ଜଣାନ୍ତି । ଏହା ପ୍ରକୃତରେ ସତ୍ୟ କି ନୁହେଁ ତାହା ଜାଣିବା ସାମ୍ବାଦିକଙ୍କ କର୍ତ୍ତବ୍ୟ । ଉଦାହରଣ ସ୍ୱରୂପ କିଛି ଗ୍ରାମା ଳରେ ଲୋକମାନେ ନିଜ ଘରର ମାଲିକ ହୋଇପାରନ୍ତି । ସେମାନେ ନିଜର ମଇଁଷି, ମେଣ୍ଢା, ଶସ୍ୟ ଆଦିକୁ ଶସ୍ୟ କ୍ଷେତରେ ରଖିପାରନ୍ତି । ଏହି ପ୍ରତ୍ୟେକ ଜିନିଷର ମୂଲ୍ୟ ରହିଛି, ଯଦିଓ ସେଗୁଡିକ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସଂଖ୍ୟା ଆକାରରେ ଛୋଟ । ଜଣେ ଭଲ ସାମ୍ବାଦିକ ନିଶ୍ଚିତ ଭାବରେ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରିବାକୁ ସମର୍ଥ ହେବା ଆବଶ୍ୟକ । ସେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଶୈଳୀକୁ ବିଶ୍ଳେଷଣ କରିବା ଏବଂ ଉତ୍ତମ ତଥ୍ୟର ବ୍ୟାଖ୍ୟା କରିବାକୁ ସକ୍ଷମ ହେବା ଉଚିତ ।

ନିଜର ସ୍ଥାପନା ପରେ ବିକାଶମୂଳକ ଯୋଗାଯୋଗ କିମ୍ବା ବିକାଶମୂଳକ ରିପୋର୍ଟିଂରେ ବିଭିନ୍ନ ଲୋକମାନଙ୍କ ଅନେକ ଇନ୍‌ପୁଟ୍ ରହିଥିଲା ଯାହା ବିକାଶମୂଳକ ରିପୋର୍ଟିଂରେ ଅନ୍ତର୍ଭୁକ୍ତ କାର୍ଯ୍ୟକଳାପ ଥିଲା । ଯଦିଓ ସେମାନଙ୍କ ଅବଦାନ ସମାଜରେ କିଛି ପରିବର୍ତ୍ତନ ଆଣିଛି, କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଗଣମାଧ୍ୟମ, ବେସରକାରୀ ସଂଗଠନ ଏବଂ ଅନ୍ୟ ଏଜେନ୍ସିମାନଙ୍କ ଅଳ୍ପ କେତେଜଣଙ୍କ ଭୂମିକା ଗଣମାଧ୍ୟମରେ ନିୟୋଜିତ । ଯେତେବେଳେ ଆମେ ଗଣମାଧ୍ୟମ ଦୃଷ୍ଟିକୋଣରୁ ଦେଖିବା, ଘରୋଇ ଚ୍ୟାନେଲ କିମ୍ବା ପତ୍ରିକା ତଥା ଟେଲିଭିଜନ ଏବଂ ରେଡିଓ ଚ୍ୟାନେଲଗୁଡିକ ବୃହତ ଭାବେ ଘରୋଇ କ୍ଷେତ୍ରର ମାଲିକାନାର ଅଧୀନସ୍ଥ । ଏହି ଘରୋଇ ଗଣମାଧ୍ୟମଗୁଡିକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି କେବଳ ଅର୍ଥ ରୋଜଗାର କରିବା ଏବଂ କମ୍ ସମୟ ମଧ୍ୟରେ ଲାଭକୁ ଦେଖିବା । ତେଣୁ ବିକାଶ ନିମନ୍ତେ ଗ୍ରାମାଞ୍ଚଳରେ ସେମାନଙ୍କ ଧ୍ୟାନ ବହୁତ ସୀମିତ। ଏହା ବ୍ୟାଖ୍ୟା କରାଯାଇପାରେ ଯେ ଘରୋଇ ଗଣମାଧ୍ୟମ ଚ୍ୟାନେଲ ବିକାଶମୂଳକ ରିପୋର୍ଟିଂର କାହାଣରେ କାହିଁକି ଆଗ୍ରହୀ ନୁହଁନ୍ତି । ସରକାରୀ କ୍ଷେତ୍ରର କିଛି ଚ୍ୟାନେଲ ଏବଂ କିଛି ସ୍ୱେଚ୍ଛାସେବୀ ସଙ୍ଗଠନକୁ ଛାଡିଦେଲେ, ଯାହା ସମସ୍ତ ସମ୍ଭାବ୍ୟ ସ୍ୱେଚ୍ଛାକୃତ ଭାବେ ରିପୋର୍ଟର କାରଣକୁ ପ୍ରୋତ୍ସାହନ ଦେଇଥାଏ, ଅନ୍ୟ ଘରୋଇ ସଂଗଠନଗୁଡିକ ଏହି ସମ୍ବନ୍ଧରେ ଆଗ୍ରହ ଦେଖାଇଥାନ୍ତି ।

ଯେତେବେଳେ ଆମେ ମୁଖ୍ୟ ସ୍ରୋତର ଗଣମାଧ୍ୟକୁ ଏକ ନଜର ପକାଇବା ଯେଉଁମାନେ କେବଳ ବ୍ୟବସାୟିକ ଲାଭ ଉପରେ ନିଜର ଧ୍ୟାନ କେନ୍ଦ୍ରିତ କରିଥାନ୍ତି, ବିକାଶମୂଳକ ରିପୋର୍ଟିଂ ନିଶ୍ଚିତଭାବରେ ସେମାନଙ୍କ ପାଇଁ ପ୍ରାଥମିକତା ରଖିନଥାଏ । କ୍ୱଚିତ ଭାବେ ବିକାଶମୂଳକ କାହାଣୀକୁ ଧ୍ୟାନ ଦିଆଯାଏ ଏବଂ ସାଧାରଣତଃ ଏହା ଏକ ବ୍ୟତିକ୍ରମ । ବିକାଶମୂଳକ ଖବର ପ୍ରତ୍ୟେକ ଦିନ ଚ୍ୟାନେଲ କିମ୍ବା ଖବରକାଗଜରେ ଦେଖାଯାଏ ନାହିଁ । ଏହି କାରଣରୁ ଏହା ସମ୍ବେଦନଶୀଳ ହୋଇପାରୁ ନାହିଁ ଏବଂ ଏହା ଏକ ସାମାନ୍ୟ ସ୍ୱର ହୋଇଯାଉଛି ଯାହା ଲୋକଙ୍କୁ ଏଥି ପ୍ରତି ଆକର୍ଷିତ କରିପାରୁ ନାହିଁ । ଏଥିପାଇଁ ବିକାଶମୂଳକ କାହାଣୀଗୁଡିକୁ ଅଧିକାଂଶ ଗଣମାଧ୍ୟମ ପସନ୍ଦ କରି ନଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମାଞ୍ଚଳ ବିକାଶ ସମ୍ବନ୍ଧୀୟ

ଖବରର ପାଠକ ଦୁଇଜଣ ବଲିଉଡ୍ ଅଭିନେତାଙ୍କ ବିବାହ ସମ୍ବନ୍ଧୀୟ ଖବରର ପାଠକ ତୁଳନାରେ କମ୍ । ଯାହା ସମ୍ବନ୍ଧରେ ଲୋକମାନେ ଅଧିକ ସୂଚନା ଖୋଜିଥାନ୍ତି, ଗଣମାଧ୍ୟମ ଦ୍ୱାରା ବାରମ୍ବାର ଖବରକୁ କଭରେଜ ଦିଆଯାଇଥାଏ, ସେହି ସମୟରେ କେବଳ ଖବର ସଂଗଠନ, ସେ ଟେଲିଭିଜନ ହେଉ ଅଥବା ରେଡିଓ କିମ୍ବା ପ୍ରିଣ୍ଟ୍ ଗଣମାଧ୍ୟମ ହୋଇଥାଉ, ବ୍ୟବସାୟୀକ କ୍ଷେତ୍ରରେ ସେମାନେ ଲାଭାନ୍ୱିତ ହୋଇପାରିବେ ।

ଏହାର ବିପରୀତରେ, ବହୁତ କମ୍ ଖବରକାଗଜ କିମ୍ବା ଇଲେକ୍ଟ୍ରୋନିକ ଗଣମାଧ୍ୟମ ରହିଛି ଯେଉଁମାନେ ବିକାଶ ସମ୍ବନ୍ଧୀୟ ଖବର ପ୍ରକାଶକୁ ପ୍ରୋତ୍ସାହନ ଦେବାକୁ ଚେଷ୍ଟା କରିଥାନ୍ତି ଏବଂ ଏହା ସହିତ ଅନ୍ୟ ଗଣମାଧ୍ୟମ ଚ୍ୟାନେଲଗୁଡିକ ମଧ୍ୟରେ ଲୋକପ୍ରିୟ ହେବାକୁ ଚେଷ୍ଟା ମଧ୍ୟ କରିଥାନ୍ତି, ଯଦ୍ୱାରା ଲୋକମାନଙ୍କ ନିକଟରେ ପହଞ୍ଚିବାର ଦୀର୍ଘମିଆଦି ଲକ୍ଷ୍ୟ ହାସଲ କରାଯାଇପାରିବ । ଏହା ଉଲ୍ଲେଖ କରିବାକୁ ହେବ ଯେ, ଖବରକାଗଜର ଶୀର୍ଷକ ଦୀର୍ଘ ସମୟ ଧରି ବିକାଶମୂଳକ ଖବରକୁ ପ୍ରକାଶ କରିବାରେ ଆଗ୍ରହୀ ଥିଲା । ଆସାମରେ ଅଦାଚାଷୀଙ୍କୁ କଭରେଜ କରିବା ହେଉଛି ଏହାର ସର୍ବୋତ୍ତମ ଉଦାହରଣ । ସେମାନେ ସେମାନଙ୍କ ପାଠକଙ୍କ ପାଇଁ କାହାଣୀ ପ୍ରକାଶ କରନ୍ତି, ଯେଉଁମାନେ ବିକାଶମୂଳକ ସମ୍ବାଦରେ ଆଗ୍ରହୀ ଅଟନ୍ତି ଏବଂ ଏହାକୁ ମଧ୍ୟ ଆକର୍ଷଣୀୟ ଭାବେ କରିଥାନ୍ତି । ସେହିଭଳି ଇଣ୍ଡିଆନ ଏକ୍ସପ୍ରେସ୍ ମଧ୍ୟ ବିକାଶମୂଳକ କାହାଣୀକୁ ନିୟମିତ ଭାବେ ବହନ କରିଥାଏ ଏବଂ ସମୟ ସମୟରେ ତଥ୍ୟର ସହିତ ଏହାକୁ ପ୍ରକାଶ ମଧ୍ୟ କରିଥାଏ । ଏହା ମଧ୍ୟ କୌତୁହଳର ବିଷୟ ଯେ, ଇଣ୍ଡିଆନ ଏକ୍ସପ୍ରେସର ପ୍ରକାଶକମାନେ ତୃଣମୂଳସ୍ତରର ସ୍ୱତନ୍ତ୍ର ଖବରକୁ ପ୍ରକାଶର ପ୍ରଚେଷ୍ଟା କାରଣରୁ ଶ୍ରେଷ୍ଠ ପୁରସ୍କାର ମଧ୍ୟ ହାସଲ କରିଛନ୍ତି । ଏହି ଖବରକାଗଜରେ କରାଯାଉଥିବା ପ୍ରକାଶର ଏକମାତ୍ର ନକାରାତ୍ମକ ଦିଗ ହେଉଛି ଏହା ଇଂରାଜୀରେ ପ୍ରକାଶ ପାଉଛି । ଯେହେତୁ ଇଂରାଜୀ ହେଉଛି ସେମାନଙ୍କ ପ୍ରକାଶ କରିବାର ଭାଷା । ଏହା ଶ୍ରୋତାମାନଙ୍କ ନିକଟରେ ଖୁବ୍ କମ୍ ପହଞ୍ଚେ କିମ୍ବା ବେଳେବେଳେ ଏହା ସେହି ଦର୍ଶକଙ୍କ ନିକଟରେ ମଧ୍ୟ ପହଞ୍ଚି ଥାଏ ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ।

ଅବଶ୍ୟ, ଏହାର ପ୍ରକୃତ ଆବଶ୍ୟକତା ରଖୁଥିବା ବ୍ୟକ୍ତି ପ୍ରକୃତ ତଥ୍ୟର ଏହି ସୂଚନା ନିକଟରେ ପହଞ୍ଚିବାର ଏକ ସୁଯୋଗ ହୋଇପାରେ ଯାହା ଅଡିଓ ଭିଡିଓ ମାଧ୍ୟମ ଯେପରି ଟେଲିଭିଜନ କିମ୍ବା ଅତ୍ୟନ୍ତ ପକ୍ଷେ ରେଡିଓରେ ପ୍ରସାରିତ ହୋଇଥାଏ । ଏହା ମଧ୍ୟ ଉଦ୍ଦିଷ୍ଟ ଦର୍ଶକଙ୍କ ନିକଟରେ ପହଞ୍ଚିପାରେ ଯଦି କୌଣସି ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ନାଗରିକ ସମାଜ ଏହି ସନ୍ଦେଶକୁ ସେମାନଙ୍କ ଭାଷାରେ ବ୍ୟାଖ୍ୟା କରିପାରିଥାନ୍ତି ଏବଂ ସେମାନଙ୍କୁ ବିକାଶମୂଳକ ଦିଗରେ ପ୍ରେରିତ କରିପାରନ୍ତି । ସେମାନଙ୍କୁ ଖବରକାଗଜ ଏବଂ ଦର୍ଶକଙ୍କ ମଧ୍ୟରେ କାମ କରିବା ଆବଶ୍ୟକ । ଏହି ସନ୍ଦର୍ଭରେ PII (ପ୍ରେସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ) ଯାହା ପ୍ରଥମେ ଦିଲ୍ଲୀରେ ଥିଲା କିମ୍ବା ବର୍ତ୍ତମାନ ଚେନ୍ନଇରେ "ଗ୍ରାସ୍‌ରୁଟ୍" ନାମକ ଖବରକାଗଜରେ ବିକାଶ ସମ୍ବନ୍ଧୀୟ ଖବର ପ୍ରକାଶିତ କରୁଛି । ସେମାନେ ଗଣମାଧ୍ୟମର ଅନ୍ୟ ଲୋକମାନଙ୍କୁ ମଧ୍ୟ ଏପରି ଚିନ୍ତାକରିବା ଏବଂ ବିକାଶମୂଳକ ସାମ୍ବାଦିକତାରେ ଅଧିକ ଧ୍ୟାନ ଦେବାପାଇଁ ପ୍ରୋତ୍ସାହିତ କରିଛନ୍ତି ।

ଯେତେବେଳେ ଆମେ ବିକାଶମୂଳକ ଖବରଗୁଡିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ଅନ୍ୟ ସମ୍ଭାବନାଗୁଡିକୁ ଦେଖିଥାଉ, ଏହା ଧ୍ୟାନଦେବା ଉଚିତ ହୋଇଥାଏ ଯେ ଦେଶର କିଛି ବିଶ୍ୱବିଦ୍ୟାଳୟ ନିଜର

ଶିକ୍ଷଣୀୟ ଧାରାରେ ଗ୍ରାମୀଣ ପତ୍ରକାରିତା ଏବଂ ଗ୍ରାମୀଣ ବିକାଶମୂଳକ ପାଠ୍ୟକ୍ରମକୁ ମଧ୍ୟ ପ୍ରଦାନ କରୁଛନ୍ତି । ବିକାଶ ସମ୍ବନ୍ଧୀୟ ପୂର୍ବର ଆବଶ୍ୟକତା ଏହି ପ୍ରସଙ୍ଗରେ ପ୍ରମୁଖ ଅଟେ । ତେଣୁ ଉନ୍ନତି କରୁଥିବା ସାମ୍ବାଦିକଙ୍କ ନିକଟରେ ବ୍ୟବସାୟୀକ ଖବରକୁ ପ୍ରକାଶ କରିବା ପରିବର୍ତ୍ତେ ବିକାଶମୂଳକ ସାମ୍ବାଦିକତାର ସଂସ୍ପର୍ଶରେ ଆସିବାର ଅଧିକ ସୁଯୋଗ ସମ୍ଭାବନା ରହିଛି । ହାଇଦ୍ରାବାଦର କେନ୍ଦ୍ରୀୟ କୃଷି ପରିଚାଳନା ଓ ବିକାଶମୂଳକ ସଂସ୍ଥାନ ମଧ୍ୟ କୃଷି ସାମ୍ବାଦିକତାରେ ଗୋଟିଏ ଔପଚାରିକ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି । ଏହି ପଦକ୍ଷେପ ବିକାଶମୂଳକ ରିପୋର୍ଟିଂର ଭବିଷ୍ୟତରେ ଅନେକ ପ୍ରଭାବିତ ହେବ କାରଣ ଏହା ବିକାଶମୂଳକ ଯୋଗାଯୋଗକୁ ପ୍ରୋତ୍ସାହିତ କରିଥାଏ । ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିୟା ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାପିତ ଜନସଞ୍ଚାର ଅନୁସନ୍ଧାନ କେନ୍ଦ୍ର (MCRS) ପରି ଅନ୍ୟ ପ୍ରମୁଖ ଅନୁଷ୍ଠାନ ମଧ୍ୟ ରହିଛି । ଏହି ଅନୁଷ୍ଠାନ ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଏକ ବ୍ୟାପକ ପାଠ୍ୟକ୍ରମକୁ ମଧ୍ୟ ପରିଚାଳିତ କରୁଛି । ନୂଆଦିଲ୍ଲୀରେ ଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ ଏହି ବିଷୟରେ ଚାରିମାସର ଡିପ୍ଲୋମା ପାଠ୍ୟକ୍ରମ ମଧ୍ୟ ରହିଛି, ଯେଉଁଥିରେ ଭାରତ ସହିତ ବିଦେଶରୁ ମଧ୍ୟ ସାମ୍ବାଦିକ, ଏନ୍‌ଜିଓ କର୍ମଚାରୀ ଏବଂ ସରକାରୀ ଅଧିକାରୀ ଜଡିତ ରହିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସମସ୍ତ ପାଠ୍ୟକ୍ରମ ଗତ କିଛି ବର୍ଷ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ବୋଲି ଜଣାପଡିଛି । ଆହୁରିମଧ୍ୟ, ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟର ନ୍ୟାସନାଲ କାଉନ୍‌ସିଲ ଫର୍ ଟେକ୍ନୋଲଜି କମ୍ୟୁନିକେସନ (NCSTC) ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପ୍ରଗତି ଏବଂ ନିଷ୍କର୍ଷକୁ ଯୋଗାଯୋଗ ବିକାଶର ନିୟମିତ ଆଧାରରେ ଲୋକମାନଙ୍କ ନିକଟରେ ପହଞ୍ଚାଯାଇ ପାରୁଛି । ଏଥିରେ “ଇଣ୍ଡିଆନ ଜର୍ନାଲ ଅଫ ସାଇନ୍‌ସ କମ୍ୟୁନିକେସନ” ନାମକ ଖବରକାଗଜ ମଧ୍ୟ ପ୍ରକାଶ ପାଇଥିଲା ଯାହା ଲୋକ ଏବଂ ବିଷୟ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବାପାଇଁ କାମ କରୁଛି । ଏହା ଏକ ଭଲ ସଙ୍କେତ ଏବଂ ସୂଚକ ଯେ ସାମ୍ବାଦିକତାର ବିକାଶମୂଳକ ଯୁବ ସାମ୍ବାଦିକଙ୍କ ମଧ୍ୟରେ ଲୋକପ୍ରିୟତା ଅର୍ଜନ କରୁଛି ଏବଂ ନିଜ ଜୀବନଶୈଳୀକୁ ଉନ୍ନତ କରିବାକୁ ଚେଷ୍ଟା କରୁଛି ।

ଏହି ଗଣମାଧ୍ୟମ ସଂଗଠନ ଏବଂ ସରକାରୀ ସଂସ୍ଥାଗୁଡିକ ବ୍ୟତୀତ, ଯେଉଁମାନେ ସାମ୍ବାଦିକତରେ ଉନ୍ନତିର ପ୍ରଚେଷ୍ଟା କରୁଛନ୍ତି, ଅଣ-ସରକାରୀ ସଂଗଠନ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନମାନେ ମଧ୍ୟ ସାମ୍ବାଦିକତାର ବିକାଶକୁ ମଧ୍ୟ ପ୍ରୋତ୍ସାହନ ଦେବାପାଇଁ ସକ୍ରିୟ ଅଛନ୍ତି । ସେମାନେ ଯୋଗାଯୋଗ ସାମ୍ବାଦିକଙ୍କ ଦ୍ୱାରା ସାମ୍ବାଦିକତା ପାଇଁ ବ୍ୟବହାର କରାଯାଉଥିବା ଶବ୍ଦ ଏବଂ ଦୃଶ୍ୟମାନ ଉପକରଣଗୁଡିକୁ ପରିଚାଳନା କରିବାପାଇଁ ତାଲିମ ପ୍ରଦାନ କରିଥାନ୍ତି ଏବଂ ନିଜର ସ୍ୱେଚ୍ଛାସେବୀ ସଦସ୍ୟ ତଥା କର୍ମକର୍ତ୍ତାମାନଙ୍କୁ ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିବାପାଇଁ ତାଲିମ ପ୍ରଦାନ କରିଥାନ୍ତି । ସାଧାରଣତଃ ବେସରକାରୀ ସଂଗଠନର ସଦସ୍ୟଙ୍କ ନିକଟରେ ଗଣମାଧ୍ୟମ ପାଇଁ କୌଣସି ଭିତ୍ତିଭୂମି ନ ଥାଏ କିମ୍ବା ଏଥିରେ ବ୍ୟବହାର କରାଯାଉଥିବା ଉପକରଣର ପରିଚାଳନା କ୍ଷମତା ନାହିଁ । କିନ୍ତୁ ସେ ଏହା ଜାଣିବାକୁ ପ୍ରଚେଷ୍ଟା କରିଥାନ୍ତି ଯେ ଉପକରଣକୁ କିପରି ପରିଚାଳନା କରାଯାଏ ଏବଂ ଏଗୁଡିକୁ ଉତ୍ତମଶୈଳୀରେ ବ୍ୟବହାର କରିବାକୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ମଧ୍ୟ ମିଳିଥାଏ । ଏହି ଉଚ୍ଚାଭିଳାଷ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଗ୍ରାମାଞ୍ଚଳର ସଦସ୍ୟମାନେ ସେମାନଙ୍କ ଦ୍ୱାରା ବିକାଶମୂଳକ ଉଦ୍ଦେଶ୍ୟରେ କରାଯାଇଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ନିର୍ଦ୍ଦେଶ ପ୍ରଦାନ କରିଥାନ୍ତି । ଏହିପରି ଭାବେ ନାଗରିକ ସମାଜ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ବିକାଶମୂଳକ ସାମ୍ବାଦିକତାର ପାଠ୍ୟକ୍ରମରେ ଯୋଗଦାନ ଦେବାପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି ।

ସମାଜରେ ଏହା ଏକ ସାଧାରଣ ଧାରଣା ଯେ, କେବଳ ଅଳ୍ପ ସୁବିଧା ପ୍ରାପ୍ତ ସମ୍ପ୍ରଦାୟର ସଦସ୍ୟ ଯେଉଁମାନେ ନିରକ୍ଷର, ଦରିଦ୍ର କେବଳ ବିକାଶମୂଳକ ଯୋଗାଯୋଗ ଭୂମିକାରୁ ଉତ୍ତମ ଭାବରେ ପ୍ରାପ୍ତ କରିପାରିବେ । କାରଣ ସେମାନେ ଗୋଟିଏ ଅ ଳର ପ୍ରକୃତ ପରିସ୍ଥିତିକୁ ଅଧିକ ପସନ୍ଦ କରିଥାନ୍ତି । ତେଣୁ ଆମେ ବିଶ୍ୱାସ କରୁ ଯେ, ସେମାନେ ନିଜ ପରିସ୍ଥିତିକୁ ଅନ୍ୟମାନଙ୍କ ତୁଳନାରେ ଉତ୍ତମ ଢଙ୍ଗରେ ପ୍ରକାଶ କରିପାରିବେ । ତେଣୁ ବିଶେଷ ଅଧିକାର ପ୍ରାପ୍ତ ସମ୍ପ୍ରଦାୟର ସଦସ୍ୟମାନେ ବାହାରକୁ ଆସି ବିକାଶମୂଳକ ଯୋଗାଯୋଗ ଶିଖିବେ ଏବଂ ବିକାଶମୂଳକ ଖବରଗୁଡିକୁ ଅଧିକ ପ୍ରକାଶ କରିବାର ଆଶା ରହିଛି । ସେମାନଙ୍କୁ ସମାଜରେ ସହଜରେ ଗ୍ରହଣ କରାଯାଇଥାଏ କାରଣ ସେମାନେ ସେମାନଙ୍କ ନିକଟକୁ ପହଞ୍ଚିପାରିଥାନ୍ତି । ଏହା ଯୋଗାଯୋଗ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ହୋଇଥାଏ ।

ଏହି ସମ୍ପର୍କ ରକ୍ଷାକାରୀମାନେ ପ୍ରକୃତରେ ଦ୍ୱୈତ ଭୂମିକା ତୁଲାଇଥାଆନ୍ତି । ସେମାନେ ପାରିପାର୍ଶ୍ୱିକ ସ୍ଥିତିର ନିକଟତର ହୋଇପାରିବେ ଏବଂ ସେମାନେ ସହଜରେ ନିଜର ପ୍ରକୃତ ସମସ୍ୟାଗୁଡିକ ଏବଂ ସମ୍ପ୍ରଦାୟ ସମ୍ବନ୍ଧିତ ଓ ବ୍ୟକ୍ତିଗତ ସ୍ତରର ଅନ୍ୟ ପ୍ରସଙ୍ଗକୁ ଜାଣିପାରିବେ । ସେମାନେ ଜଣେ ଗଣମାଧ୍ୟମ କର୍ମୀ ଭାବରେ ଏହାକୁ ପ୍ରକାଶ କରିପାରିବେ । ଦ୍ୱିତୀୟତଃ ସେମାନେ ଗଣମାଧ୍ୟମର ବାର୍ତ୍ତା ଯୋଗାଯୋଗକାରୀ ଭାବରେ ମଧ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ନିକଟରେ ବିସ୍ତାରିତ ଭୂମିକା ଗ୍ରହଣ କରନ୍ତି । ଏହିପ୍ରକାର ଦ୍ୱୈତ୍ୟ ପ୍ରଣାଳୀ କିମ୍ବା ଯୋଗାଯୋଗ କେତେକ ଗ୍ରାମାଞ୍ଚଳରେ ବହୁଳ ସଫଳ ହୋଇଥିବା ଜଣାପଡିଛି । ଅଣ ସରକାରୀ ସଂଗଠନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ବିକାଶମୂଳକ ରିପୋର୍ଟ କିମ୍ବା ସାମ୍ବାଦିକତାର ବିକାଶରେ ସେମାନଙ୍କର କାର୍ଯ୍ୟ ଭଲଭାବେ ସମ୍ପାଦନ କରୁଛନ୍ତି ।

ଏହି ସଂସ୍ଥାଗୁଡିକ ଗଣମାଧ୍ୟମ ରିପୋର୍ଟରେ ମଧ୍ୟ କେତେକ ଉପାୟରେ ଜନସାଧାରଣଙ୍କ ପାଇଁ ସହାୟକ ହୋଇଥାନ୍ତି। ରିପୋର୍ଟଗୁଡିକର ଫଳାଫଳ ଏବଂ ସମ୍ବାଦ ସଂଗ୍ରହରେ ପ୍ରାପ୍ତ ହୋଇଥିବା ଅଭିଜ୍ଞତାଗୁଡିକ ପ୍ରକୃତରେ ସଂଗଠନ ଏବଂ ନାଗରିକ ସମାଜ ପରି ବହୁଳ ବ୍ୟବହାର ହୋଇଥାଏ । ତେଣୁ ଗୋଟିଏ ସଂସ୍ଥା ଦ୍ୱାରା ପ୍ରାପ୍ତ କରାଯାଇଥିବା ଅଭିଜ୍ଞତା ଅନେକ ଲୋକଙ୍କ ସହ ବାଣ୍ଟିହେବ, ଯେଉଁମାନେ ନିର୍ଦ୍ଦିଷ୍ଟ ମନବୃତ୍ତି ବିଶିଷ୍ଟ ହୋଇଥାନ୍ତି ଏବଂ ଏହି ବିକାଶମୂଳକ ରିପୋର୍ଟିଂରେ ଅନ୍ୟ ସଂଗଠନଗୁଡିକ ଦ୍ୱାରା ତଥ୍ୟ ସଂଗ୍ରହ ଏବଂ କାର୍ଯ୍ୟକାରୀତାର ଗୋଟିଏ ଉତ୍ତମ ପଦ୍ଧତିକୁ ବିକଶିତ କରିବାରେ ସହାୟକ ହେବ ଏବଂ ସମସ୍ତେ ଏହାଦ୍ୱାରା ଉପକୃତ ହୋଇପାରିବେ ।

## ୨.୪: ଫିଚର ଏବଂ ପ୍ରବନ୍ଧ

ଏ ପର୍ଯ୍ୟନ୍ତ ଆମେ ବିକାଶମୂଳକ ଗଣମାଧ୍ୟମ ଏବଂ ଖବର ଲେଖାର ଉପଯୋଗକୁ ଶିଖିଛୁ । ଯୋଗାଯୋଗ ଦିଗରେ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଏହା କେତେ ତଥ୍ୟାତ୍ମକ ତାହା ଆମେ ବୁଝିଛୁ । ଖବର କାହାଣୀ ବ୍ୟତୀତ ଅନ୍ୟ ଏକ ଆକର୍ଷଣୀୟ ଲେଖା ସାମଗ୍ରୀ ମଧ୍ୟ ରହିଛି । ପାରମ୍ପରିକ ଖବରର କାହାଣୀ ତୁଳନାରେ ଫିଚରଗୁଡ଼ିକ ଅଧିକ ଗଭୀରତମ ହୋଇଥାଏ । ସେମାନେ ସାଧାରଣ ରିପୋର୍ଟକୁ ଅତିକ୍ରମ କରି ଅନେକ ବିସ୍ତୃତ ବିବରଣୀ ସହିତ ତଥ୍ୟର ଉତ୍ପାଦନ କରିଥାନ୍ତି । ଏହି କାହାଣୀଗୁଡ଼ିକର ଉଦ୍ଦେଶ୍ୟ କୌଣସି ସ୍ଥାନ, ବ୍ୟକ୍ତିବିଶେଷ, ବିଚାରଧାରା କିମ୍ବା କୌଣସି ଅନୁଷ୍ଠାନର ବିସ୍ତୃତ ବିବରଣୀକୁ ପ୍ରଦାନ କରିଥାଏ । ଫିଚର ଗୁଡ଼ିକ ସାଧାରଣତଃ ସମ୍ପାଦକ ଏବଂ ସାମ୍ବାଦିକମାନଙ୍କ ଦ୍ୱାରା ସମ୍ବାଦ କାହାଣୀ ଭାବରେ ଶ୍ରେଣୀଭୁକ୍ତ କରାଯାଇଥାଏ କିନ୍ତୁ ଏହା ପ୍ରକୃତରେ ଓଲଟା ପିରାମିଡ ଶୈଳୀର ପାରମ୍ପରିକ ପଦ୍ଧତି ଅଧୀନରେ ଆସେନାହିଁ । ଏହା ପରିବର୍ତ୍ତେ ଏହି ଉପକରଣ ବୈଶିଷ୍ଟ୍ୟକାହାଣୀ କହୁଥିବା ଉପକରଣର ବ୍ୟବହାର କରନ୍ତି । ଯାହା ପାଠକଙ୍କୁ ସମସ୍ତ ବିଷୟବସ୍ତୁ ଏବଂ ସେଥିରେ ଜଡିତ କେନ୍ଦ୍ରୀୟ ଚରିତ୍ରଗୁଡ଼ିକ ସହିତ ଭଲଭାବରେ ସଂଯୋଗ କରେ । ଖବରକାଗଜରେ ଫିଚର ଗୁଡ଼ିକ ବିଶେଷଭାବରେ ଅତିସାଧାରଣ ହୋଇଥାଏ । ଗୋଟିଏ ପ୍ରସଙ୍ଗରେ ଖବରକାଗଜ ଗୁଡ଼ିକରେ ବିସ୍ତୃତଭାବରେ ଆଲୋଚନା କରାଯାଇଥାଏ କାରଣ ଖବରକାଗଜଗୁଡ଼ିକ ପାଠକମାନଙ୍କ ସମୟ ଏବଂ ସୁବିଧାନୁଯାୟୀ ହୋଇଥାଏ । ଏହା ପରିବର୍ତ୍ତେ ଅନ୍ୟାନ୍ୟ ଫିଚର ମଧ୍ୟ ରହିଛି ଯାହା ଅନ୍ୟ ଗଣମାଧ୍ୟମରେ କ୍ରମାଗତଭାବରେ ପ୍ରଦର୍ଶିତ କରିଥାନ୍ତି । ଗୋଟିଏ ଫିଚର ସାଧାରଣତଃ ଗୋଟିଏ ସମସ୍ୟାକୁ ଗଭୀରଭାବରେ କଭରେଜ କରେ ଏବଂ ଏଥିରେ ଏକ ନରମ କିନ୍ତୁ ଗଭୀର ଓ ଦୃଢ଼ ସ୍ୱର ରହିଥାଏ । ସାଧାରଣତଃ କାହାଣୀ ଅନ୍ତର୍ଗତ ଚରିତ୍ର ସହିତ ପାଠକ ସହାନୁଭୂତି ରଖିଥାନ୍ତି । ଫିଚର ଗୁଡ଼ିକ କେବଳ ଗୋଟିଏ ପ୍ରସଙ୍ଗକୁ କଭର କରିବା ଜରୁରୀ ନୁହେଁ । ସେମାନେ ବ୍ୟକ୍ତିତ୍ୱର ସଫଳତାର କାହାଣୀକୁ ମଧ୍ୟ ଆଚ୍ଛାଦିତ କରିପାରିବେ କିମ୍ବା ସେମାନେ କୌଣସି ବ୍ୟକ୍ତିର ବ୍ୟକ୍ତିଗତ କାହାଣୀକୁ ମଧ୍ୟ ଆଚ୍ଛାଦିତ କରିପାରିବେ ଯାହା ବିକାଶମୂଳକ କ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ରଣକୌଶଳର ଫିଚରଗୁଡ଼ିକୁ ଲେଖିବାର ଆବଶ୍ୟକତା ରହିଛି । ବୃତ୍ତିଗତ ସମ୍ପର୍କ ରକ୍ଷାକାରୀମାନେ ନିଜ ଗ୍ରାହକ କିମ୍ବା ଅନୁଷ୍ଠାନକୁ ଗଭୀର ରୂପ ଦେବା ନିମନ୍ତେ ବୈଶିଷ୍ଟ୍ୟ କାହଣୀ ଲେଖନ୍ତି । ଫିଚର ଲେଖିବା ସାମ୍ବାଦିକତାର ଗୋଟିଏ ସୃଜନଶୀଳ ରୂପ । ଏହା ଏକ ରଚନାତ୍ମକ ଢଙ୍ଗରେ ଗୋଟିଏ ସମ୍ପ୍ରଦାୟର ବିକାଶମୂଳକ ବିଷୟଗୁଡ଼ିକୁ ପ୍ରଦାନ କରେ ଯଦ୍ୱାରା ପାଠକଙ୍କ ମସ୍ତିଷ୍କରେ ଏହି ବାର୍ତ୍ତା ଲିପିବଦ୍ଧ ହୋଇଯାଏ । ଏହାର ଏକ କୋମଳ ସ୍ପର୍ଶ ରହିଛି ଏବଂ ଏହା ମାନବର ମଙ୍ଗଳ ଉପରେ ଆଧାରିତ । ଏଥିରେ କୌଣସି ସମ୍ବେଦନଶୀଳ ସୂଚନା ଦିଆଯାଏ ନାହିଁ ଏବଂ ଏଠାରେ ସାମଗ୍ରୀକ ସମ୍ବାଦର ମହତ୍ୱକୁ ପ୍ରଦାନ କରୁଥିବା କୌଣସି ଲିଡ୍ ଅନୁଚ୍ଛେଦ ନ ଥାଏ । ଫିଚର ଖବର ପାଠକମାନଙ୍କୁ କୌଣସି ସମସ୍ୟା ସମ୍ବନ୍ଧରେ ସମଗ୍ର କାହାଣୀକୁ ସହାନୁଭୂତି ସହିତ ପଢ଼ିବାକୁ ସୁଯୋଗ ପ୍ରଦାନ କରେ । ବାର୍ତ୍ତାରେ ଯାହା ଉଦ୍ଦିଷ୍ଟ ତାହା ମଧ୍ୟ ଇଚ୍ଛାନୁଯାୟୀ ପ୍ରଭାବ ପକାଇଥାଏ । ଏହି ପ୍ରେରଣା ଗୋଟିଏ ଆତ୍ମନିର୍ଭରଶୀଳତାର ସଫଳ କାହାଣୀ ମଧ୍ୟ ପ୍ରଦାନ କରିଥାଏ । ଫିଚର ଗୁଡ଼ିକ ସାଧାରଣତଃ ଫଟୋଗ୍ରାଫ ସହିତ ଆସିଥାଏ ଯାହା ସାମ୍ବାଦିକ କିମ୍ବା

ଲେଖକଙ୍କ ଚିନ୍ତାଧାରାକୁ କୋମଳ ଢଙ୍ଗରେ ପ୍ରତିପାଦିତ କରିଥାଏ । ମାନବୀୟ ଆଗ୍ରହ ସହିତ ଆକର୍ଷଣୀୟ ଏବଂ ଭାବପ୍ରବଣ ଶୀର୍ଷକକୁ ସେମାନେ ବହନ କରିଥାନ୍ତି । ଶିରୋନାମାଗୁଡିକ କଦାପି କଠିନ ଖବର ପରି ସମ୍ବେଦନଶୀଳ ନହେବା ସହିତ ଖବରକୁ ପଢ଼ିବାକୁ ତତ୍ପରତା ପ୍ରକାଶ କରି ନଥାଏ । ଫିଚରଗୁଡିକ ଦର୍ଶକଙ୍କୁ ସେମାନଙ୍କ ନିକଟକୁ ଆକର୍ଷିତ କରେ ଏବଂ ସେମାନଙ୍କୁ ପ୍ରକୃତ ପରିସ୍ଥିତି ବୁଝାଏ । ତେଣୁ ବିକାଶମୂଳକ ଖବର ପ୍ରକାଶନରେ ଫିଚରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏଣୁ ବିକାଶମୂଳକ ସାମ୍ବାଦିକତା ଉପରେ ମଧ୍ୟ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ ।

ପ୍ରଫେସର ମୃଣାଳ ଚାଟାର୍ଜୀଙ୍କ ଦ୍ୱାରା ବିକାଶମୂଳକ ସାମ୍ବିଦିକତା ଉପରେ ଭିଡିଓ ଲେକଚର୍ ।

## ୨.୫: ଆସ ପ୍ରଗତି ମାପିବା

୧. ଭାରତରେ ବିକାଶମୂଳକ ସାମ୍ବାଦିକତାର ଉତ୍ପତ୍ତି ବିଷୟରେ ଟିପ୍ପଣୀ ଲେଖ ।

--------------------------------------------------------------------

--------------------------------------------------------------------

------------------------

୨. ଏକ ଫିଚର ଏବଂ ଖବର ପ୍ରବନ୍ଧ ଲେଖିବା ମଧ୍ୟରେ ପାର୍ଥକ୍ୟ କ'ଣ ?

--------------------------------------------------------------------

--------------------------------------------------------------------

------------------------

୩. ବିକାଶମୂଳକ ସାମ୍ବାଦିକତା ପ୍ରତି ଭାରତୀୟ ଗଣମାଧ୍ୟମର ଅବଦାନ କ'ଣ ?

--------------------------------------------------------------------

--------------------------------------------------------------------

------------------------

# ୟୁନିଟ୍- ୩   ବିଭିନ୍ନ ଅନୁଷ୍ଠାନ


୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ସରକାର

୩.୩: ଏନ୍‌ଜିଓ

୩.୪: ସିବିଓ, ଅନ୍ୟାନ୍ୟ ଗଣମାଧ୍ୟମର ଉତ୍ସ

୩.୫: ଲୋକସଂପର୍କ ଅନୁଷ୍ଠାନ

୩.୯: ଆସ ପ୍ରଗତି ମାପିବା


## ୩.୧: ପଠନର ଉଦ୍ଦେଶ୍ୟ

**ଏହି ୟୁନିଟ୍ ଆଲୋକପାତ କରେ -**

୧. ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସଂଗଠନଗୁଡିକର ଭୂମିକା ଯାହା ଉଭୟ ସରକାରୀ, ବେସରକାରୀ ଏବଂ ବୃହତ ଭାବେ ସମ୍ପ୍ରଦାୟ ଓ ସମାଜର ବିକାଶ ପାଇଁ ନିଜର ଅଂଶଗ୍ରହଣକୁ ପ୍ରକାଶ କରିଥାନ୍ତି ।

୨. ଏହା ଲୋକସଂପର୍କ ଅନୁଷ୍ଠାନ ଏବଂ ମିଡିଆ ସଂସ୍ଥା ଦ୍ୱାରା କରାଯାଇଥିବା କାର୍ଯ୍ୟ ଉପରେ ଆଲୋକପାତ କରେ ।

## ୩.୨: ସରକାର

ନୋରା ସି କ୍ୟୁବ୍ରାଲଙ୍କ ଅନୁଯାୟୀ ବିକାଶମୂଳକ ଯୋଗାଯୋଗରେ ମାନବ ଯୋଗାଯୋଗର କଳା ଏବଂ ବିଜ୍ଞାନ ରହିଛି । ଯାହା ଗୋଟିଏ ଦେଶକୁ ଦାରିଦ୍ର୍ୟ ଚକ୍ରରୁ ଏକ ଗତିଶୀଳ ରାଜ୍ୟରେ ପରିଣତ କରେ । ବିକାଶମୂଳକ ଯୋଗାଯୋଗରେ ବିକାଶର ଅର୍ଥ ହେଉଛି ମାନବ କଲ୍ୟାଣ ଏବଂ ଜୀବନଗୁଣର ଉନ୍ନତି । ମାନବ କଲ୍ୟାଣର ଏହି ସଂସ୍କାର ଏବଂ ଉନ୍ନତ ନିମନ୍ତେ ଗଣମାଧ୍ୟମର ବ୍ୟବହାର ସାମ୍ବାଦିକତାରେ ବିକାଶକୁ ଦର୍ଶାଇଥାଏ । ବିକାଶମୂଳକ ସାମ୍ବାଦିକତା ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ବିକାଶମୂଳକ ତଥ୍ୟଗୁଡ଼ିକୁ ସଂଗ୍ରହ ଏବଂ ପ୍ରସାର ସମ୍ବନ୍ଧୀୟ ହୋଇଥାଏ । ବିକାଶମୂଳକ ସାମ୍ବାଦିକତା କେବଳ ବିକାଶମୂଳକ ପ୍ରକ୍ରିୟା ସହିତ ଜଡିତ ଘଟଣାଗୁଡିକୁ ପ୍ରକାଶ କରିବା ସହିତ ବିକାଶର ଆବଶ୍ୟକତା ସହିତ କାର୍ଯ୍ୟ କରିଥାଏ । ଏହି ପରିପ୍ରେକ୍ଷୀରେ ବିକାଶମୂଳକ ସାମ୍ବାଦିକତାର ଆଧାର ହେଉଛି କୌଣସି ବିଶେଷ ରାଜ୍ୟ କିମ୍ବା ଦେଶର ବିକାଶର ସାମାଜିକ ଏବଂ ଅର୍ଥନୈତିକ ଚିନ୍ତାଗୁଡିକୁ ଗଣମାଧ୍ୟମକୁ କିପରି ଆଣିବା । ବିକାଶମୂଳକ ପ୍ରକ୍ରିୟା ଫଳପ୍ରଦ ଭାବରେ ଅଂଶଗ୍ରହଣ କରିବା ତଥା ଏଥିରୁ ବଞ୍ଚିତ ଗରିବ ଲୋକଙ୍କ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ବିକାଶମୂଳକ ପ୍ରକ୍ରିୟା ହେଉଛି ଏକ ସାଧନ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିନିଧି । ବିକାଶମୂଳକ ସାମ୍ବାଦିକତା ବିକାଶମୂଳକ ଯୋଗାଯୋଗରୁ ଅଣାଯାଇଛି ଯାହାର ପ୍ରସାର ଗ୍ରାମାଞ୍ଚଳରେ ବିକାଶମୂଳକ ପରିବର୍ତ୍ତନ ପାଇଁ କୃଷି, ଆର୍ଥିକ ସ୍ଥିତି, ଆଦି କ୍ଷେତ୍ରରେ ବିସ୍ତାରିତ କର୍ମଚାରୀଙ୍କ ଦ୍ୱାରା ପ୍ରସାରିତ କରାଯାଇଥାଏ । ବିକାଶମୂଳକ ସାମ୍ବାଦିକତା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମଗୁଡିକୁ ନିଷ୍ପାଦିତ କରିବାପାଇଁ

ସାମ୍ବାଦିକମାନଙ୍କୁ ସେମାନଙ୍କ ଅଧିକାର ପ୍ରୟୋଗ କରିବାକୁ ସାହାଯ୍ୟ କରିଥାଏ । ବିକାଶମୂଳକ ସାମ୍ବାଦିକତା କେବଳ ଖବରଗୁଡିକୁ କଭର କରିବାପାଇଁ ହୋଇ ନଥାଏ ବରଂ ବିକାଶମୂଳକ ଏବଂ ଏହାକୁ ପ୍ରୋତ୍ସାହନ ଦେବାକୁ ସହାୟତା ପ୍ରଦାନ କରିଥାଏ ।

ବିକାଶମୂଳକ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ବିକାଶମୂଳକ ସାମ୍ବାଦିକତାର କିଛି ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ରହିଛି, ସେଗୁଡିକ ହେଉଛି:

କ. ବିକାଶମୂଳକ ପ୍ରତିନିଧି (ସରକାରୀ ଅନୁଷ୍ଠାନ)

ଖ. ସ୍ୱେଚ୍ଛାସେବୀ ସଂଗଠନ

ଗ. ବେସରକାରୀ ସଂଗଠନ (ଏନଜିଓ)

ଘ. ଗଣମାଧ୍ୟମ ପ୍ରତିନିଧି

**ବିକାଶରେ ଗଣମାଧ୍ୟମର ଭୂମିକା:**

ୱିଲବୁର ସ୍କ୍ରାମଙ୍କ ଅନୁଯାୟୀ ବିକାଶ ଯୋଗାଯୋଗରେ ଗଣମାଧ୍ୟମର ଭୂମିକାକୁ ନିମ୍ନ ଅନୁସାରେ ଶ୍ରେଣୀଭୁକ୍ତ କରାଯାଇପାରିବ

***ସୂଚନା ଦେବା:*** ଗଣମାଧ୍ୟମର ମୁଖ୍ୟ ଭୂମିକା ହେଉଛି ସୂଚନା, ସୂଚନା ହେଉଛି ଜ୍ଞାନ ଏବଂ ଶକ୍ତି । ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ବିକାଶ ପ୍ରସଙ୍ଗ ପ୍ରତି ଧ୍ୟାନ ଦେବା ପାଇଁ ଗଣମାଧ୍ୟମ ଲୋକମାନଙ୍କୁ ସାହାଯ୍ୟ କରେ । ସେମାନେ ବିକାଶ ପ୍ରକ୍ରିୟା ସମୟରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକଗୁଡିକର ମୁକାବିଲା ପାଇଁ ଏହା ସାମ୍ଭାବ୍ୟ ସମାଧାନ ମଧ୍ୟ ପ୍ରଦାନ କରେ ।

***ନିର୍ଦ୍ଦେଶ ଦେବା:*** ଗଣମାଧ୍ୟମ ସାକ୍ଷରତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ଯାହା ବିକାଶ ପାଇଁ ଆବଶ୍ୟକ ମାନଦଣ୍ଡ । SITE ଏବଂ  ଜ୍ଞାନଦର୍ଶନ ପରି ଶିକ୍ଷଣୀୟ ପ୍ରକଳ୍ପ ସାକ୍ଷରତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ଯେଉଁଥିରେ ଜନସାଧାରଣଙ୍କୁ ଶିକ୍ଷା ପ୍ରଦାନ କରାଯାଏ ।

***ଅଂଶଗ୍ରହଣ କରିବା:*** ବିକାଶମୂଳକ କାର୍ଯ୍ୟକ୍ରମର ସଫଳତା ଦର୍ଶକମାନଙ୍କ ଅଂଶଗ୍ରହଣରେ ନିହିତ ଥାଏ । କ୍ରମାଗତ ବିକାଶ ଏବଂ ସମାଜରେ ସଂସ୍କାର ଆଣିବାପାଇଁ ପ୍ରତ୍ୟେକ ନାଗରିକଙ୍କ ସ୍ୱେଚ୍ଛାକୃତ ଅଂଶଗ୍ରହଣ ଆବଶ୍ୟକ ।

ଭାରତରେ ବିକାଶମୂଳକ ଯୋଗାଯୋଗର ଇତିହାସ ୧୯୪୦ ଦଶକରୁ ଆରମ୍ଭ ହୋଇ ଗ୍ରାମାଞ୍ଚଳରେ ରେଡିଓ ପ୍ରସାରଣ ସହିତ ୧୯୫୦ ଦଶକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିକାଶମୂଳକ ଯୋଗାଯୋଗ ପ୍ରକଳ୍ପ ସହିତ ପ୍ରସାରଣ କରାଯାଇଥିଲା ।

ବିକାଶମୂଳକ ଯୋଗାଯୋଗ ପାଇଁ ପ୍ରିଣ୍ଟ୍ ମିଡିଆ ମଧ୍ୟ ବ୍ୟାପକ ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ । ପ୍ରିଣ୍ଟ୍ ମିଡିଆକୁ ଯୋଗାଯୋଗ କ୍ଷେତ୍ରରେ ବ୍ୟବହୃତ ପାରମ୍ପରିକ ଗଣମାଧ୍ୟମ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ସ୍ୱାଧୀନତା ପରେ ଖବରକାଗଜ ବିକାଶମୂଳକଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ସ୍ୱାଧୀନତା ପରେ ଭାରତର ବିକାଶ ପ୍ରକ୍ରିୟାରେ ସାମାଜିକ ସଚେତନତା ବୃଦ୍ଧି କରିବା ଏବଂ ସମସ୍ତ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦିଆଯାଇଛି । ଅନେକ ସ୍ୱେଚ୍ଛାସେବୀ ସଂଗଠନ, ଅନୁଷ୍ଠାନ ଏବଂ

ବ୍ୟକ୍ତିବିଶେଷ ସରକାର ଏବଂ ଲୋକଙ୍କ ମଧ୍ୟରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରି ବିକାଶ କ୍ଷେତ୍ରରେ ସହଯୋଗ କରିଥିଲେ । ଗଣମାଧ୍ୟମର ବିକାଶ ହେଉଛି ଏହିପରି ଏକ ଆରୋହଣ ପଦକ୍ଷେପ । ଗଣମାଧ୍ୟମ ହେଉଛି ଏପରି ଗୋଟିଏ ଚ୍ୟାନେଲ ଯାହା ବିବିଧ ଦର୍ଶକମାନଙ୍କ ପାଇଁ ବାର୍ତ୍ତାଗୁଡିକୁ ଏବଂ ସୂଚନାଗୁଡିକୁ ବହନ କରିଥାଏ । ଗଣମାଧ୍ୟମ ଗଣତନ୍ତ୍ରର ଅଧିକ ଅବଦାନ ପାଇଁ ଲୋକଙ୍କ ସହିତ ଜଡିତ ବିଷୟବସ୍ତୁକୁ ଧ୍ୟାନରେ ରଖି ଲୋକତନ୍ତ୍ରରେ ଅଧିକ ଯୋଗଦାନ ଦେଇଥାଏ ଏବଂ ସେମାନେ ସରକାରଙ୍କ ନୀତି ଏବଂ ନିଷ୍ପତ୍ତି ନେବାର କାର୍ଯ୍ୟକଳାପରେ ଲୋକମାନଙ୍କୁ ଫଳପ୍ରଦ ରୂପରେ ସାମିଲ କରିଥାନ୍ତି । ଗଣମାଧ୍ୟମ ଆମ ଦେଶର ଲୋକମାନଙ୍କ ପାଇଁ ସାମାଜିକ ତଥା ଅର୍ଥନୈତିକ ଚିନ୍ତାଧାରା ପ୍ରସଙ୍ଗରେ ବିତର୍କ କରି ସାମାଜିକ ପରିବର୍ତ୍ତନରେ ପ୍ରୋତ୍ସାହିତ ମୂଲ୍ୟବୋଧକୁ ଚିତ୍ରଣ କିମ୍ବା ରୂପରେଖ ପ୍ରଦାନ କରି ଆମ ଦେଶ ପାଇଁ ପ୍ରହରୀ ସଦୃଶ କାର୍ଯ୍ୟ କରିଥାଏ ।

ନିଜର ସ୍ଥାପନା ସମୟରେ ରେଡିଓ ବିକାଶମୂଳକ ଦିଗରେ ଗ୍ରାମାଞ୍ଚଳର ବହୁସଂଖ୍ୟକ ଲୋକଙ୍କ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କମ୍ୟୁନିଟି ରେଡିଓ ହେଉଛି ଅନ୍ୟ ଏକ ପଦକ୍ଷେପ ଯାହା ବିକାଶପାଇଁ ଗୁରୁତ୍ୱ ହାସଲ କରିଛି, ଏହା ସେମାନଙ୍କର ଛୋଟ ସମସ୍ୟାଗୁଡିକ ଉପସ୍ଥାପନ କରିବାପାଇଁ ଏକ ସ୍ଥାନୀୟ ମଞ୍ଚ ରୂପେ କାର୍ଯ୍ୟ କରିଥାଏ ।

ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିକାଶମୂଳକ ଦିଗରେ ଟେଲିଭିଜନ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛି । ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ବ୍ୟାପକଭାବେ ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ଗୋଟିଏ ପଥ ପରିଷ୍କାର କରେ । ସାଟେଲାଇଟ୍ ନିର୍ଦ୍ଦେଶାବଳୀ ଟେଲିଭିଜନର ପ୍ରୟୋଗ ଅନ୍ୟ ଅର୍ଥରେ ସିଓଞ୍ଚର ଭାବେ ମଧ୍ୟ ପରିଚିତ, ଯାହା ୧୯୭୦ ଦଶକରେ ସିଓଞ୍ଚର ଗ୍ରାମାଞ୍ଚଳରେ ସମାଜର ଉନ୍ନତି ପାଇଁ ସୂଚନାତ୍ମକ ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲା ।

ସିଓଞ୍ଚରର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଉଛି:

୧. ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାର ଉନ୍ନତି ।
୨. ଶିକ୍ଷକମାନଙ୍କୁ ସଜାଇବା ।
୩. କୃଷି, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପୁଷ୍ଟିରେ ସୁଧାର ଆଣିବା ।

ସାମାଜିକ ପରିବର୍ତ୍ତନ ଏବଂ ଆର୍ଥୀକ ବିକାଶ ପାଇଁ ଶିକ୍ଷଣୀୟ ଟେଲିଭିଜନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ । ଉଦାହରଣ ସ୍ୱରୂପ, ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (IGNOU) ଦ୍ୱାରା ପତ୍ର ବିନିମୟରେ ଶିକ୍ଷା କାର୍ଯ୍ୟକ୍ରମ ଏବଂ EDUSAT, ମୁଖ୍ୟତଃ ଶିକ୍ଷା ପାଇଁ ଏକ ସାଟେଲାଇଟ ପଦକ୍ଷେପ ।

ଏହି ଶିକ୍ଷାଗତ ଟେଲିଭିଜନ ଚ୍ୟାନେଲଗୁଡିକ ଛାତ୍ରଛାତ୍ରୀମାନଙ୍କୁ ପାଠାଗାର, ଭିଜୁଆଲ ଉପସ୍ଥାପନା, ପାରସ୍ପରିକ କ୍ରିୟା, ଆଲୋଚନା ଏବଂ ଅନ୍‌ଲାଇନ୍ ଉତ୍ସ, ଡାଟାବେସ ପ୍ରବେଶ ସହିତ ଏକ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପ୍ରଦାନ କରିବାରେ ସାହାଯ୍ୟ କରେ ।

ଟେଲିଭିଜନ ଓ ରେଡିଓକୁ ବିକାଶଲାଭର "ମ୍ୟାଜିକ ମଲ୍ଟିପ୍ଲାୟର" ଭାବେ ବିବେଚନା କରାଯାଏ ।

**ସମନ୍ୱିତ ଗ୍ରାମୀଣ ବିକାଶ:** ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ରବର୍ଟ ମ୍ୟାକନାମାରା (୧୯୭୩)ରେ ସମନ୍ୱିତ ଗ୍ରାମୀଣ ସଂକଳ୍ପର ପ୍ରସ୍ତାବ ଦେଇଥିଲେ । ଏହା ଅର୍ଥନୈତିକ ବିକାଶର ସମବଣ୍ଟନ ପାଇଁ ଗ୍ରାମାଞ୍ଚଳର ନୀତିରେ ସଂସ୍କାର ଆଣିବା ଏବଂ ଏହାଦ୍ୱାରା ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ବିକାଶମୂଳକ ଯୋଜନା ପାଇଁ ପଥ ପରିଷ୍କାର କରେ । ଏହିପରି କିଛି ଅଞ୍ଚଳ ଏଠାରେ ଅନ୍ତର୍ଭୁକ୍ତ କରାଯାଇଛି:

୧) ଭୂମୀ ଏବଂ ଭଡାରେ ପ୍ରଭାବଶାଳୀ ସଂସ୍କାର
୨) କ୍ରେଡିଟ ଆକ୍ସେସିବିଲିଟି
୩) ବିଶୁଦ୍ଧ ପାନୀୟଜଳର ଉପଲବ୍ଧତା
୪) ସମ୍ପ୍ରସାରଣ ସେବା ଏବଂ ଅନୁପ୍ରୟୋଗର ଅନୁସନ୍ଧାନରେ ବିସ୍ତାର
୫) ସାର୍ବଜନୀନ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା
୬) ଗ୍ରାମୀଣ ଅନୁଷ୍ଠାନ ଏବଂ ସାଙ୍ଗଠନିକ ପରିବର୍ତ୍ତନର ନୂତନ ରୂପରେଖ
୭) ବିକାଶମୂଳକ ବିକାଶ ନିମନ୍ତେ ଲୋକଙ୍କ ଅଂଶଗ୍ରହଣ
୮) କାର୍ଯ୍ୟକ୍ରମ ଯୋଜନାରେ ସ୍ଥାନୀୟ ନେତୃତ୍ୱର ସମାବେଶ
୯) ଗ୍ରାମାଞ୍ଚଳ ସମ୍ପ୍ରଦାୟରେ ଶକ୍ତିର ବିକେନ୍ଦ୍ରୀକରଣ

*ସ୍ୱୟଂ ସହାୟକ ଗୋଷ୍ଠୀ (SHGs):*ଗ୍ରାମ ଳରେବିକାଶମୂଳକ ଯୋଜନାକୁ କାର୍ଯ୍ୟକାରୀ କରିବା ଏବଂ ପ୍ରୋତ୍ସାହନ ଦେବାପାଇଁ ଭାରତରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟବହାର କରାଯାଏ । ସାଧାରଣତଃ ଏହି ଗୋଷ୍ଠୀଗୁଡିକ ସ୍ୱ-ଇଛାରେ ଆଗ୍ରହୀ ୮ରୁ ୧୦ଜଣ ସଦସ୍ୟଙ୍କୁ ନେଇ ଗଠିତ । ଏହି ଗୋଷ୍ଠୀମାନେ ଅର୍ଥ ରୋଜଗାର ଯେପରିକି ଦୁଗ୍ଧ ଉତ୍ପାଦନ, ମେଣ୍ଢା ପାଳନ, କୁମ୍ଭାର କାର୍ଯ୍ୟ, ବାଉଁଶ କାର୍ଯ୍ୟ ଇତ୍ୟାଦି ଜୀବିକାର୍ଜନ କାର୍ଯ୍ୟକଳାପର ଉନ୍ନତି କ୍ଷେତ୍ରରେ ବିନିଯୋଗ କରିଥାନ୍ତି । ଗ୍ରାମାଞ୍ଚଳରେ ବିକାଶମୂଳକ ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଜିଲ୍ଲା ଦାରିଦ୍ର୍ୟ ଅଭିଯାନ କାର୍ଯ୍ୟକ୍ରମ, ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଇତ୍ୟାଦି ।

### ଉନ୍ନୟନ ପାଇଁ ଆଇସିଟି (ICT)

ସୂଚନା ଓ ଯୋଗାଯୋଗ (ଆଇସିଟି) ପ୍ରଯୁକ୍ତିବିଦ୍ୟାର ନବୀକରଣ କାରଣରୁ ବିକଶିତ ହୋଇଛି, ଯେଉଁଥିରେ ମୋବାଇଲ ଫୋନ୍ ଏବଂ ଇଣ୍ଟରନେଟ ଅନ୍ତର୍ଭୁକ୍ତ, ଯାହାକି ଯୋଗାଯୋଗ ଏବଂ ସୂଚନାର ଗୋଟିଏ ମଞ୍ଚରୂପେ ଅବସ୍ଥିତ । ନୂତନ ଗଣମାଧ୍ୟମ ଦୁନିଆରେ ପ୍ରଯୁକ୍ତିବିଦ୍ୟାଯୋଡି ହୋଇଯାଇଛି ଏବଂ ସମସ୍ତ କ୍ଷେତ୍ରର ଲୋକମାନଙ୍କ ମଧ୍ୟରେ ଥିବା ପ୍ରଭେଦକୁ ହ୍ରାସ କରିଛି । ବିକାଶମୂଳକ ସାମ୍ବାଦିକତାରେ ଆଇସିଟି ଗ୍ରାମାଞ୍ଚଳର ବିକାଶମୂଳକ କ୍ଷେତ୍ରରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସଦ୍ୟତମ ଟେକ୍ନୋଲଜି ବ୍ୟବହାର କରେ । ସ୍ଥାନୀୟ ରେଡିଓ ଏବଂ ଟେଲିଭିଜନ କାର୍ଯ୍ୟକ୍ରମ ଦ୍ୱାରା ସାମ୍ବାଦିକତା ଅଭ୍ୟାସର ବିକାଶମୂଳକ ଦିଗରେ ଆଇସିଟିର ବ୍ୟବହାର ନିମନ୍ତେ ଖବର ସଂଗ୍ରହ କରି ଘଟଣାଗୁଡିକୁ ବଢାଇଥାଏ, ସ୍ଥାନୀୟ ସମସ୍ୟା ପ୍ରସଙ୍ଗରେ ଦର୍ଶକଙ୍କୁ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥାଏ ଏବଂ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରୋତ୍ସାହନ କରିବା ପାଇଁ ସୁବିଧାଗୁଡିକରେ ସଂସ୍କାର ଆଣିଥାଏ । ଆଇସିଟିର ବ୍ୟବହାର ଇମେଲ, ସାମାଜିକ

ଗଣମାଧ୍ୟମ, ମିଡିଆ ଆଉଟଲେଟ, ୱେବସାଇଟ, ଡାଟାବେସ ଏବଂ ସର୍ଚ୍ଚ ଇଞ୍ଜିନ ପାଇଁ ଇଣ୍ଟରନେଟ୍ ମାଧ୍ୟମରେ ସୂଚନା ନିକଟରେ ପହଞ୍ଚିବାର ସୁବିଧା ଏବଂ ଏସଏମଏସ ଏବଂ କଲ-ଇନ୍ସ ପାଇଁ ମୋବାଇଲ ସେବା ପ୍ରଦାନ କରିଥାଏ ।

ନୂତନ ଗଣମାଧ୍ୟମ ନିଜର ବିସ୍ତାରିତ କନେକ୍ଟିଭିଟି ମାଧ୍ୟମରେ ଯୋଗାଯୋଗ ବିକାଶ ସମ୍ବନ୍ଧୀୟ ଗୋଟିଏ ଉପକରଣ। ନୂତନ ମିଡିଆ ମାଧ୍ୟମରେ ବିକାଶମୂଳକ ପଦକ୍ଷେପରେ ଇ-ଗଭର୍ଣ୍ଣାନ୍ସ, ଇ-ଚୌପାଲ ଇତ୍ୟାଦି ଅନ୍ତର୍ଭୁକ୍ତ ।

ବିକାଶମୂଳକ ଦିଗରେ ଦେଶରେ ପ୍ରଯୁକ୍ତିବିଦ୍ୟାର ତୀବ୍ର ଅଭିବୃଦ୍ଧି କାରଣରୁ ଇ-ଗଭର୍ଣ୍ଣାନ୍ସ ମାଧ୍ୟମରେ ବିକାଶମୂଳକ ଯୋଗାଯୋଗରେ ସୂଚନା ପ୍ରଯୁକ୍ତିର ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଇଲେକ୍ଟ୍ରୋନିକ ଗଭର୍ଣ୍ଣାନ୍ସ କିମ୍ବା ଇ-ଗଭର୍ଣ୍ଣାନ୍ସ, କମ୍ପ୍ୟୁଟର ମାଧ୍ୟମରେ ଇଣ୍ଟରନେଟ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ସାର୍ବଜନୀକ ସେବା ଏବଂ ସୂଚନାଗୁଡିକୁ ଘରେ ଘରେ ପହଞ୍ଚାଇବା ନିମନ୍ତେ ସଠିକ ଅଟେ ।

ଏହା ସରକାର ସମ୍ବନ୍ଧୀୟ ସେବାଗୁଡିକର ଲାଭ ପହଞ୍ଚାଉଥିବା ନୂତନ ନୀତିଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ମୌଳିକ ସ୍ତରରେ କାର୍ଯ୍ୟ କରିଥାଏ । ଇ-ଗଭର୍ଣ୍ଣାନ୍ସର ବିକାଶମୂଳକ କାର୍ଯ୍ୟକ୍ରମଗୁଡିକର ଯୋଜନାଗୁଡିକୁ କାର୍ଯ୍ୟକାରୀ ଏବଂ ତଦାରଖ କରିବାପାଇଁ ଆଇସିଟିର ବ୍ୟବହାର କରାଯାଇଥାଏ ।

**ଗ୍ରାମା ଳରେ ଇ-ଗଭର୍ଣ୍ଣାନ୍ସର ପଦକ୍ଷେପ:**

- *କମ୍ପ୍ୟୁଟରୀକରଣ ଗ୍ରାମୀଣ ସୂଚନା ପ୍ରଣାଳୀ ପ୍ରକଳ୍ପ (CRISP)*: CRISP ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଉପରେ ନଜର ରଖିବା ପାଇଁ ପରିକଳ୍ପନା କରାଯାଇଛି ।
- *ଷ୍ଟେଟ ୱାଇଡ୍ ନେଟୱର୍କ ଏରିଆ ପ୍ରୋଜେକ୍ଟ (SWAN)*: SWAN ସରକାରୀ ସେବାଗୁଡିକ ପାଇଁ ଶୀଘ୍ର ପହଞ୍ଚିପାରୁଥିବା ଉଚ୍ଚଗତି ସମ୍ପନ୍ନ କନେକ୍ଟିଭିଟି ସେବା ପ୍ରଦାନ କରିଥାଏ ।
- *ଇ-ଚୌପାଲ*: E-Choupal ଚାଷୀମାନଙ୍କ ପାଇଁ ଆଇସିଟିର ସାମୁହିକ ପଦକ୍ଷେପ ଯାହା ସେମାନଙ୍କୁ ଇ-ଚୌପାଲ ମାଧ୍ୟମରେ ଗୋଟିଏ ପାରମ୍ପରିକ ମଣ୍ଡି ସିଷ୍ଟମ ମାଧ୍ୟମରେ ନିଜର ସାମଗ୍ରୀଗୁଡିକୁ କିଣିବାରେ ସାହାଯ୍ୟ କରିଥାଏ ।
- *ଇ-ମେଡିସିନ୍* : ସୁଦୂର ଗ୍ରାମଗୁଡିରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା
- *ଲୋକମିତ୍ର* : ଏହା ଦୁର୍ଗମ ସ୍ଥାନରେ ମଧ୍ୟ ଅଭିଯୋଗର ନିବାରଣ ପାଇଁ ସହଜ ସେବା ପ୍ରଦାନ କରିଥାଏ ।
- *N-Louge* : ଏହା ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଇଣ୍ଟରନେଟର ସେବା ପ୍ରଦାନ କରିଥାଏ ।
- *Kisan call Centres* : ଏହି କେନ୍ଦ୍ରଗୁଡିକ ଚାଷୀମାନେ ଆଞ୍ଚଳିକ ଭାଷାରେ ଉଠାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେଇଥାନ୍ତି । ଏହା କୃଷି ଏବଂ ସହଯୋଗ ବିଭାଗ, କୃଷି ମନ୍ତ୍ରଣାଳୟ ଦ୍ୱାରା ୨୦୦୨ରେ ଆରମ୍ଭ କରାଯାଇଥିଲା ।
- *ଜ୍ଞାନଦୂତ* : ଏହା ମଧ୍ୟପ୍ରଦେଶର ଦରିଦ୍ର ଆଦିବାସୀ ବହୁଳ ଗ୍ରାମାଞ୍ଚଳରେ ସ୍ଥାପିତ ଗୋଟିଏ ସମ୍ପ୍ରଦାୟର ମାଲିକାନାରେ ସୂଚନା କିଓସ୍କ ।

- *Akashganga*: ଗ୍ରାମୀଣ ଦୁଗ୍ଧ ଉତ୍ପାଦକମାନଙ୍କୁ ଆଇସିଟି ମାଧ୍ୟମରେ ସମବାୟ ସମାଜର ସମସ୍ତ କାର୍ଯ୍ୟକୁ ଏକତ୍ର କରି ଗ୍ରାମା ଳର ଦୁଗ୍ଧ ଉତ୍ପାଦକଙ୍କ ସୁବିଧା ନିମନ୍ତେ ଗୋଟିଏ ପଦକ୍ଷେପ ।

*ଗ୍ରାମୀଣ ଇଣ୍ଟରନେଟ କାର୍ଯ୍ୟକ୍ରମ (VIP)*: ଗ୍ରାମା ଳର ଲୋକମାନେ ନିଜର ବ୍ୟବସାୟିକ ଉପକ୍ରମକୁ ବିସ୍ତାର ଏବଂ ଉନ୍ନୟନ କରିବା ପାଇଁ ଅର୍ଥ ଋଣ ନେବା ପାଇଁ ଗ୍ରାମା ଳରେ ସାଇବର କିଓସ୍କ ସ୍ଥାପନା କରି ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗୋଟିଏ ଦୁଃସାହସିକ କାର୍ଯ୍ୟ ଯାହା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ଆୟୋଜିତ ପାୟଲଟ କାର୍ଯ୍ୟକ୍ରମର ଗୋଟିଏ ପ୍ରକ୍ରିୟା । ଏହି ସାଇବର କିଓସ୍କ କୃଷି ପ୍ରଣାଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିଥାଏ ଏବଂ କୃଷି ବିକାଶ ବୃଦ୍ଧି ପାଇଁ ଉପାୟ ପ୍ରଦାନ କରିଥାଏ, ଯାହା ଗ୍ରାମାଞ୍ଚଳର ଯୁବକମାନଙ୍କୁ କମ୍ପ୍ୟୁଟର ଭିତ୍ତିକ ନିଯୁକ୍ତି ପ୍ରଦାନ କରିବାରେ ସହାୟକ ହୋଇଥାଏ ।

**ବିକାଶ ପାଇଁ ସରକାରୀ ପ୍ରତିନିଧି:**

ବିକାଶ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମା ଳରେ ଶ୍ରମିକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ, ଯେପରିକି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏବଂ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଆଇନ ।

***ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା (PMGAY):*** ଏହି ସରକାରୀ ଯୋଜନା ପାଇଁ ଏକ ସାମାଜିକ କଲ୍ୟାଣ ପ୍ରମୁଖ କାର୍ଯ୍ୟକ୍ରମ ରହିଛି, ଯାହାକୁ ମୁଖ୍ୟତଃ ଇନ୍ଦିରା ଆବାସ ଯୋଜନା (IAY) କୁହାଯାଏ । ଏହି କାର୍ଯ୍ୟକ୍ରମ ଭାରତର ଗ୍ରାମୀଣ ଦାରିଦ୍ର୍ୟଗ୍ରସ୍ତଙ୍କୁ ଘର ଯୋଗାଇ ଗ୍ରାମାଞ୍ଚଳ ତଥା ସୀମାନ୍ତ କ୍ଷେତ୍ରରେ ରହୁଥିବା ଲୋକଙ୍କ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିଥାଏ । ଏହା ୨୦୨୨ ମସିହାରେ ସମସ୍ତଙ୍କ ପାଇଁ ଗୃହ ଯୋଜନାର ଏକ ଅଂଶ ଅଟେ ଯାହା ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳର ଜନସଂଖ୍ୟାଙ୍କ ନିମନ୍ତେ ଗୃହ ନିର୍ମାଣ ପାଇଁ ଆରମ୍ଭ କରାଯାଇଥିଲା ।

***ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା:*** ଦିବଙ୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦ୍ୱାରା କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହା ଏକ ସରକାରୀ ଯୋଜନା, ଯାହା ଗ୍ରାମାଞ୍ଚଳର ସଡକ ସୁବିଧାଗୁଡିକର ବିକାଶ ନିମନ୍ତେ କାର୍ଯ୍ୟକାରୀ କରାଯାଇଥିଲା ।

***ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (MNREGA):*** ଏହି ଆଇନ ଗ୍ରାମାଞ୍ଚଳର ପ୍ରତ୍ୟେକ ଘରର ସଦସ୍ୟଙ୍କୁ ଅଣକୁଶଳୀ ପ୍ରକରଣ କାର୍ଯ୍ୟ ଭାବରେ ୧୦୦ ଦିନର ରୋଜଗାରକୁ ସୁନିଶ୍ଚିତ କରିବା ହୋଇଥାଏ । ନିମ୍ନଲିଖିତ ଲକ୍ଷ୍ୟକୁ ପୂରଣ କରିବାପାଇଁ ଏହି କାର୍ଯ୍ୟକୁ ଆରମ୍ଭ କରାଯାଇଛି:

- ଏହା ଗରିବ ଏବଂ ସୁବିଧାରୁ ବଞ୍ଚିତ ଶ୍ରେଣୀର ଲୋକମାନଙ୍କୁ ଜୀବିକା ଯୋଗାଇବା, ସେମାନଙ୍କ ଅର୍ଥନୈତିକ ସ୍ଥିତିକୁ ଦୀର୍ଘମିଆଦୀ କରିବାରେ ସାହାଯ୍ୟ କରିବା,ସେମାନଙ୍କ ଉତ୍ପାଦନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ବର୍ତ୍ତମାନର ବିକାଶ ସହିତ ଜଳ ସୁରକ୍ଷାରେ ସଂସ୍କାର, ମୃତ୍ତିକା ସଂରକ୍ଷଣ ପରି ଆଜୀବନ ଜିବୀକା ପ୍ରଦାନକାରୀ ଯୋଜନାରେ ସହାୟକ କରିବା ହୋଇଥାଏ ।
- ଗ୍ରାମା ଳର ଲୋକମାନଙ୍କୁ ରୋଜଗାରର ଉତ୍ସ ପ୍ରଦାନ କରି ସେମାନଙ୍କୁ ସୁରକ୍ଷା ଦେବା ।
- ମରୁଡି ପରିଚାଳନା କାର୍ଯ୍ୟକଳାପ ଏବଂ ବନ୍ୟା ସୁରକ୍ଷା ପ୍ରଣାଳୀ ଗ୍ରହଣ କରିବା ।

- ମହିଳାମାନଙ୍କୁ ସଶକ୍ତିକରଣ, ସେମାନଙ୍କୁ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚୀତ ଜନଜାତି (ଏସଟି) ଅଧିକାର ମାଧ୍ୟମରେ ବିଧାନସଭାରେ ଅଧିକାରକୁ ନିର୍ଦ୍ଧାରଣ କରିବା ।
- ବିକେନ୍ଦ୍ରୀକରଣ ସମ୍ପ୍ରଦାୟକୁ ମଜବୁତ କରିବା ଏବଂ ଦାରିଦ୍ର୍ୟ ବିରୋଧୀ ତଥା ଜୀବିକା ନିର୍ବାହକୁ ଉପଯୁକ୍ତ ଭାବେ ଅଂଶଗ୍ରହଣକାରୀ ଯୋଜନାରେ ସାହାଯ୍ୟ କରିବା ।
- ପଞ୍ଚାୟତରାଜ ଅନୁଷ୍ଠାନକୁ ମଜବୁତ କରି ଗଣତନ୍ତ୍ରର ଗଭୀରତାକୁ ସୁନିଶ୍ଚିତ କରିବା ।
- ଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟୀତ୍ୱକୁ ସୁନିଶ୍ଚିତ କରିବା

ଇତିହାସର ଏକ ବୃହତ ନିଯୁକ୍ତି କାର୍ଯ୍ୟକ୍ରମରେ MNREGA ଅଧିନିୟମର ଗୁରୁତ୍ୱ ବୃଦ୍ଧି ପାଇଛି । କାରଣ ଏହା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ଏକ ଆଇନଗତ ଅଧିକାର ଭାବରେ ସୁନିଶ୍ଚିତ ବେତନଯୁକ୍ତ ନିଯୁକ୍ତି ପ୍ରଦାନ କରିଛି । ଗଘଜରଏଇ ପ୍ରାକୃତିକ ସମ୍ପଦର ସମନ୍ୱିତ ପରିଚାଳନାରେ ମଧ୍ୟ ସାହାଯ୍ୟ କଲା । ଯଦ୍ୱାରା ଗ୍ରାମାଞ୍ଚଳ ଏବଂ ସୁବିଧାରୁ ବଞ୍ଚିତ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇପାରିଲା ।

***ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) :*** ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଜୁଲାଇ ୨୦୧୧ରେ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ଜୀବିକା ମିଶନ ସଂଗଠନ ଗ୍ରାମାଞ୍ଚଳର ଗରିବଙ୍କ ପାଇଁ ପାରିବାରିକ ଆୟ ବୃଦ୍ଧିକ୍ଷେତ୍ରରେ ଦକ୍ଷ ମଞ୍ଚ ସୃଷ୍ଟି କରିବା ନିମନ୍ତେ ଏହା ବିଶ୍ୱବ୍ୟାଙ୍କ ସହାୟତାର ଗୋଟିଏ ପ୍ରକଳ୍ପ । ଆଜୀବନ ଉନ୍ନତି ଯୋଗାଇବା ଏବଂ ସେମାନଙ୍କୁ ଆର୍ଥିକ ସେବାଗୁଡ଼ିକର ପ୍ରବେଶ ସହିତ ପରିଚିତ କରାଇବା, ଗରିବ ଏବଂ ଅନୁନ୍ନତ ସମ୍ପ୍ରଦାୟର ଜୀବିକା ବଦଳାଇବା ପାଇଁ ଏହା ଏକ ଉଦ୍ୟମ, ଯାହା ସେମାନଙ୍କର ଜ୍ଞାନ ଏବଂ ସାମର୍ଥ୍ୟକୁ ବଞ୍ଚାଇଥାଏ ଏବଂ ସେମାନଙ୍କ ଏହିପରି ଅର୍ଥନୈତିକ ବିକାଶକୁ ବୃଦ୍ଧି କରିଥାଏ । ଏହି ପ୍ରକଳ୍ପ ଉଇଣ-ଘଜଖଗ ନାମରେ ନାମିତ ।

***ଦିନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ (DAY-NRLM) :*** DAY-NRLM ର ଉଦ୍ଦେଶ୍ୟ ଗ୍ରାମୀଣ ପରିବାରଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ନିଜ କୌଶଳ ଏବଂ କ୍ଷମତାକୁ ଗଠନ କରିବାରେ ସହାୟତା ପ୍ରଦାନ କରି ଜୀବିକାର ସୁଯୋଗ ପ୍ରଦାନ କରିବା । ଯଦ୍ୱାରା ସେମାନେ ସରକାରୀ ଏବଂ ବେସରକାରୀ କ୍ଷେତ୍ରଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକୁ ଅନୁଭବ କରିପାରିବେ । ଦାରିଦ୍ର୍ୟ ଦୂରୀକରଣ ପାଇଁ ଏହି ଯୋଜନା ଗ୍ରାମାଞ୍ଚଳର ମହିଳାମାନଙ୍କ ଉତ୍ଥାନକୁ ସୁନିଶ୍ଚିତ କରିଥାଏ, ଯାହା ସେମାନଙ୍କୁ ସାମାଜିକ ମଙ୍ଗଳ ପ୍ରଦାନ କରିଥାଏ ।

***ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (DDU-GKY) :***DDU-GKY ହେଉଛି ଗୋଟିଏ କୌଶଳ ବିକାଶମୂଳକ ଯୋଜନା । ଏହି ଯୋଜନା ଗ୍ରାମୀଣ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ସହିତ ସମନ୍ୱୟ ରକ୍ଷା କରି ତାଲିମ ପ୍ରାପ୍ତ କରିଥିବା ମହିଳା ଏବଂ ଯୁବକମାନଙ୍କୁ ସେମାନଙ୍କ ଉନ୍ନତ କୌଶଳ ଏବଂ ସେବା ଉପରେ ଆଧାର ଭବିଷ୍ୟତ ନିର୍ମାଣ ପାଇଁ ସୁଯୋଗ ପ୍ରଦାନ କରେ ।

***ସର୍ବଶିକ୍ଷା ଅଭିଯାନ (SSA) :*** ସର୍ବ ଶିକ୍ଷା ଅଭିଯାନ, ଭାରତ ସମ୍ବିଧାନର ୮୬ ତମ ସଂଶୋଧନ ଦ୍ୱାରା ନିର୍ଦ୍ଦେଶିତ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା "ସମସ୍ତଙ୍କ ପାଇଁ ଶିକ୍ଷା" ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି, ଯେଉଁଥିରେ ମାଗଣା ଏବଂ ନିଶ୍ଚିତ ଶିକ୍ଷାର ଆବଶ୍ୟକତା ଦର୍ଶାଯାଇଛି ।

୬ ରୁ ୧୪ ବର୍ଷର ପିଲାମାନେ ଗ୍ରାମାଞ୍ଚଳ ଏବଂ ସୀମାବର୍ତ୍ତୀ କ୍ଷେତ୍ରରେ ଦଶଲକ୍ଷରୁ ଅଧିକ ପିଲାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସର୍ବ ଶିକ୍ଷା ଅଭିଯାନ ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରିଥାଏ । ସର୍ବ ଶିକ୍ଷା ଅଭିଯାନ କେବଳ ପିଲାମାନଙ୍କ ମୌଳିକ ଶିକ୍ଷାକୁ ଧ୍ୟାନ ଦେଇ ନ ଥାଏ ବରଂ ସେମାନଙ୍କ ଜୀବନ ଏବଂ ମୂଲ୍ୟଭିତ୍ତିକ ଶିକ୍ଷା ଏବଂ ଗଣନା କ୍ଷମତାର ଯତ୍ନ ମଧ୍ୟ ନେଇଥାଏ । ଏଥିରେ ମହିଳା, ଶିଶୁ ଏବଂ ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ଧ୍ୟାନ ଦିଆଯାଇଥାଏ ।

***ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲ୍ଚର ଏବଂ ରୁରାଲ ଡେଭଲପମେଣ୍ଟ (NABARD):*** ଗ୍ରାମାଞ୍ଚଳର ସମୃଦ୍ଧିକୁ ପ୍ରୋତ୍ସାହିତ କରିବାପାଇଁ ନାବାର୍ଡ ଭାରତରେ ଏକ ବିକାଶମୂଳକ ବ୍ୟାଙ୍କ ଭାବରେ ଆରମ୍ଭ କରାଯାଇଥିଲା । ନାବାର୍ଡ କୃଷି କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଏବଂ ଅର୍ଥନୈତିକ ହସ୍ତକ୍ଷେପ, ଉଦ୍ଭାବନ ଏବଂ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତୀ ମାଧ୍ୟମରେ ଆର୍ଥୀକ ବିକାଶରେ ସାହାଯ୍ୟ କରିବାପାଇଁ ଗୋଟିଏ ଲକ୍ଷ୍ୟ ସହିତ ଆରମ୍ଭ କରାଯାଇଥିଲା । ନାବାର୍ଡ ଆଦିବାସୀଙ୍କ ବିକାଶ ଏବଂ ସ୍ଥାୟୀ ଜୀବିକା ସହିତ ଘନିଷ୍ଠ ଭାବରେ ଜଡିତ ।

*ଇଣ୍ଟରନ୍ୟାସନାଲ ବ୍ୟାଙ୍କ ଫର ରିକନଷ୍ଟ୍ରକ୍ସନ ଏବଂ ଡେଭଲପମେଣ୍ଟ (IBRD)* : ଆଇବିଆରଡି ହେଉଛି ୧୮୯ରୁ ଅଧିକ ଦେଶ ଦ୍ୱାରା ଗୋଟିଏ ବିଶ୍ୱସ୍ତରୀୟ ବିକାଶମୂଳକ ସମନ୍ୱୟ । ଆଇବିଆରଡି ଦୁଇଟି ସଂସ୍ଥା ଇଣ୍ଟରନ୍ୟାସନାଲ ବାଙ୍କ ଫର ରିକନଷ୍ଟ୍ରକସନ ଏବଂ ବିକାଶ (ଆଇବିଆରଡି) ଏବଂ ଆନ୍ତର୍ଜାତୀୟ ବିକାଶ ଆସୋସିଏସନ (ଆଇଡିଏ)କୁ ନେଇ ଗଠିତ । ବିଶ୍ୱ ବ୍ୟାଙ୍କ ସମୁଦାୟରେ ଅନ୍ତର୍ଭୁକ୍ତ ପାଞ୍ଚଟି ସଦସ୍ୟ ମଧ୍ୟରେ ଆଇବିଆରଡି ପ୍ରଥମ । ଆଇବିଆରଡି ମଧ୍ୟମ ଆୟର ବିକାଶଶୀଳ ଦେଶଗୁଡିକର ଅର୍ଥନୈତିକ ଆୟ ପାଇଁ ଦାୟୀ । ଆଇବିଆରଡି ବର୍ତ୍ତମାନ ବିଶ୍ୱର ଅର୍ଥନୈତିକ ବିକାଶ ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏହାର ସେବାକୁ ବିସ୍ତାର କରୁଛି । ଆଇବିଆରଡି ଏବଂ ଆଇଡିଏ ବିଶ୍ୱ ବ୍ୟାଙ୍କ ଗଠନ କରେ, ଏହି ଦୁଇଟି ଅନୁଷ୍ଠାନ ବିକାଶଶୀଳ ଦେଶର ସରକାରମାନଙ୍କୁ ଆର୍ଥିକ, ନୀତି ପରାମର୍ଶ ଏବଂ ବୈଷୟିକ ସହାୟତା ଯୋଗାଇବାରେ ସାହାଯ୍ୟ କରେ । ଆଇଡିଏ ଦୁନିଆର ସବୁଠାରୁ ଗରିବ ଦେଶ ଉପରେ ଧ୍ୟାନ ଦେଇଥାଏ ଯେତେବେଳେ ଆଇବିଆରଡି ମଧ୍ୟମ ଆୟକାରୀ ଦେଶମାନଙ୍କୁ ସାହାଯ୍ୟ କରିଥାଏ । ଏହାର ସଦସ୍ୟ ଦେଶମାନଙ୍କୁ ନମନୀୟ ହାରରେ ଆଇବିଆରଡି ଏବଂ ଆଇଡିଏ ଗରିବ ଦେଶମାନଙ୍କୁ ଋଣ ପ୍ରଦାନ କରିବା ସହିତ ଅନୁଦାନ ପ୍ରଦାନ କରିଥାନ୍ତି ।

***ଅର୍ଥନୈତିକ ସହଯୋଗ ଏବଂ ବିକାଶମୂଳକ ସଂଗଠନ (OECD):***ଅର୍ଥନୈତିକ ସହଯୋଗ ଏବଂ ବିକାଶମୂଳକ ସଂଗଠନ (ଓଇସିଡି)ଦୁନିଆର ଲୋକମାନଙ୍କ ନିମନ୍ତେ ଅର୍ଥନୈତିକ ଏବଂ ସାମାଜିକ ସଂସ୍କାର ଆଣିବାପାଇଁ ନୀତି ପ୍ରୋତ୍ସାହନ କରୁଥିବା ଏକ ପ୍ରମୁଖ ସଂସ୍ଥାନ । ଓଇସିଡି ନିଜ ଅଭିଜ୍ଞତା ବାଣ୍ଟିବା ଏବଂ ଅର୍ଥନୈତିକ, ସାମାଜିକ ଏବଂ ପରିବେଶ ପରିବର୍ତ୍ତନ ଦିଗରେ ଉନ୍ନତି ଆଣିବା ପାଇଁ ଗୋଟିଏ ମଞ୍ଚ ପ୍ରଦାନ କରିଛି ।

ଓଇସିଡିର କିଛି କାର୍ଯ୍ୟ:

- ଦେଶଗୁଡିକ ମଧ୍ୟରେ ବ୍ୟବସାୟିକ କ୍ଷେତ୍ରରେ ଆତ୍ମବିଶ୍ୱାସ ଫେରାଇବା ।
- ସେମାନଙ୍କର ଆର୍ଥୀକ ବିକାଶ ପାଇଁ ଅର୍ଥନୈତିକ ପ୍ରତିଷ୍ଠା କରିବା
- ବିକାଶ ପାଇଁ ଉଦ୍ଭାବନ ଏବଂ ରଣନୀତିର କାର୍ଯ୍ୟକାରୀତା ।

ଗୋଟିଏ ଉତ୍ପାଦନକାରୀ ରାଷ୍ଟ୍ର ପାଇଁ ସେମାନଙ୍କର ଆବଶ୍ୟକ କୌଶଳକୁ ଲୋକଙ୍କ ପାଇଁ ସଜାଇବା ।

***ମିଳିତ ଜାତିସଂଘ ରିଲିଫ ଏବଂ ପୁନର୍ବାସ ପ୍ରଶାସନ (UNRRA) :*** ମିଳିତ ଜାତିସଂଘ ରିଲିଫ ଏବଂ ପୁନର୍ବାସ ପ୍ରଶାସନ (ଟଘଜଜଇ) ହେଉଛି ଏକ ଆନ୍ତର୍ଜାତୀୟ ରିଲିଫ ଏଜେନ୍ସି ଯାହା ବିଶ୍ୱଯୁଦ୍ଧ ସମୟରେ ୟୁରୋପୀୟ ଦେଶମାନଙ୍କ ପାଇଁ ଅର୍ଥନୈତିକ ସହାୟତା ପ୍ରଦାନ କରିବା ସହ ଶରଣାର୍ଥୀଙ୍କୁ ମଧ୍ୟ ସାହାଯ୍ୟ କରିଥାଏ । ଅର୍ଥନୈତିକ ପୁନର୍ବାସରେ ସାହାଯ୍ୟ କରିବା ଏବଂ ସୁରକ୍ଷା ସହିତ ସେମାନଙ୍କରୁ କ୍ଷୁଧାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଟଘଜଜଇତାଲିମପ୍ରାପ୍ତ ବୃତ୍ତିଗତମାନଙ୍କ ସହିତ କାର୍ଯ୍ୟ କଲା । ୧୯୪୭ ମସିହାରେ ଟଘଜଜଇ ଏହାର ଅଗ୍ରଗତି ବନ୍ଦ କରିଦେଇଥିଲା ଏବଂ ବର୍ତ୍ତମାନ ଆନ୍ତର୍ଜାତୀୟ ଶରଣାର୍ଥୀ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ମିଳିତ ଜାତିସଂଘର ଆନ୍ତର୍ଜାତୀୟ ଶିଶୁ ଜରୁରୀକାଳୀନ ପାଣ୍ଠି (ବର୍ତ୍ତମାନ ମିଳିତ ଜାତିସଂଘର ଶିଶୁ ପାଣ୍ଠି) ଭଳି ସଂଗଠନ ମାଧ୍ୟମରେ ସକ୍ରିୟ ଅଛି ।

***ଆନ୍ତର୍ଜାତୀୟ ଶରଣାର୍ଥୀ ସଂଗଠନ (ଆଇଆରଓ):*** ଆନ୍ତର୍ଜାତୀୟ ଶରଣାର୍ଥୀ ସଂଗଠନ (ଆଇଆରଓ) ହେଉଛି ମିଳିତ ଜାତିସଂଘର ଏକ ସଂଗଠନ ଯାହା ୟୁରୋପ ଏବଂ ଏସିଆ ପରି ଦେଶରେ ଶରଣାର୍ଥୀ ଏବଂ ବିସ୍ଥାପିତ ଲୋକଙ୍କୁ ସାହାଯ୍ୟ କରିବାରେ ସାହାଯ୍ୟ କରୁଛି । ଶିବିରରେ ଥିବା ଶରଣାର୍ଥୀମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ସେମାନଙ୍କ ଜୀବନ ପାଇଁ ଧନ୍ଦାମୂଳକ ତାଲିମ ପ୍ରଦାନ, ପୁନଃ ବିସ୍ଥାପନ ପାଇଁ ଆଭିମୁଖ୍ୟ ଏବଂ ପରିବାର ସହିତ ମିଳିତ ହେବାରେ ଆଇଆରଓ ସାହାଯ୍ୟ କରେ । ଆଇଆରଓ ଶରଣାର୍ଥୀମାନଙ୍କର ଆଇନଗତ ସୁରକ୍ଷା ଏବଂ ପୁନଃ ବିସ୍ଥାପନ ମଧ୍ୟ ପ୍ରଦାନ କରେ ।

***ବିଶ୍ୱ ସ୍ୱସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ):*** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ହେଉଛି ମିଳିତ ଜାତିସଂଘର ଏକ ବିଶେଷ ଏଜେନ୍ସି ଯହା ମୁଖ୍ୟତଃ ଜନସ୍ୱାସ୍ଥ୍ୟ ନିମନ୍ତେ କାର୍ଯ୍ୟ କରିଥାଏ । ଡବ୍ଲୁଏଚଓର ପ୍ରତିବଦ୍ଧତା ଏବଂ ଉଦ୍ଦେଶ୍ୟ ହେଉଛି "ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ" । ଏହା ଗ୍ରାମା ଳର ଜନସାଧାରଣଙ୍କୁ ସାହାଯ୍ୟ କରିଥାଏ ଏବଂ କର୍କଟ, ଏଚ୍.ଆଇ.ଭି, ଏଡ୍ସ, କୋରୋନାରୀ ହୃଦ୍‌ରୋଗ ଇତ୍ୟାଦି ଦୁର୍ବଳ ତଥା ମାରାତ୍ମକ ରୋଗର ମୁକାବିଲା କରିବାକୁ ଚେଷ୍ଟା କରେ । ଡବ୍ଲୁଏଚଓ ନିଶ୍ଚିତ କରେ ଯେ ଲୋକମାନଙ୍କର ନିଶ୍ୱାସ ନେବା ପାଇଁ ନିରାପଦ ବାୟୁ ଏବଂ ପିଇବା ପାଇଁ ଭଲ ଜଳ ଅଛି ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଏବଂ ପୋଷଣ ଖାଦ୍ୟ ଦେବାରେ ମଧ୍ୟ ସାହାଯ୍ୟ କରିଥାଏ । ସେମାନେ ଔଷଧ ମଧ୍ୟ ପ୍ରଦାନ କରନ୍ତି ଏବଂ ସେମାନଙ୍କ ପିଲାମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଟୀକାକରଣ କରିଥାନ୍ତି ।

***ମିଳିତ ଜାତିସଂଘର ଶିଶୁ ପାଣ୍ଠି (ୟୁନିସେଫ):*** ଦ୍ୱିତୀୟ ବିଶ୍ୱଯୁଦ୍ଧ ଦ୍ୱାରା ଛାରଖାର ହୋଇଯାଇଥିବା ଦେଶମାନଙ୍କରେ ପିଲାମାନଙ୍କୁ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମିଳିତ ଜାତିସଂଘର ସାଧାରଣ ଶିଶୁ ଜରୁରୀକାଳୀନ ପାଣ୍ଠି (ୟୁନିସେଫ) ୧୧ ଡିସେମ୍ବର ୧୯୪୬ରେ କାର୍ଯ୍ୟକାରୀ ହୋଇଥିଲା ।

ୟୁନିସେଫ୍ ବର୍ତ୍ତମାନ ବିକାଶଶୀଳ ଦେଶମାନଙ୍କରେ ପିଲାମାନଙ୍କର ଯତ୍ନ ନେଉଛି ଏବଂ ସେମାନଙ୍କୁ ଶିକ୍ଷା ପ୍ରଦାନ କରି ଆସନ୍ତାକାଲିର ଉନ୍ନତି ପାଇଁ ବିକାଶ କରୁଥିବା ପିଲାମାନଙ୍କର ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ନିରାପ । ଏବଂ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରୁଛି । ୟୁନିସେଫ୍‌ର ମୁଖ୍ୟ ମିଶନ୍ ମଧ୍ୟ ଶିଶୁମାନଙ୍କର ଅଧିକାରର ସୁରକ୍ଷା ପାଇଁ ଓକିଲାତି କରିବା ଏବଂ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବା, ସେମାନଙ୍କୁ ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିବା ପାଇଁ ସୁଯୋଗ ସହିତ ସଜାଇବା ।

***ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ):*** ୟୁନେସ୍କୋ ମଧ୍ୟ ମିଳିତ ଜାତିସଂଘର ଏକ ସ୍ୱତନ୍ତ୍ର ପ୍ରତିନିଧି ଯାହା ଶିକ୍ଷା କ୍ଷେତ୍ରରେ ଆନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଶାନ୍ତି ସ୍ଥାପନ କରିବାରେ ସାହାଯ୍ୟ କରେ । ସାଂସ୍କୃତିକ ଐତିହ୍ୟ ଏବଂ ସାମାଜିକ ସମ୍ମାନକୁ ପ୍ରୋତ୍ସାହିତ କରିବା ପାଇଁ ୟୁନେସ୍କୋ କାର୍ଯ୍ୟକ୍ରମ ଏକ ଉନ୍ନତ ସ୍ଥାୟୀ ବିକାଶ ପାଇଁ ଚେଷ୍ଟା କରେ । ୟୁନେସ୍କୋ ଶିକ୍ଷାଗତ ଉପକରଣର ବିକାଶ କରେ ଯାହା ପ୍ରତ୍ୟେକ ଶିଶୁ ଏବଂ ନାଗରିକ ଶିକ୍ଷିତ ଏବଂ ଏହା ଦ୍ୱାରା ଲୋକଙ୍କୁ ବିଶ୍ୱର ନାଗରିକ ଭାବରେ ବଞ୍ଚିବାରେ ସାହାଯ୍ୟ କରେ ।

***ବିଶ୍ୱ ବ୍ୟାଙ୍କ:*** ବିକାଶଶୀଳ ଦେଶଗୁଡିକ ପାଇଁ ଧନ ଏବଂ ଜ୍ଞାନ କ୍ଷେତ୍ରରେ ବିଶ୍ୱର ସବୁଠାରୁ ବଡ ଉତ୍ସ ହେଉଛି ବିଶ୍ୱ ବ୍ୟାଙ୍କ । ବିଶ୍ୱ ବ୍ୟାଙ୍କ ଦାରିଦ୍ର୍ୟ ହ୍ରାସ କରି ସମୃଦ୍ଧତା ବୃଦ୍ଧି କରି ବିକାଶକୁ ସୁନିଶ୍ଚିତ କରେ ଯଦ୍ୱାରା ନିରନ୍ତର ବିକାଶକୁ ପ୍ରୋତ୍ସାହନ ମିଳିଥାଏ । ବିଶ୍ୱ ବ୍ୟାଙ୍କ ବିକାଶଶୀଳ ଦେଶମାନଙ୍କର ସରକାରଙ୍କୁ ଆର୍ଥିକ ସହାୟତା, ନୀତି ପରାମର୍ଶ ଏବଂ ବୈଷୟିକ ସହାୟତା ଯୋଗାଇ ବିକାଶରେ ସାହାଯ୍ୟ କରେ । ବିଶ୍ୱବ୍ୟାଙ୍କ ହେଉଛି ବିଶ୍ୱସ୍ତରୀୟ ବ୍ୟାଙ୍କ ଗୋଷ୍ଠୀର ଗୋଟିଏ ଉପାଦାନ ।

କେତେକ ସଂଗଠନ ଅର୍ଥନୈତିକ ଏବଂ କୃଷି ବିକାଶର ପ୍ରକଳ୍ପଗୁଡିକୁ ବିକଶିତ କରିବାପାଇଁ ସରକାରୀ ସଂସ୍ଥାଗୁଡିକ ସହିତ ମିଶି କାର୍ଯ୍ୟ କରିଥାନ୍ତି । ସଂଯୁକ୍ତ ରାଷ୍ଟ୍ର କିଛି ବେସରକାରୀ ସଂଗଠନ (ଏନଜିଓ)ର ସହଯୋଗରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ (ୟୁଏନଡିପି) ସହିତ ଜଡିତ । ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ହେଉଛି ଦୁନିଆର ବିକାଶମୂଳକ ନେଟୱର୍କ ପଦକ୍ଷେପ ଯାହା ଏଥିରେ ସାହାଯ୍ୟ କରେ । ପରିବର୍ତ୍ତନ ଏବଂ ଜ୍ଞାନ, ଅନୁଭବ ଏବଂ ସଂଶାଧନ ବିକାଶମୂଳକ କାର୍ଯ୍ୟ ପାଇଁ ଦେଶକୁ ଯୋଡିବା ଏବଂ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ପ୍ରୋତ୍ସାହନ ସହିତ ଲୋକମାନଙ୍କୁ ଏକ ଉତ୍ତମ ଜୀବନଶୈଳୀ ଗଠନ କରିବାରେ ସାହାଯ୍ୟ କରିଥାଏ ।

ଜାତୀୟ ଏବଂ ଆଞ୍ଚଳିକ ଦକ୍ଷତା ଗୁଡିକର ବିକାଶ ପାଇଁ ୧୭୦ରୁ ଉର୍ଦ୍ଧ୍ୱ ଦେଶର ନେଟୱର୍କ ସହିତ ସେଗୁଡିକର ଲକ୍ଷ୍ୟ ଓ ଆହ୍ୱାନଗୁଡିକୁ ପ୍ରାପ୍ତ କରିବାରେ ସାହାଯ୍ୟ କରିଥାଏ । ୟୁଏନଡିପି ଦାରିଦ୍ର୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରେ ଏବଂ ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ଥିବା ଅସମାନତାକୁ ହ୍ରାସ କରି ଦେଶର ନିରନ୍ତର ବିକାଶରେ କାର୍ଯ୍ୟ କରେ ।

୨୦୦୦ ମସିହାରେ ୧୮୯ଟି ଦେଶର ଲୋକଙ୍କୁ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ଜୀବନ ପ୍ରତି ବିପଦରୁ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି ମିଲେନିୟମ ଡେଭଲେପମେଣ୍ଟ୍ ଗୋଲ (ଏମଜିଡି)

ହୋଇଗଲା, ସେମାନେ ଆଠଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଗଠନ କରି ସାମାଜିକ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରନ୍ତି, ସେଗୁଡିକ ହେଉଛି:

- ଲକ୍ଷ୍ୟ ୧: ଅତ୍ୟଧିକ ଦାରିଦ୍ର୍ୟ ଏବଂ କ୍ଷୁଧା ଦୂର କରିବା
- ଲକ୍ଷ୍ୟ ୨: ସାର୍ବଭୌମିକ ପ୍ରାଥମିକ ଶିକ୍ଷା ହାସଲ କରିବା
- ଲକ୍ଷ୍ୟ ୩: ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ ମହିଳାମାନଙ୍କୁ ସଶକ୍ତିକରଣ କରିବା
- ଲକ୍ଷ୍ୟ ୪: ଶିଶୁ ମୃତ୍ୟୁହାର ହ୍ରାସ କରିବା
- ଲକ୍ଷ୍ୟ ୫: ମାତୃ ସ୍ୱାସ୍ଥ୍ୟରେ ଉନ୍ନତି
- ଲକ୍ଷ୍ୟ ୬: ଏଚ୍‌ଆଇଭି, ଏଡ୍‌ସ, ମ୍ୟାଲେରିଆ ଏବଂ  ଯକ୍ଷ୍ମା ସହିତ ମୁକାବିଲା କରିବା
- ଲକ୍ଷ୍ୟ ୭: ପରିବେଶ ସ୍ଥିରତା ସୁନିଶ୍ଚିତ କରିବା
- ଲକ୍ଷ୍ୟ ୮: ଦୁନିଆର ବିକାଶ ପାଇଁ ବିକାଶମୂଳକ ଭାଗିଦାରୀ

ଏହି ଏମଡିଜି ଲକ୍ଷ୍ୟଗୁଡିକ ଦିଗରେ ଭାରତର ବିକାଶକୁ କ୍ରମାଗତ ଭାବେ ତଦାରଖ କରିଥାଏ । ଭାରତ ଗୋଟିଏ ଦେଶ ଭାବରେ ଦାରିଦ୍ର୍ୟର ଅନୁପାତକୁ ହ୍ରାସ କରିବା, ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ଦୂର କରିବା, ଏଚ୍‌ଆଇଭି/ଏଡ୍‌ସର ହାରକୁ କମ୍ କରିବା, ପାନୀୟ ଜଳର ସୁବିଧା ପ୍ରଦାନ କରିବା ଏବଂ କେତେକ ଗ୍ରାମା ଳରେ ଟେଲିଫୋନ୍ ଏବଂ ଇଣ୍ଟରନେଟ ପରି ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାରେ ସଂସ୍କାର ହାସଲ କରିଥାଏ । ଶିକ୍ଷା କ୍ଷେତ୍ରରେ ବିକାଶ, ଶିଶୁମୃତ୍ୟୁ ହାରରେ ହ୍ରାସ, ମ୍ୟାଲେରିଆ ଓ ଯକ୍ଷ୍ମା ପରି ଘଟଣା ଏବଂ ପରିବେଶ ସମ୍ବଳ ପୂରଣ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ଲକ୍ଷ୍ୟ କରାଯାଇଛି ।

କ୍ଷୁଧା, ମାତୃ ମୃତ୍ୟୁହାର ତଥା ଭାରତର ପରିମଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏମଜିଡି ପ୍ରଗତିଶୀଳ ପର୍ଯ୍ୟାୟରେ ରହିଛି ।

***ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ):*** ଜୁଲାଇ ୧୯୪୪ରେ ଯୁକ୍ତରାଷ୍ଟ୍ରର ନ୍ୟୁ ହାମ୍ପସାୟରରେ ଜାତିସଂଘ ତରଫରୁ ବ୍ରେଟନ ଉଡ ସମ୍ମିଳନୀରେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଉତ୍ପତ୍ତି ହୋଇଥିଲା । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମଏଫ ଆନ୍ତର୍ଜାତୀୟ କ୍ଷେତ୍ରରେ ଅର୍ଥନୈତିକ ସ୍ଥିରତା ଏବଂ ମୁଦ୍ରା ସହଯୋଗକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ବିଶ୍ୱସ୍ତରୀୟ ଦାରିଦ୍ର୍ୟତା ହ୍ରାସ କରିବାରେ ମଧ୍ୟ ଆଇଏମଏଫ ସାହାଯ୍ୟ କରିଥାଏ, ଯଦ୍ୱାରା ଆନ୍ତର୍ଜାତୀୟ ବାଣିଜ୍ୟର ସୁବିଧା, ରୋଜଗାର ଏବଂ କ୍ରମାଗତ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ଘଟିଥାଏ । ଆଇଏମଏଫ ନିଜର ୧୮୯ ସଦସ୍ୟ ଦେଶଗୁଡିକ ପ୍ରତି ଉତ୍ତରଦାୟୀ ।

ଆଇଏମଏଫର ଆଭିମୁଖ୍ୟ ହେଲା ସଦସ୍ୟ ଦେଶଗୁଡିକର ବିଶ୍ୱସ୍ତରୀୟ ଅର୍ଥବ୍ୟବସ୍ଥାକୁ ଧ୍ୟାନରେ ରଖି ରଖିବା, ଅର୍ଥନୈତିକ ଆବଶ୍ୟକତା ଏବଂ ପ୍ରତିବନ୍ଧକ ଥିବା ଦେଶଗୁଡିକୁ ଋଣ ପ୍ରଦାନ କରି ଏହାର ସଦସ୍ୟ ଦେଶମାନଙ୍କୁ ସାହାଯ୍ୟ କରି ମୁଦ୍ରା ବ୍ୟବସ୍ଥାରେ ସ୍ଥିରତାକୁ ସୁନିଶ୍ଚିତ କରିବା ।

***ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର ଇଣ୍ଟରନ୍ୟାସନାଲ ଡେଭଲପମେଣ୍ଟ (ୟୁଏସଏଆଇଡି):***
ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର ଇଣ୍ଟରନ୍ୟାସନାଲ ଡେଭଲପମେଣ୍ଟ (ୟୁଏସଏଆଇଡି) ହେଉଛି ବୈଦେଶିକ ସହାୟତାକୁ ମଞ୍ଜୁର କରିବା ତଥା ବିକାଶମୂଳକ ସହାୟତା ଯୋଗାଇବା ପାଇଁ ସଂଯୁକ୍ତ ରାଷ୍ଟ୍ର ସଂଘୀୟ ସରକାରଙ୍କ ଏକ ସ୍ୱତନ୍ତ୍ର ପ୍ରତିନିଧି ।

ୟୁଏସଏଆଇଡି ସମ୍ପ୍ରଦାୟର ଜୀବନଶୈଳୀକୁ ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ୟୁଏସଆଇଡିର ବିକାଶ ଏବଂ ମାନବୀୟ ପ୍ରୟାସରେ ଜୀବନ ବଞ୍ଚାଇବା, ଦାରିଦ୍ର୍ୟତାକୁ ହ୍ରାସ କରିବା, ଗଣତାନ୍ତ୍ରିକ ଶାସନକୁ ମଜବୁତ କରିବା ଏବଂ ସହାୟତାରୁ ବଞ୍ଚିତ ଲୋକମାନଙ୍କ ବିକାଶରେ ସାହାଯ୍ୟ କରିଥାଏ । ୟୁଏସଆଇଡି ଅର୍ଥନୈତିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ଯଦ୍ୱାରା ଉତ୍ତମ ଜୀବନଶୈଳୀର ଅଭିବୃଦ୍ଧି ଘଟିଥାଏ ।

## ୩.୩: ବେସରକାରୀ ସଂଗଠନ (ଏନଜିଓ)

ବେସରକାରୀ ସଂଗଠନଗୁଡିକ ହେଉଛି ଏକ ବିସ୍ତୃତ ବର୍ଣ୍ଣାଳୀ ଯାହା ସ୍ୱତନ୍ତ୍ର ଅଧିନିୟମ ଅଧୀନରେ ବେସରକାରୀ, ଅର୍ଦ୍ଧ କିମ୍ବା ଅର୍ଦ୍ଧ-ସରକାରୀ, ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ଅଣ-ସ୍ୱେଚ୍ଛାସେବୀ ସଂଗଠନ, ଦଳୀୟ ତଥା ନିର୍ଦ୍ଦଳୀୟ ଅନୁଷ୍ଠାନ,  ଔପଚାରିକ ତଥା ଅନୌପଚାରିକ ସଂଗଠନ, ଅଣ-ଲାଭ କିମ୍ବା ଲାଭ ଭିତ୍ତିକ ଅନୁଷ୍ଠାନ ହୋଇପାରେ । ବେସରକାରୀ ସଂଗଠନ ଏକ ସଂଗଠନ ଯାହା ଅନୁଷ୍ଠାନ କିମ୍ବା ସରକାର ବାହାରେ କାର୍ଯ୍ୟ କରିଥାଏ । କିନ୍ତୁ ନିଜ ସଦସ୍ୟଙ୍କ ନିମନ୍ତେ ସାର୍ବଜନିକ ହିତ କିମ୍ବା ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ । ବେସରକାରୀ ସଂଗଠନ ନିଜର ଉତ୍ସ, ଦାନ ଗୁଡିକରୁ ଏହାର ଅର୍ଥନୈତିକ ସମର୍ଥନ ସକାଶେ ପାଣ୍ଠି ଏକତ୍ରୀତ କରନ୍ତି । ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସମ୍ବନ୍ଧୀୟ ସମସ୍ୟା ଉପରେ ସଚେତନତା ତଥା ବିକାଶ ପାଇଁ ବେତନପ୍ରାପ୍ତ କିମ୍ବା ଅବୈତନିକ ଶ୍ରମିକଙ୍କ ମାଧ୍ୟମରେ ଏନଜିଓ ଏହି ଅର୍ଥକୁ ଉପଯୋଗ କରେ ।

ଗ୍ରାମାଞ୍ଚଳର ଅଭିବୃଦ୍ଧିରେ ବିକାଶ ଆଣିବା ଥିଲା ବେସରକାରୀ ସଂସ୍ଥାଗୁଡିକର ଗୁରୁତ୍ୱପୂର୍ଣ୍ଣ ସମସ୍ୟା, ଯାହା ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିଥାଏ । ବିଶ୍ୱ ବ୍ୟାଙ୍କ, ଆଇଏଲଓ ପରି କେତେକ ଆନ୍ତର୍ଜାତୀୟ ଏଜେନ୍ସୀମାନେ ପରିବେଶ ସଂରକ୍ଷଣ, ଲିଙ୍ଗଗତ ସମାନତା ପରି ବିକାଶମୂଳକ ପ୍ରସଙ୍ଗକୁ ପ୍ରୋତ୍ସାହନ ଦେବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂସ୍କାର ଆଣିବା, କୌଣସି ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳ କିମ୍ବା ଦୁର୍ଗମ ଅଞ୍ଚଳର ସ୍ୱଚ୍ଛତା ଏବଂ ସ୍ଥାୟୀ ଆର୍ଥିକ ବିକାଶ ନିମନ୍ତେ ବେସରକାରୀ ସଂଗଠନଗୁଡିକୁ ଆର୍ଥୀକ ସହାୟତା ପ୍ରଦାନ କରିଥାନ୍ତି ।

ବେସରକାରୀ ସଂଗଠନ ମାନବ କଲ୍ୟାଣ ଏବଂ ଅର୍ଥନୈତିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା, ସକ୍ରିୟ ଭାଗିଦାରୀ ନେବାପାଇଁ ସ୍ୱେଚ୍ଛାସେବୀ ଏଜେନ୍ସୀମାନେ ରହିଥାନ୍ତି । ଏହା ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ଶିକ୍ଷା, ଗ୍ରାମା ଳର ବିକାଶ, ମହିଳା ସଶକ୍ତିକରଣ ପରି ବିସ୍ତୃତ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ବେସରକାରୀ ସଂଗଠନଗୁଡିକୁ କମ୍ୟୁନିଟି ବେସ୍ଡ ଅର୍ଗାନାଇଜେସନ (ସିବିଓ) ଏବଂ ଭଲ୍ୟୁଣ୍ଟାରୀ ଅର୍ଗାନାଇଜେସନ (ଭିଓ) ଭଳି ସମାନାନ୍ତର ଶବ୍ଦ ପ୍ରୟୋଗ ମଧ୍ୟ କରାଯାଇପାରେ ।

## ୩.୪: କମ୍ୟୁନିଟି ବେସଡ ଅର୍ଗାନାଇଜେସନ (ସିବିଓ)

ସମ୍ପ୍ରଦାୟ ଭିତ୍ତିକ ସଂଗଠନ (ସିବିଓ)ଗୁଡ଼ିକ ହେଉଛି ଏପରି ସଂଗଠନ ଯାହା ଲୋକମାନଙ୍କର ଏବଂ ପଦକ୍ଷେପରୁ ଉତ୍ପନ୍ନ ହୁଏ । ସିବିଓର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା, ବୈଷୟିକର ଉନ୍ନତି, ସ୍ଥାନଗୁଡ଼ିକର ପ୍ରବେଶ ଏଭଂ ଭିନ୍ନକ୍ଷମଙ୍କ ପାଇଁ ସୂଚନା ଭଳି ସମସ୍ତ ବିଭାଗରେ ସମାଜରେ ସମାନତା ସୃଷ୍ଟି କରିବା । ସିବିଓର ମୁଖ୍ୟ ଭୂମିକା ହେଉଛି ସୂଚନା ଏବଂ ତଥ୍ୟଗୁଡ଼ିକୁ ସଜାଇବା, ସଂକଳିତ କରିବା ଏବଂ ବ୍ୟବସ୍ଥିତ କରିବା । ଗ୍ରାମାଞ୍ଚଳ ଏବଂ ସୀମାନ୍ତ ଅଞ୍ଚଳରେ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସେବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହିପରି କେତେକ ପଦକ୍ଷେପଗୁଡ଼ିକ ହେଉଛି:

- ଗ୍ରାମ ଭିତ୍ତିକ ସ୍ୱାସ୍ଥ୍ୟ ସୁବିଧାର ବିକାଶ
- ଶିକ୍ଷାଗତ ସାମଗ୍ରୀର ସଂଗଠନ
- ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ତ୍ରୁଟି ଦୂର କରିବା ପାଇଁ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟାର ବିକାଶ

*ସ୍ୱେଚ୍ଛାସେବୀ ସଂଗଠନ (ଭିଓ):* ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ହେଉଛନ୍ତି ସ୍ୱୟଂଶାସିତ ସଂଗଠନ ଯାହା ଘରୋଇ ସଂସ୍ଥାଗୁଡ଼ିକର ସହାୟତା ପାଇଁ ପାଣ୍ଠି ସଂଗ୍ରହ କରିଥାନ୍ତି । ଏହା ଏପରି ଅନୁଷ୍ଠାନ ବିକାଶମୂଳକ କ୍ଷେତ୍ରରେ ନିଶ୍ଚିତ ଉଦ୍ଦେଶ୍ୟ ଏବଂ ଯାହା ସାମାଜିକ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରସ୍ତୁତ କରିଥାନ୍ତି କିମ୍ବା ସଂଗଠନର କାର୍ଯ୍ୟକ୍ରମ ଏବଂ ଅଭିଯାନ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶରେ ସାହାଯ୍ୟ କରିଥାନ୍ତି । ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସର୍ବଦା ମହିଳା, ଶିଶୁ ଏବଂ ବିଶେଷ ଭାବେ ବିକଳାଙ୍ଗ ଲୋକମାନଙ୍କ ପାଇଁ ଦାନ ଏବଂ କଲ୍ୟାଣକାରୀ ସେବାଗୁଡ଼ିକ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି । ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କିଛି ଉଦ୍ଦେଶ୍ୟ ରହିଛି:

- ମହିଳା ସଶକ୍ତିକରଣ ।
- ଗ୍ରାମାଞ୍ଚଳର ଜନସଂଖ୍ୟାର ସାମାଜିକ-ଅର୍ଥନୈତିକ ବିକାଶ ।
- ବିକାଶମୂଳକ ପଦକ୍ଷେପ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପର ଆୟୋଜନ ।
- ଗରିବ ଏବଂ ସୁବିଧାଗୁଡ଼ିକରୁ ବଞ୍ଚିତ ଲୋକମାନଙ୍କ ପାଇଁ ଆର୍ଥିକ ସହାୟତା ।
- ରୋଜଗାର ସୃଷ୍ଟି କରିବା ଏବଂ ଦାରିଦ୍ର୍ୟ ଦୂରୀକରଣ ।
- ପ୍ରତିଯୋଗିତା ଆୟୋଜନ ଏବଂ ତାଲିମ ପ୍ରଦାନ ।
- ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା
- ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିବା ।
- ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟ କରିବା ଏବଂ ନ୍ୟାୟିକ ଉପଦେଶ ପ୍ରଦାନ କରିବା
- ଅନୁନ୍ନତଶ୍ରେଣୀଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନ ଗଠନ କରିବା
- ଆଦିବାସୀ ଜନସାଧାରଣଙ୍କ ଉନ୍ନତି ଏବଂ ମଙ୍ଗଳ କରିବା
- ସାମାଜିକ ସେବାକୁ ଉନ୍ନତ କରିବାକୁ ପଦକ୍ଷେପ ନେବା

## ୩.୫: ଲୋକସଂପର୍କ ଅନୁଷ୍ଠାନ

ବଲବନ୍ତରାୟ ଜି ମେହେଟା (୧୯୫୭) ଲୋକମାନଙ୍କ ଅଂଶୀଦାରକୁ ବିକଶିତ କରିବାପାଇଁ ଜନପ୍ରିୟ ପଦକ୍ଷେପଗୁଡ଼ିକୁ ଅବଲୋକନ କଲେ । ସେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ଧାରଣାକୁ ସୁପାରିଶ କରିଥିଲେ । ଯେତେବେଳେ ଏହି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଧାରଣାଗୁଡ଼ିକୁ ଲୋକମାନେ ସ୍ପଷ୍ଟରୂପେ ବୁଝିପାରି ନଥିଲେ ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଞ୍ଚାୟତରାଜ ଉପଯୋଗର ପ୍ରସ୍ତାବ ଦେଇଥିଲେ । ପଞ୍ଚାୟତରାଜ ହେଉଛି ଗୋଟିଏ ସରକାରୀ ବ୍ୟବସ୍ଥା, ଯାହା ଗ୍ରାମାଞ୍ଚଳର ଏକ ଗୋଷ୍ଠୀଙ୍କୁ ନେଇ ଗଠିତ । ପଞ୍ଚାୟତରାଜର ଏହି ବ୍ୟବସ୍ଥା ସମ୍ବନ୍ଧରେ ନାଗରିକଙ୍କ ମଧ୍ୟରେ ଗୋଟିଏ ଅନୁକୂଳ ପ୍ରତିକ୍ରିୟା ଥିଲା, କାରଣ ଏହା ଏକ ନିର୍ଦ୍ଦିଷ୍ଟ ରାଜ୍ୟ ବା ଜିଲ୍ଲାର ଆଞ୍ଚଳିକ ତଥା ସାଂସ୍କୃତିକ ଢାଞ୍ଚା ସହିତ ସମନ୍ୱିତ ଥିଲା ଏବଂ ଏହାର ଏକ ସ୍ୱତନ୍ତ୍ର ସରକାରୀ ପ୍ରକୃତି ମଧ୍ୟ ରହିଥିଲା ଯେଉଁଠି ସମସ୍ତ କାର୍ଯ୍ୟକଳାପ ପାରସ୍ପରିକ ପରାମର୍ଶ, ସହମତି ଏବଂ ସହଯୋଗ ଦ୍ୱାରା କରାଯାଇଥାଏ । ଏହି ପଞ୍ଚାୟତରାଜ ବ୍ୟବସ୍ଥା ୧୯୫୭ ମସିହାରେ ପ୍ରଥମେ ମାଡ୍ରାସ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିଲା ଏବଂ ତାମିଲନାଡୁରେ ଏହାର ସଫଳତା ହାରକୁ ଦେଖି ରାଜସ୍ଥାନରାଜ୍ୟ ମଧ୍ୟ ଏହି ପଞ୍ଚାୟତରାଜ ବ୍ୟବସ୍ଥାକୁ ଚୟନ କଲା ଏବଂ ୧୯୫୯ ମସିହାରେ ସମଗ୍ର ରାଜ୍ୟକୁ ପଞ୍ଚାୟତରାଜ ବ୍ୟବସ୍ଥା ଅଧୀନରେ ଆଣିବାରେ ଅଗ୍ରଣୀ ହୋଇପାରିଥିଲା ।

ଏହା ଭାରତୀୟ ସଭ୍ୟତାର ଏକ ପୁରାତନ ଧାରଣା ଯେଉଁଠି ଭାରତର ସ୍ୱୟଂଶାସିତ ବ୍ୟବସ୍ଥାକୁ ଦର୍ଶାଯାଇଛି, ସାମ୍ବିଧାନିକ ଅଧିନିୟମ (୭୩ ତମ ସଂଶୋଧନ) ୧୯୯୨-୯୩ରେ କାର୍ଯ୍ୟକାରୀ ହେଲା ଯାହା ପ ାୟତରାଜ ଅନୁଷ୍ଠାନଗୁଡ଼ିକର ସାମ୍ବିଧାନିକ ସ୍ଥିତିକୁ କାର୍ଯ୍ୟକାରୀ କରେ । ଏହି ଅଧିନିୟମ ୨୪ ଡିସେମ୍ବର, ୧୯୯୬ରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନର ଆଦିବାସୀ ଅଞ୍ଚଳର ପଞ୍ଚାୟତଗୁଡ଼ିକ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିଲା । ବର୍ତ୍ତମାନ ପରିସ୍ଥିତିରେ ପଞ୍ଚାୟତରାଜ ବ୍ୟବସ୍ଥା ନାଗାଲାଣ୍ଡ, ମେଘାଳୟ, ମିଜୋରାମ ଏବଂ ଦିଲ୍ଲୀ ଆଦି ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳ ବ୍ୟତୀତ ଭାରତର ସମସ୍ତ ରାଜ୍ୟରେ ପ୍ରଚଳିତ ।

ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଜିଲ୍ଲା ପରିଷଦ ରହିଛି । ସେହିପରି ପ୍ରତ୍ୟେକ ଜିଲ୍ଲାପାଇଁ ବ୍ଲକ ପଞ୍ଚାୟତ କିମ୍ବା ପଞ୍ଚାୟତ ସମିତି ସ୍ଥାପନା କରାଯାଇଛି । ପଞ୍ଚାୟତରାଜ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ଦୂରୀକରଣ, ଜୀବନଶୈଳୀରେ ଉନ୍ନତି, ମାନବୀୟ ସମସ୍ୟା ଯେମିତି ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରସଙ୍ଗରେ ସଚେତନତା ସୃଷ୍ଟିକରିବା ଏବଂ ସାମାଜିକ ସ୍ଥିତିରେ ସୁଧାର ଆଣିବା । ପଞ୍ଚାୟତରାଜ ବ୍ୟବସ୍ଥାର ମୁଖ୍ୟ ଭୂମିକାଗୁଡ଼ିକ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, କୃଷି ଉଦ୍ଭାବନ, ମହିଳା ଏବଂ ଶିଶୁଙ୍କ ବିକାଶ, ମହିଳା ସଶକ୍ତିକରଣ ଇତ୍ୟାଦି ।

ସରକାରୀ ବ୍ୟବସ୍ଥାର ମୌଳିକ ପ୍ରଶାସନିକ ସ୍ତର ହେଉଛି ପଞ୍ଚାୟତ । "ପଞ୍ଚାୟତ" ସ୍ଥାନୀୟ ଲୋକ ସମ୍ପ୍ରଦାୟ ଦ୍ୱାରା ନିର୍ବାଚିତ ପାଞ୍ଚଜଣଙ୍କର ଗୋଟିଏ ଛୋଟ କିନ୍ତୁ ଶକ୍ତିଶାଳୀ ସଭାକୁ ଚିତ୍ରଣ କରିଛି ଏବଂ "ରାଜ" ଶବ୍ଦର ଅର୍ଥ ହେଉଛି ଶାସନ । ମହାତ୍ମାଗାନ୍ଧୀଙ୍କ ବ୍ୟାଖ୍ୟାନୁଯାୟୀ ପଞ୍ଚାୟତରାଜ ବ୍ୟବସ୍ଥା ସରକାରଙ୍କ ଦ୍ୱାରା ସରକାରଙ୍କର ଗୋଟିଏ କ୍ଷୁଦ୍ର ଅଗ୍ରଗାମୀ ଚିନ୍ତାଧାରାକୁ ଆଗକୁ ବଢାଇଥିଲା ଯାହାର ଉଦ୍ଦେଶ୍ୟ ପ୍ରତ୍ୟେକ

ଗ୍ରାମକୁ ନିଜସ୍ୱ କାର୍ଯ୍ୟପ୍ରଣାଳୀକୁ ପରିଚାଳନା କରିବାକୁ ପଡିବ । ପଞ୍ଚାୟତରାଜ ବ୍ୟବସ୍ଥା ଆଧାରିତ ଗ୍ରାମୀଣ ପାଣ୍ଠି :

- କେନ୍ଦ୍ରୀୟ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ସ୍ଥାନୀୟ ଗୋଷ୍ଠୀ ଅନୁଦାନ
- କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରୁ ପାଣ୍ଠି
- ରାଜ୍ୟ ଅର୍ଥ ଆୟୋଗରୁ ସୁପାରିଶକୁ ଆଧାର କରି ରାଜ୍ୟ ସରକାରଙ୍କ ପାଣ୍ଠି

**ପଞ୍ଚାୟତରାଜ ବ୍ୟବସ୍ଥା ତିନୋଟି ସ୍ତରରେ ବିଦ୍ୟମାନ:**

- ଗ୍ରାମ ପଞ୍ଚାୟତ (ଗ୍ରାମ ସ୍ତର)
- ମଣ୍ଡଳ ପରିଷଦ, କିମ୍ବା ବ୍ଲକ ସମିତି କିମ୍ବା ପଞ୍ଚାୟତ ସମିତି (ବ୍ଲକ ସ୍ତର)
- ଜିଲ୍ଲା ପରିଷଦ (ଜିଲ୍ଲା ସ୍ତର)

**ଗ୍ରାମ ପଞ୍ଚାୟତ :**

ଗ୍ରାମ ପଞ୍ଚାୟତ ହେଉଛି ଭାରତୀୟ ସମ୍ବିଧାନର ନିର୍ଦ୍ଦେଶନାମା ଅନୁଯାୟୀ ପ୍ରାଥମିକ ଗଣତାନ୍ତ୍ରିକ ଅନୁଷ୍ଠାନ । ପଞ୍ଚାୟତରାଜ ବ୍ୟବସ୍ଥାର ସର୍ବନିମ୍ନ ସଂଘ ହେଉଛି ଗ୍ରାମପଞ୍ଚାୟତ । ଏହା ଗ୍ରାମାଞ୍ଚଳର ନାଗରିକଙ୍କ ଦ୍ୱାରା ନିର୍ବାଚିତ ଗ୍ରାମର ବୟସ୍କମାନଙ୍କ ଗୋଟିଏ ପରିଷଦ । ଏହି ଅନୁସାରେ ପୂର୍ବ ନିର୍ଦ୍ଧାରିତ ଜନସଂଖ୍ୟା ଆଧାରରେ ପ୍ରତ୍ୟେକ ଗ୍ରାମରେ ପଞ୍ଚାୟତର ଆବଶ୍ୟକତା ରହିଛି । ଯଦି କିଛି ନିର୍ଦ୍ଦିଷ୍ଟ ଗ୍ରାମର ଜନସଂଖ୍ୟା ସମୁଦାୟ ରାଶି ତୁଳନାରେ କମ୍‌ଥିବ ତେବେ କେତେକ ଗ୍ରାମ ଏକତ୍ରୀତ ହୋଇଯାନ୍ତି ଏବଂ ସେମାନଙ୍କର ଗୋଟିଏ ପଞ୍ଚାୟତ ହୋଇଥାଏ । ଏହି ପଞ୍ଚାୟତ ଗ୍ରାମବାସୀଙ୍କ ଦ୍ୱାରା ନିଯୁକ୍ତ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଗଠିତ । ପଞ୍ଚାୟତ ଜଣେ ସଭାପତି ତଥା ସରପଞ୍ଚ ଏବଂ ଜଣେ ଉପ-ସଭାପତି କିମ୍ବା ନାଏବ ସରପଞ୍ଚଙ୍କୁ ନିର୍ବାଚିତ କରିଥାଏ । ସଭାପତି କିମ୍ବା ସରପଞ୍ଚ ହେଉଛନ୍ତି ଗ୍ରାମପଞ୍ଚାୟତର ମୁଖ୍ୟକେନ୍ଦ୍ରିକ ବ୍ୟକ୍ତି । ଗ୍ରାମପଞ୍ଚାୟତର ବିଭିନ୍ନ କାର୍ଯ୍ୟକଳାପକୁ ସେ ହିଁ ତଦାରଖ ଏବଂ ସଂଯୋଜନା କରିଥାନ୍ତି । ଏହି ଗ୍ରାମପଞ୍ଚାୟତର ମୁଖ୍ୟ କାର୍ଯ୍ୟଗୁଡିକ ହେଲା :

***ପ୍ରତିନିଧି କାର୍ଯ୍ୟ :*** ସାମାଜିକ ଆବଶ୍ୟକତା ଏବଂ ଗ୍ରାମାଞ୍ଚଳର ସମସ୍ୟାଗୁଡିକ ପାଇଁ ସ୍ୱର ଉତ୍ତୋଳନ କରିବା ଏବଂ ଏହାର ଆବଶ୍ୟକତା ପାଇଁ ପ୍ରତିନିଧିତ୍ୱ କରିବା ତଥା ଛିଡା ହେବା ।

***ପ୍ରଶାସନିକ ଏବଂ ନିୟାମକ କାର୍ଯ୍ୟ :*** ନାଗରିକଙ୍କ ବ୍ୟବହାରର କ୍ରମାଗତ ତଦାରଖ ଓ ନିୟନ୍ତ୍ରଣ ଏବଂ ଟିକସ ସଂଗ୍ରହ ।

***ବିକାଶମୂଳକ କାର୍ଯ୍ୟ :*** କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି କ୍ଷେତ୍ରରେ ନୂତନତ୍ୱ ଏବଂ ଏହାର କାର୍ଯ୍ୟକାରୀତାକୁ ସମ୍ବର୍ଦ୍ଧନା ଦେବା ।

**ପଞ୍ଚାୟତ ସମିତି କିମ୍ବା ପଞ୍ଚାୟତ ସଂଘ**

ଏହା ପଞ୍ଚାୟତରାଜ ବ୍ୟବସ୍ଥାର ଦ୍ୱିତୀୟ ସ୍ତର । ଏଥିରେ ପଞ୍ଚାୟତ ସଂଘର ଅଧକ୍ଷ, ସ୍ଥାନୀୟ ବିଧାୟକ, ଏମଏଲସି, ସାଂସଦ ଇତ୍ୟାଦି ରହିଛନ୍ତି । ମତଦାନ କରିବାର ଅଧିକାର ରହିଛି କିନ୍ତୁ ପଦଧାରଣ କରିବାର ଅଧିକାର ନ ଥାଏ । ମହିଳା, ଏସସି, ଏସଟି ମାନଙ୍କୁ ସଂରକ୍ଷଣ ଦିଆଯାଇଛି । ପଞ୍ଚାୟତ ସମିତି କିମ୍ବା

ପଞ୍ଚାୟତ ସଂଘ ସରକାରଙ୍କ ଦ୍ୱାରା ସିଧାସଳଖ ନିଯୁକ୍ତ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ରହିଥାଏ । ପଞ୍ଚାୟତ ସମିତି କିମ୍ୱା ପଞ୍ଚାୟତ ସଂଘର ମୂଖ୍ୟ କାର୍ଯଗୁଡିକ ହେଉଛି :

- ଜୀବନଧାରଣ, ସଂସ୍କୃତି ଓ ଆର୍ଥିକ ମାନଦଣ୍ଡକୁ ବଢ଼ାଇବା ପାଇ ପଦକ୍ଷେପ ନେବା
- ସରକାରୀ ସଂଗଠନଗୁଡିକ ଦ୍ୱାରା ପ୍ରସ୍ତୁତ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ସହୟତା ପ୍ରଦାନ କରିବା
- ଶିକ୍ଷା, କୃଷି, ପଶୁପାଳନ, କୁକୁଡାପାଳନ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଇତ୍ୟାଦି କ୍ଷେତ୍ରରେ କଲ୍ୟାଣ ଏବଂ ବିକାଶମୂଳକ କାର୍ଯ୍ୟକଳାପର ଆୟୋଜନ କରିବା

**ଜିଲ୍ଲା ବିକାଶ ପରିଷଦ ବା ଜିଲ୍ଲା ପରିଷଦ**

ରାଜ୍ୟସ୍ତରୀୟ ବିଧାନସଭା ଓ ସଂସଦର ସଦସ୍ୟମାନଙ୍କ ସହିତ ପ ାୟତରାଜ ସମିତିର ପ୍ରତିନିଧିଙ୍କୁ ନେଇ ଗଠିତ ତ୍ରିସ୍ତରୀୟ ସଂରଚନାର ଶୀର୍ଷ ହେଉଛି ଜିଲ୍ଲା ବିକାଶ ପରିଷଦ ବା ଜିଲ୍ଲା ପରିଷଦ; ବିଭିନ୍ନ ସରକାରୀ ବିଭାଗ, ଯେପରିକି ଚିକିତ୍ସା, ଜନସ୍ୱାସ୍ଥ୍ୟ, ନିର୍ମାଣ, ଇଞ୍ଜିନିୟରିଂ, କୃଷି, ପଶୁଚିକିତ୍ସା ଏବଂ ଅନ୍ୟ ବିକାଶମୂଳକ ବିଭାଗଗୁଡିକର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ।

ଏହି ଜିଲ୍ଲା ବିକାଶ ପରିଷଦର ସଦସ୍ୟମାନେ ପ ାୟତ ସଂଘର ଅଧକ୍ଷ, ଜିଲ୍ଲା କଲେକ୍ଟର, ବିଧାୟକ, ଏମଏଲସି ଜିଲ୍ଲାର ସାଂସଦମାନଙ୍କୁ ଭୋଟ୍‌ଦାନର ଅଧିକାର ରଖିଛନ୍ତି କିନ୍ତୁ କାର୍ଯ୍ୟଭାର ଗ୍ରହଣ କରନ୍ତି ନାହିଁ । ମହିଳା, ଏସ, ଏସଟି ଏବଂ ଗ୍ରାମୀଣ ବିକାଶ ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ପ୍ରତିଧିତ୍ୱ ଦିଆଯାଏ । ଜିଲ୍ଲା କଲେକ୍ଟର କିମ୍ୱା ଜିଲ୍ଲା ବିକାଶ ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଆଗେଇ ନିଆଯାଏ । ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ଜଣେ ଅଧକ୍ଷ ଏବଂ ଜିଲ୍ଲା ପରିଷଦରେ ଜଣେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରହିଛନ୍ତି । ଏହି ବ୍ୟବସ୍ଥାର କାର୍ଯ୍ୟଗୁଡିକର ସମନ୍ୱୟ ଏବଂ ତଦାରଖ କରିବାପାଇଁ ଜିଲ୍ଲା ପରିଷଦ ଉତ୍ତରଦାୟୀ । ସରକାରୀ ଯୋଜନାଗୁଡିକର କାର୍ଯ୍ୟକାରିତା ପାଇଁ ଏହା ଦାୟୀ । ଜିଲ୍ଲା ବିକାଶ ପରିଷଦ କିମ୍ୱା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟଗୁଡିକ ହେଲା:

- ପଞ୍ଚାୟତରାଜ ବଜେଟ ଅନୁମୋଦନ ପାଇଁ ଏହାର ଅତ୍ୟଧିକ ଧ୍ୟାନ ନେଇଥାଏ ।
- ଏହା ପଞ୍ଚାୟତ ସଂଘ ମଧ୍ୟରେ ପାଣ୍ଠି ବିତରଣ ପାଇଁ ଦାୟୀ ।
- ବିକାଶମୂଳକ ଯୋଜନା ଏବଂ ଏହାର ତଦାରଖ ପାଇଁ ସରକାଙ୍କ ସହ ସମନ୍ୱୟ ରକ୍ଷା କରିଥାଏ ।
- ସମସ୍ତ ଜିଲ୍ଲା ଉନ୍ନୟନ ପାଇଁ ସରକାରଙ୍କ ସହ କାର୍ଯ୍ୟ କରିଥାଏ ।
- ମାଧ୍ୟମିକ ଶିକ୍ଷାର କାର୍ଯ୍ୟକାରିତା ।

ସରକାରୀ କାର୍ଯ୍ୟ ମାଧ୍ୟମରେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅଧିକାଂଶ କାର୍ଯ୍ୟ ବର୍ତ୍ତମାନ ପଞ୍ଚାୟତ ସମିତିର ପ୍ରଶାସନିକ ପରିଷଦ ଦ୍ୱାରା କାର୍ଯ୍ୟାନ୍ୱୟନ, ନିଷ୍ପାଦନ ଏବଂ ପର୍ଯ୍ୟବେକ୍ଷଣ କରାଯାଇଥାଏ । ପଞ୍ଚାୟତରାଜ ସଂସ୍ଥାଗୁଡିକ ନିଜର ଆତ୍ମସହାୟତା ଏବଂ ପାରସ୍ପରିକ ସହଯୋଗର ଯୁଗ୍ମ ମାନଦଣ୍ଡ ଅନୁଯାୟୀ କାର୍ଯ୍ୟ କରିଥାନ୍ତି ।

ପଞ୍ଚାୟତରାଜ ଅନୁଷ୍ଠାନଗୁଡିକ ଅଧୀନରେ ଅନ୍ତର୍ଭୁକ୍ତ ମୁଖ୍ୟ କାର୍ଯ୍ୟଗୁଡିକ:

- କାର୍ଯ୍ୟକାରୀ ଯୋଜନା ମାଧ୍ୟମରେ କୃଷିର ବିକାଶ
- ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଶିକ୍ଷା ସଂସ୍ଥାନଗୁଡିକର ପ୍ରତିଷ୍ଠା
- ପାନୀୟ ଜଳ ଯୋଗାଣ, ସଠିକ ଭାବେ ଜଳ ନିଷ୍କାସନ ଏବଂ ସ୍ୱେରେଜ ସିଷ୍ଟମ ସ୍ଥାପନା, ସଡକ ନିର୍ମାଣ ଓ ନବୀକରଣ
- କୁଟୀର ଏବଂ ଲଘୁ ଉଦ୍ୟୋଗର ବିକାଶ, ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ସମବାୟ ସମିତି ଗଠନ

**ପଞ୍ଚାୟତରାଜ ମନ୍ତ୍ରଣାଳୟ:** ପଞ୍ଚାୟତରାଜ ମନ୍ତ୍ରଣାଳୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଭାବେ ଲାଗୁ କରାଯାଇଥିଲା । ପୂର୍ବରୁ ଏହା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଏକ ଅଂଶ ଥିଲା । ଏହି ମନ୍ତ୍ରଣାଳୟର ବିଭିନ୍ନ କ୍ୟାଡର ସ୍ତରରେ ଅଧିକାରୀଙ୍କ ସହ ପୃଥକ ରାଜ୍ୟ ମନ୍ତ୍ରୀ, ସଚିବ, ଅତିରିକ୍ତ ସଚୀବ, ଜଣେ ବରିଷ୍ଠ ପରାମର୍ଶଦାତା ଏବଂ ତିନିଜଣ ମିଳିତ ସଚିବ ରହିଛନ୍ତି । ଏହି ସ୍ୱତନ୍ତ୍ର ମନ୍ତ୍ରଣାଳୟର ଲକ୍ଷ୍ୟ ସ୍ଥାନୀୟ ଅଂଶଗ୍ରହଣକାରୀ ସ୍ୱୟଂଶାସିତ ବିକେନ୍ଦ୍ରୀକରଣ ପଞ୍ଚାୟତରାଜ ବ୍ୟବସ୍ଥା ମଧ୍ୟ । MoPR ମଣ୍ଡଳର ନିମ୍ନଲିଖିତ ଉଦ୍ଦେଶ୍ୟ ମଧ୍ୟ ରହିଛି:

- ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ଯୋଜନା ପାଇଁ ପାଣ୍ଠି ଯୋଗାଇବା
- ପଞ୍ଚାୟତରାଜ ବ୍ୟବସ୍ଥାଗୁଡିକ ମାଧ୍ୟମରେ ଏକ ପ୍ରତିଷ୍ଠିତ ସମର୍ଥନ ପ୍ରଣାଳୀକୁ ସ୍ଥାପନ କରିବା
- ସମସ୍ୟାର ସମାଧାନ କରିବା ଏବଂ ଅଭିନବ ଏବଂ ପ୍ରଭାବଶାଳୀ ପଦ୍ଧତି ଗଠନ କରି ବ୍ୟବସ୍ଥାକୁ ଦୃଢ଼ କରିବା
- ଗ୍ରାମାଞ୍ଚଳ ବିକାଶମୂଳକ ଦିଗରେ ଅଧିକ ପ୍ରଦର୍ଶନ ପାଇଁ ବ୍ୟବସ୍ଥାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ମତାମତ ପାଇଁ ଏକ ଦକ୍ଷ ବ୍ୟବସ୍ଥା ସୃଷ୍ଟି କରିବା

## ୩.୭: ଆସ ପ୍ରଗତି ମାପିବା

୧. ସ୍ୱାଧୀନତା ପରେ ଉନ୍ନୟନ ପ୍ରକ୍ରିୟାରେ ସରକାର ନେଇଥିବା ପଦକ୍ଷେପଗୁଡ଼ିକୁ କ'ଣ ?

------------------------------------------------------------

------------------------------------------------------------

------------------------------

୨. ବିକାଶମୂଳକ ଦିଗରେ ବେସରକାରୀ ସଂଗଠନଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ବିସ୍ତୃତ ଭାବେ ବର୍ଣ୍ଣନା କରନ୍ତୁ ?

------------------------------------------------------------

------------------------------------------------------------

------------------------------

୩. ଗ୍ରାମ୍ୟ ଉନ୍ନୟନରେ ଗଣମାଧ୍ୟମର ଭୂମିକା କ'ଣ ?

------------------------------------------------------------

------------------------------------------------------------

------------------------------

# ୟୁନିଟ୍- ୪ : ଭାରତରେ ବିକାଶର ପ୍ରକ୍ରିୟା


୪.୦: ବିଷୟର ଗଠନ

୪.୧ : ପଠନର ଉଦ୍ଦେଶ୍ୟ

୪.୨ : ଗୋଟିଏ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ବିକାଶର ତଥ୍ୟ

୪.୩: ବିକାଶମୂଳକ କାରଣ ସମୂହର ତଥ୍ୟ ବିଶ୍ଳେଷଣ

୪.୩.୧ : **ପରିସଂଖ୍ୟାନ ଏବଂ ବିକାଶର ପ୍ରମାଣ ସୃଷ୍ଟି କରିବାରେ ଏହାର ଗୁରୁତ୍ୱ**

୪.୩.୨ : ବିକାଶମୂଳକ କାର୍ଯ୍ୟକଳାପର ଯୋଜନା ଏବଂ ମୂଲ୍ୟାଙ୍କନ କରିବାରେ ତଥ୍ୟର ଭୂମିକା

୪.୩.୩: ପରିସଂଖ୍ୟାନ ଏବଂ ବିଶ୍ୱସ୍ତରୀୟ ତଦାରଖ

୪.୩.୪: ବିଶ୍ୱସନୀୟ ଏବଂ ସଦ୍ୟତମ ତଥ୍ୟର ମହତ୍ତ୍ୱ ନିକଟରେ ପହଞ୍ଚିବା

୪.୫: ଆସ ପ୍ରଗତି ମାପିବା


## ୪.୧ : ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ନିମ୍ନଲିଖିତ ପ୍ରସଙ୍ଗ ଉପରେ ଆଲୋକପାତ କରେ :

- ଯେକୌଣସି ବିକାଶ ସମ୍ବନ୍ଧୀୟ ଯୋଜନାଗୁଡିକର ପ୍ରଭାବଶାଳୀ ବ୍ୟବହାର ପାଇଁ ତଥ୍ୟର ଗୁରୁତ୍ୱ
- ସରକାରୀ ଏବଂ ବେସରକାରୀ ଯୋଜନାର ଉପଯୋଗ ପାଇଁ କିପରି ତଥ୍ୟ ସଂଗ୍ରହ ଏବଂ କାର୍ଯ୍ୟକାରୀ କରିବା ଏବଂ କ୍ରମାଗତ ବିକାଶରେ ତଥ୍ୟର ଭୂମିକା ବିଷୟରେ ମଧ୍ୟ ଧାରଣା ଦେବା ।
- ବିକାଶ ପ୍ରକ୍ରିୟା ପାଇଁ ନିର୍ଭରଯୋଗ୍ୟ ତଥ୍ୟର ଗୁରୁତ୍ୱ ବିଷୟରେ ଏହା ମଧ୍ୟ ଏକ ଧାରଣା ପ୍ରଦାନ କରେ ।

## ୩.୨ : ଏକ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ବିକାଶର ତଥ୍ୟ

ବିଭିନ୍ନ ଦୃଷ୍ଟିକୋଣରୁ ଚିନ୍ତା କରି ପ୍ରଦତ୍ତ ସମସ୍ୟାର ସମାଧାନ କରି ବିକାଶ କରାଯାଇ ପାରିବ । ଏହା କୌଣସି ବିଶେଷ କ୍ଷେତ୍ରରେ, ବିକାଶର ଏକକ ଦୃଷ୍ଟିକୋଣ ପ୍ରତି ବହୁମୁଖୀ ଦୃଷ୍ଟିକୋଣର ସୃଷ୍ଟି କରିବା ସମ୍ବନ୍ଧୀୟ ହୋଇଥାଏ । ଏହାର କିଛି ଦିଗ ହେଉଛି, ଅର୍ଥନୀତିରେ ଅଭିବୃଦ୍ଧି, ଗ୍ରାମାଞ୍ଚଳ ଶିକ୍ଷାକ୍ଷେତ୍ରରେ ଅଭିବୃଦ୍ଧି, ଗ୍ରାମାଞ୍ଚଳର ଚିକିତ୍ସା ସେବା କ୍ଷେତ୍ରରେ ଅଭିବୃଦ୍ଧି, ଆଧୁନିକୀକରଣ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ । ଗ୍ରାମାଞ୍ଚଳର ମହିଳାମାନଙ୍କ ସ୍ଥିତି, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମହିଳାମାନେ ପରିବାର ଓ ଜାତି ଗଠନର ବୃହତ୍ତ ଆଧାର ହୋଇଥାନ୍ତି ଏବଂ ତେଣୁ ସେମାନଙ୍କର ପୁଷ୍ଟିକର ଖାଦ୍ୟ ଏବଂ ଫିଟନେସ୍ (ଉତ୍ତମ ସ୍ୱାସ୍ଥ୍ୟ) ବିକାଶ ଉପରେ ଏକ ବଡ ପ୍ରଭାବ ପକାଇଥାଏ । ଏହା ବ୍ୟତୀତ

ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି, ଯେପରିକି ଗ୍ରାମାଞ୍ଚଳରେ ସାମଗ୍ରୀ ଏବଂ ସେବା ବଣ୍ଟନ ଏବଂ ଦୂର ସଞ୍ଚାର ଏବଂ ଜନ ସଞ୍ଚାରର ମାଧ୍ୟମ ପର୍ଯ୍ୟନ୍ତ ପହଞ୍ଚିବା ମଧ୍ୟ ଏହାର ଗୋଟିଏ କାରଣ, ଯାହା ସ୍ଥାନୀୟ ବିକାଶ ପ୍ରସଙ୍ଗରେ କହିଥାଏ/ ସୂଚନା ଦେଇଥାଏ । ଏହି ପରିପ୍ରେକ୍ଷୀରେ ଦେଶର ସମସ୍ତ ପ୍ରମୁଖ ରାଜ୍ୟରେ ବିକାଶର ପ୍ରକ୍ରିୟା କିମ୍ବା ସାମାଜିକ ଅର୍ଥନୈତିକ ବିକାଶରେ ଦେଖାଯାଇଥିବା ପ୍ରଗତି ସମାନ ନୁହେଁ ।

ବିକାଶର କିଛି ନିର୍ଦ୍ଦିଷ୍ଟ ସୂଚକ ରହିଛି, ଯାହା ଭିନ୍ନତାର କାରଣ ଅଟେ । ସେଗୁଡିକ ହେଉଛି ଅର୍ଥନୈତିକ ବିକାଶ, ସମାଜର ଆବଶ୍ୟକତା, ସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ। ସାମାଜିକ ଅର୍ଥନୈତିକ ବିକାଶରେ ଭାରତୀୟ ରାଜ୍ୟଗୁଡିକ ମଧ୍ୟରେ ଅନେକ ଅସନ୍ତୁଳନ ରହିଛି । ମୁଖ୍ୟତଃ ଏହା ସାମଗ୍ରିକ ବିକାଶ ପ୍ରକ୍ରିୟାରେ ଅସନ୍ତୁଳନ କାରଣରୁ ଶିକ୍ଷା, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍ ସୁବିଧା, ସ୍ୱାସ୍ଥ୍ୟସେବା ଇତ୍ୟାଦି ମୌଳିକ ଆବଶ୍ୟକତା ସହିତ ଜଡିତ । ଯେପର୍ଯ୍ୟନ୍ତ ଏହି ମୌଳିକ ଆବଶ୍ୟକତାଗୁଡିକୁ ପୂରଣ କରାଯାଇପାରି ନାହିଁ ସେ ପର୍ଯ୍ୟନ୍ତ ବିକାଶ ହୋଇ ନପାରେ । ଏଥିପାଇଁ ସମସ୍ତଙ୍କୁ, ବିଶେଷ କରି ମହିଳା ଏବଂ ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରି ଜାତି ଓ ସମ୍ପ୍ରଦାୟ ନାମରେ ଭେଦଭାବ ଭଳି ପ୍ରତିବନ୍ଧକକୁ ଦୂର କରି ସରକାର ଏହି ମୌଳିକ ଆବଶ୍ୟକତାକୁ ପୂରଣ କରିବା ଉପରେ ଧ୍ୟାନ ଦେବାକୁ ପଡିବ । ସରକାର ନିଶ୍ଚିତ କରିବାକୁ ପଡିବ ଯେ, ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଉ । କାରଣ ସେମାନେ ଗୋଟିଏ ପରିବାରର ମୂଳଦୁଆ ଅଟନ୍ତି । ସରକାରଙ୍କୁ ପ୍ରଥମେ ସାମଗ୍ରିକ ବିକାଶ ପାଇଁ ଏହି ମୌଳିକ ଆବଶ୍ୟକତାକୁ ପୂରଣ କରିବାକୁ ପଡିବ । ବିକାଶମୂଳକ କ୍ଷେତ୍ରରେ ବିଭିନ୍ନ ଗବେଷଣା ଜନସାଧାରଣଙ୍କର ଉତ୍ତମ ଭାଗିଦାରୀତାର ଭୂମିକା ଏବଂ ସମାଜର ଆବଶ୍ୟକତା ବିକାଶରେ ଉତ୍ତମ ଶାସନର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହା ମଧ୍ୟ ଜୋର୍ ଦିଆଯାଇଛି ଯେ, ଯଦିଓ ଗୋଟିଏ ଦେଶର ଅର୍ଥନୈତିକ ବିକାଶ ଗୁରୁତ୍ୱପୂର୍ଣ୍ଣ, ତେବେ ମାନବ କ୍ଷମତାକୁ ବିସ୍ତାର କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ, ଯାହା ଭାରତ ପରି ଏକ ବିକାଶଶୀଳ ଦେଶରେ ସର୍ବଦା ଅଣଦେଖା କରାଯାଇ ଆସୁଛି ।

ଯଦି ଆମେ ଭାରତର ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ବିକାଶକୁ ଦେଖିବା, ତେବେ ଏହା ସ୍ପଷ୍ଟ ଭାବେ ଜଣାପଡେ ଯେ, ଦେଶର ପ୍ରଗତି ଦିଗରେ ଭାରତର ପ୍ରଭୂତ ପ୍ରଚେଷ୍ଟା ରହିଆସିଛି । ଏହା ସେହି ପଞ୍ଚବର୍ଷୀୟ ଯୋଜନା ଗୁଡିକରୁ ସ୍ପଷ୍ଟ ଯେ, ୧୯୫୧ରୁ ଦେଶର ସ୍ୱତନ୍ତ୍ରତା ପରଠାରୁ ଯୋଜନା ପ୍ରସ୍ତୁତ କରା ଯାଉଥିଲା । ସରକାରଙ୍କ ଦୃଢ଼ ଉଦ୍ୟମ ଦେଶର ଆର୍ଥିକ ସ୍ଥିତିକୁ ବଦଳାଇ ଦେଇଛି। କୃଷି ଉତ୍ପାଦନରେ ଉନ୍ନତି ଦେଖାଦେଇଛି ଏବଂ ନିର୍ଭରଶୀଳ ହେବା ପରେ ମଧ୍ୟ ଶିଳ୍ପାୟନରେ ଅଗ୍ରଗତି ଘଟିଥିଲା, ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଛି । ୧୯୫୦ ଦଶକରେ ଭାରତର ମୋଟ ଘରୋଇ ଉତ୍ପାଦର ଅଧା ପ୍ରତିଶତ କୃଷି ମାଧ୍ୟମରୁ ହୋଇଥିଲା । ସାମାଜିକ ଏବଂ ଅର୍ଥନୈତିକ ବିକାଶର ଅନ୍ୟାନ୍ୟ କ୍ଷେତ୍ର ମଧ୍ୟ ରହିଛି ଯାହା ଅଣ-କୃଷି କ୍ଷେତ୍ର, କିନ୍ତୁ ଏହା ବହୁତ ଅଗ୍ରଗତି ହାସଲ କରିଛି । କିନ୍ତୁ ୧୯୯୨-୯୩ରେ ବିଭିନ୍ନ କାରଣରୁ କୃଷିକ୍ଷେତ୍ରରେ ଉତ୍ପାଦନ ୨୬ ପ୍ରତିଶତକୁ ହ୍ରାସ ପାଇଲା । ଯେତେବେଳେ ଆମେ ମାନବ ହିତ ପ୍ରାସଙ୍ଗିକ ବିକାଶ ସମ୍ପର୍କରେ କହିଥାଉ, ଦାରିଦ୍ର୍ୟ, ଅଜ୍ଞାନତା ଏବଂ ଅସମାନତା ହ୍ରାସ କରିବାରେ ସ୍ୱାଧୀନ ଭାରତରେ ଶାସନର ଭୂମିକା ବହୁତ ସୀମିତ ।

ବିଗତ କିଛି ବର୍ଷରୁ କ୍ରମାଗତ ଭାବେ ଭାରତର ଜନସଂଖ୍ୟାରେ ବୃଦ୍ଧି ଘଟୁଛି । ଆସନ୍ତା ଦଶନ୍ଧି ସୁଦ୍ଧା ଏହା ଦୁଇ ମିଲିୟନ୍ ଅତିକ୍ରମ କରିଯିବ ବୋଲି ଆଶଙ୍କା କରାଯାଉଛି । ଜନସଂଖ୍ୟାରେ ବୃଦ୍ଧି ସହିତ ଲୋକଙ୍କ ମୌଳିକ ଆବଶ୍ୟକତାକୁ ଯୋଗାଇବା/ପୂରଣ କରିବାରେ ସରକାରଙ୍କର ଭୂମିକା ରହିଥାଏ। ତଥାପି ଏବେ ବି ଆମେ ଜାଣିବାକୁ ପାଉଛେ ଯେ, ଲୋକମାନେ ମୌଳିକ ଆବଶ୍ୟକତାକୁ ହାସଲ କରିବା କ୍ଷେତ୍ରରେ ଯନ୍ତ୍ରଣା ଭୋଗୁଛନ୍ତି । ତେଣୁ ମୌଳିକ ଆବଶ୍ୟକତାର ଯୋଗାଣ ଦେଶର ବର୍ଦ୍ଧିତ ଜନସଂଖ୍ୟା ସହିତ ସମାନ ନୁହେଁ । ୧୯୯୨ ମସିହାରେ ବାର୍ଷିକ ମୁଣ୍ଡପିଛା ହାରାହାରି ଆୟ ଆନୁମାନିକ ଭାବେ ମାତ୍ର ୫ହଜାର ଥିଲା। ଅର୍ଥନୈତିକ ହ୍ରାସ ସହିତ ଜନସଂଖ୍ୟାରେ କ୍ରମାଗତ ବୃଦ୍ଧି ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଗୁରୁତର ବିପଦ । ଭାରତର ଅର୍ଥନୀତି ପୂର୍ବାନୁମାନ ଯୋଗ୍ୟ ନୁହେଁ ଏବଂ ଏହା ବିକାଶକୁ ଆହୁରି କଠିନ_କରିଥାଏ । ଭାରତରେ ଦ୍ରୁତ ଭାବେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ମନ୍ଥର ଗତିରେ ଅଗ୍ରଗତି କରୁଥିବା ଅର୍ଥନୀତି ମଧ୍ୟରେ ସନ୍ତୁଳନ ରକ୍ଷାକରିବା କଷ୍ଟକର ଜଣାପଡୁଛି । ତେଣୁ ଏହା କ୍ରମାଗତ ଭାବେ ପ୍ରତ୍ୟେକ ବ୍ୟକ୍ତିର ଆୟର ଦୁଷ୍ଟକ୍ରରେ ଅଟକି ରହିଯାଇଥିବାର ଦେଖାଯାଏ, ଯାହା କଦବା କ୍ୱଚିତ୍ ଦେଖିବାକୁ ମିଳେ କିମ୍ୱା କୌଣସି ଅଭିବୃଦ୍ଧି ଦେଖାଯାଏ। କେବଳ ଜନସଂଖ୍ୟା ନୁହେଁ ଦେଶର ଜାତି ଏବଂ ସାଂସ୍କୃତିକ ପରମ୍ପରାଗୁଡିକ ଯେତିକି ଧର୍ମ ଏବଂ ସାଂସ୍କୃତିକ ପରମ୍ପରାର ମାନଦଣ୍ଡକୁ ସମର୍ଥନ କରିଥାନ୍ତି, ଭୌଗୋଳିକ ବିବିଧତାର ସଂଖ୍ୟାରେ ମଧ୍ୟ ବିକାଶର ପ୍ରକ୍ରିୟାକୁ ଭାରତୀୟ ଶାସନ ନିମନ୍ତେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟରେ ପରିଣତ କରି ଦେଇଛନ୍ତି । ସାମାଜିକ, ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଯୋଗାଯୋଗର ଅଭାବ ମଧ୍ୟ ଭାରତର ଯେକୌଣସି ବିକାଶ ଯୋଗାଯୋଗକୁ ମନ୍ଥର ଗତିରେ କରିଥାଏ ।

ଭାରତର ଗ୍ରାମା ଳରେ ଅଧିକ ସଂଖ୍ୟକ ଲୋକ ବସବାସ କରୁଛନ୍ତି ଏବଂ ଭାରତର ବିକାଶର ମୌଳିକ ଅଭାବକୁ ପୂରଣ କରିବାରେ ଗ୍ରାମାଞ୍ଚଳ ବିଭେଦତାକୁ_ସମାପ୍ତ କରିବା ଉପରେ ନିର୍ଭର କରିଥାଏ । ବହୁଳ ଜନସଂଖ୍ୟାରେ ଅସମାନତା ରହିଛି ଯାହା ପ୍ରତୀୟମାନ । ଗ୍ରାମା ଳରେ ରହୁଥିବା ଅଧିକାଂଶ ଲୋକଙ୍କ ନିକଟରେ ଜମି ନାହିଁ । ସାଧାରଣତଃ ସେମାନେ ଦୈନିକ ମଜୁରୀ ପାଇଁ ଜମି ମାଲିକଙ୍କ ନିକଟରେ କାମ କରିଥାନ୍ତି । ଗ୍ରାମାଞ୍ଚଳର ଏହି ଭୂମିହୀନ କୃଷକମାନେ ଅଧିକାଂଶ ଲୋକଙ୍କ ପାଇଁ କାମ କରିଥାନ୍ତି ଯେଉଁମାନେ କି ମୌଳିକ ଆବଶ୍ୟକତାରୁ ବଞ୍ଚିତ ଥିଲେ । ଯେତେ ପର୍ଯ୍ୟନ୍ତ ସେମାନଙ୍କ ରହିବାର ଅବସ୍ଥାରେ ପରିବର୍ତ୍ତନ ନଆସିଛି ସେ ପର୍ଯ୍ୟନ୍ତ ବାସ୍ତବ ରୂପରେ ଗ୍ରାମା ଳରେ ବିକାଶ ଅସମ୍ଭବ । ଗୋଟିଏ ପଟେ ଜମି ବଣ୍ଟନରେ ଅସମାନତା କାରଣରୁ କେତେକ ଚାଷୀ ଭୂମିହୀନ ହୁଅନ୍ତି, ଅନ୍ୟ ପକ୍ଷରେ ଦେଶରେ କେତେକ ରୋଜଗାରୀ ଏବଂ ବେରୋଜଗାର ସୃଷ୍ଟି ହୁଅନ୍ତି । ଭୂମିହୀନ କୃଷକମାନେ ଜମି ମାଲିକଙ୍କ କ୍ଷେତ/ଜମିରେ କାମ ପାଇଯାଆନ୍ତି, କିନ୍ତୁ ସହରୀ ଲୋକମାନଙ୍କୁ କାମ କରିବା ପାଇଁ ସ୍ଥାନ ନ ଥାଏ । ଏଥିରେ ସହରୀ ଜୀବନ ଅଧିକ ଦୟନୀୟ ହୋଇଯାଏ । ବିକଶିତ ରାଜ୍ୟ ଗୁଡିକରେ ଗ୍ରାମାଞ୍ଚଳର ଜନସଂଖ୍ୟା ଯାହା ଦାରିଦ୍ର୍ୟ ସୀମାରେଖା ତଳେ ରହିଛି କେତେକ ରାଜ୍ୟରେ ଏହା ୨୧ ପ୍ରତିଶତରୁ କମ୍ ଅଟେ । ଅନ୍ୟ କେତେକ ରାଜ୍ୟରେ ଏହା ୬୫ ପ୍ରତିଶତରୁ କମ୍ ଅଟେ । ଗ୍ରାମାଞ୍ଚଳର ଅଧିକାଂଶ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ସାମାଜିକ ବିକାଶ ଦିଗରେ ଅନ୍ୟାନ୍ୟ ପଦକ୍ଷେପ ଗୁଡିକ ମଧ୍ୟ ରାଜ୍ୟ ରାଜ୍ୟ ମଧ୍ୟରେ ଭିନ୍ନ ।

ଉଦାହରଣ ସ୍ୱରୂପ, ଦେଶର ମହିଳା ସ୍ୱାକ୍ଷରତା ବିଭିନ୍ନ ରାଜ୍ୟରେ ୨୦ ରୁ ୬୫ ପ୍ରତିଶତ ମଧ୍ୟରେ ହୋଇଥାଏ । କେବଳ ମହିଳା ସ୍ୱାକ୍ଷରତା ନୁହେଁ, ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଜିନିଷରେ ବିକାଶ ମଧ୍ୟ ଦେଶର ବିଭିନ୍ନ ରାଜ୍ୟଗୁଡିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦର ସମ୍ମୁଖୀନ ହୋଇଥାଏ। ଦେଶର ଶିଶୁ ଏବଂ ମହିଳାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ସୁସ୍ଥ ଜୀବିକା ପ୍ରଦାନ କରୁଥିବା ପୁଷ୍ଟିର ମାପଦଣ୍ଡ, ଶିଶୁ ରୋଗ, ମହିଳା ଶିକ୍ଷା ଏବଂ ନିଯୁକ୍ତି, ଆତ୍ମବିକାଶ ଏବଂ ଆତ୍ମ ନିର୍ଭରଶୀଳତା, ରାଜନୈତିକ ପ୍ରତିବଦ୍ଧତା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଇତ୍ୟାଦି ଯୋଗାଇଥାନ୍ତି ଏବଂ ଅନ୍ୟ କାରଣଗୁଡିକ ରାଜ୍ୟ ଏବଂ ରାଜ୍ୟମାନଙ୍କ ମଧ୍ୟରେ ପରିବର୍ତ୍ତନ ହୋଇଥାଏ ।

ଏହା ଉଲ୍ଲେଖ କରାଯାଇଥିବା ବିଭିନ୍ନ ସୂଚକଗୁଡିକର ରାଜ୍ୟସ୍ତରୀୟ ତୁଳନା ଅର୍ଥନୈତିକ ବିକାଶରେ ବିବିଧତାର ସମ୍ପୂର୍ଣ୍ଣ ଚିତ୍ର ଦେଇପାରେ ନାହିଁ । କିନ୍ତୁ ଏହି ସୂଚକାଙ୍କ ଗୁଡିକୁ ଅଣଦେଖା କରାଯାଇ ନ ପାରେ । କାରଣ ସେଗୁଡିକ ରାଜ୍ୟର ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଏବଂ ଯେତେବେଳେ ଗୋଟିଏ ରାଜ୍ୟର ବିକାଶ ହୁଏ ସେତେବେଳେ ଗୋଟିଏ ଦେଶର ବିକାଶ ସମ୍ଭବ ହୋଇପାରେ । କାରଣ ରାଜ୍ୟଗୁଡିକ ଗୋଟିଏ ଦେଶର ରାଜନୈତିକ ଏକକ ଅଟନ୍ତି । ସମାଜରେ ସନ୍ତୁଳନ ଆଣିବା ପାଇଁ ଏବଂ ବିକାଶମୂଳକ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ କିଛି ସଙ୍କେତ ରହିଛି, ଯାହା ରାଜ୍ୟ ଦ୍ୱାରା ନିୟନ୍ତ୍ରିତ କରା ଯାଇଥାଏ ଏବଂ ବିକାଶର ଅନ୍ୟ ସାଙ୍କେତିକ କେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ କରିବା ପାଇଁ ନିର୍ଦ୍ଦିଷ୍ଟ କରା ଯାଇଥାଏ । ସେଗୁଡିକ ଯଥାକ୍ରମେ ରାଜ୍ୟର ବିଷୟ ଏବଂ ଏକକାଳୀନ ବିଷୟ ଭାବରେ ପରିଚିତ । ଯେତେବେଳେ ରାଜ୍ୟସ୍ତରୀୟ ବିକାଶରେ ସୂଚକକୁ ଧ୍ୟାନରେ ରଖିବା ଦାୟିତ୍ୱ ରାଜ୍ୟ ମଧ୍ୟରେ/ନିକଟରେ ଥାଏ, ସେତେବେଳେ ରାଜ୍ୟ ପ୍ରଶାସନକୁ ସମ୍ପୃକ୍ତ କ୍ଷେତ୍ରରେ ଧ୍ୟାନର ଅଭାବର କାରଣ ଖୋଜି ବାହାର କରିବା ପାଇଁ ଦୃଢ଼ ପ୍ରେରଣା ମିଳିଥାଏ ଏବଂ ସେହି ଅନୁଯାୟୀ ତାହା ଉପରେ ଧ୍ୟାନ ଦିଆ ଯାଇଥାଏ । ଏହା ରାଷ୍ଟ୍ର ମଧ୍ୟରେ ବିବିଧତାର ପରିଚୟ ପ୍ରଦାନ କରିବାରେ ସହାୟତା ପ୍ରଦାନ କରିଥାଏ ଏବଂ ବିବିଧତାକୁ ଦୂର କରିବାରେ ସମାଧାନକୁ ମଧ୍ୟ ଖୋଜି ବାହାର କରିଥାଏ । ଏଥିପାଇଁ ମାନବ ବିକାଶ ସମ୍ବନ୍ଧିତ କୌଣସି ରାଜ୍ୟସ୍ତରୀୟ କାର୍ଯ୍ୟାନୁଷ୍ଠାନକୁ ଗୋଟିଏ ଜାଗାରେ ମାନବ ଜୀବିକା ସମ୍ବନ୍ଧିତ ସମସ୍ୟାର ସମ୍ଭାବ୍ୟ ସମାଧାନ କରିବା ଦିଗରେ ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ସହାୟତାର ଆବଶ୍ୟକ ରହିଥାଏ ।

ଯାହା ଆମେ ପୂର୍ବ ଅଧ୍ୟାୟରେ ପଢ଼ିଛୁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିକାଶଶୀଳ ଦେଶଗୁଡିକର ଅର୍ଥବ୍ୟବସ୍ଥାକୁ ଗଭୀର ଆଘାତ/ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। କେତେକ ଦେଶର ଜନସାଧାରଣଙ୍କୁ ମୌଳିକ ଆବଶ୍ୟକତା ଅଭାବର ସମ୍ମୁଖୀନ ହେବାକୁ ପଡିଲା ଏବଂ ଏମାନେ ବିକାଶଶୀଳ ଦେଶଗୁଡିକର ଅର୍ଥନୈତିକ ବ୍ୟବସ୍ଥାକୁ ଅଧ୍ୟୟନ କରିବାକୁ ବାଧ୍ୟ କରିଥିଲା । ଏ ପର୍ଯ୍ୟନ୍ତ ଭାରତରେ ଅର୍ଥନୈତିକ ବିକାଶ ପାଇଁ ଅନେକ ଅଧ୍ୟୟନ କରାଯାଇଛି । ଗୋଟିଏ ଦୃଢ଼ ଅର୍ଥନୈତିକ ବିକାଶ ପାଇଁ ୟୁଏନଡ଼ିପି ଦ୍ୱାରା ଦିଆଯାଇଥିବା ପରାମର୍ଶ ଉପରେ ମଧ୍ୟ ଅନୁସନ୍ଧାନ/ ଗବେଷଣା କରା ଯାଇଥିଲା । ଯଦିଓ ଅର୍ଥନୈତିକ ଏବଂ ଗ୍ରାମୀଣ ବିକାଶ ପାଇଁ ପରିକଳ୍ପନା କରା ଯାଇଥିବା ନୀତିଗୁଡିକୁ ଫଳପ୍ରଦ ପ୍ରକ୍ରିୟାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି କି ନାହିଁ ତାହା ପରୀକ୍ଷା କରିବା ଏକ ବଡ ପ୍ରଶ୍ନ, କିନ୍ତୁ ବିକାଶମୂଳକ ନୀତିଗୁଡିକ ଗ୍ରାମାଞ୍ଚଳର ଜନସାଧାରଣଙ୍କ ନିକଟରେ ପହଞ୍ଚିଛି କି

ନାହିଁ ପରୀକ୍ଷା କରିବା ମଧ୍ୟ ଗୋଟିଏ ବଡ ପ୍ରଶ୍ନ । ଏଥିପାଇଁ ବିକାଶ ସହିତ ସାମାଜିକ ଅର୍ଥନୈତିକ ଭିନ୍ନତାକୁ ପ୍ରଥମେ ଅଧ୍ୟୟନ କରିବାକୁ ପଡିବ । ତେଣୁ ସର୍ବପ୍ରଥମେ ବିଭିନ୍ନ ପାର୍ଥକ୍ୟକୁ ବୁଝିବା ଜରୁରୀ, ଯାହା ରାଜ୍ୟଗୁଡିକ ସମ୍ବନ୍ଧରେ କୌଣସି ଦେଶର ବିକାଶକୁ ପ୍ରଭାବିତ କରିପାରେ । ଭାରତୀୟ ଉପମହାଦେଶ ହେଉଛି ବିବିଧତା ମଧ୍ୟରେ ଏକତାର ମହାଦେଶ । ଏହା ଗୋଟିଏ ବିସ୍ତୃତ ଭୌଗୋଳିକ କ୍ଷେତ୍ର ଏବଂ ବିସ୍ତୃତ ସଂରଚନା, ଯାହା ପାରିପାର୍ଶ୍ୱିକ ସାମାଜିକ ବିବିଧତାକୁ ଜନ୍ମ ଦେଇଥାଏ । ଏହିପରି ସଂରଚନାକୁ ଗୋଟିଏ ରାଜ୍ୟ କିମ୍ବା ଦେଶ ପରିବର୍ତ୍ତେ ଗୋଟିଏ ଅଞ୍ଚଳ ଆକାରରେ ସବୁଠାରୁ ଭଲ ଭାବେ ଅଧ୍ୟୟନ କରା ଯାଇପାରିବ । ଏହା ପରିସ୍ଥିତି ଏବଂ ବର୍ତ୍ତମାନର ଅବସ୍ଥା ବିଷୟରେ ଉତ୍ତମ ବୁଝାମଣା ପ୍ରଦାନ କରିଥାଏ । ଦେଶର ୧୬ଟି ରାଜ୍ୟକୁ ପାଞ୍ଚଟି ଅଲଗା ଅଲଗା କ୍ଷେତ୍ରରେ ବିଭକ୍ତ କରାଯାଇଛି, ଯେଉଁଠି ୭୫ ପ୍ରତିଶତରୁ ଅଧିକ ସଂଖ୍ୟକ ଜନସଂଖ୍ୟା ସାମିଲ୍ ଅଛନ୍ତି । ଉତ୍ତରାଞ୍ଚଳର ଚାରୋଟି ରାଜ୍ୟ- ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ରାଜସ୍ଥାନ, ପଶ୍ଚିମା ଳରୁ ଦୁଇଟି ରାଜ୍ୟ ମହାରାଷ୍ଟ୍ର ଏବଂ ଗୁଜୁରାଟ, ପୂର୍ବାଞ୍ଚଳର ଚାରୋଟି ରାଜ୍ୟ, ଯାହା- ପଶ୍ଚିମବଙ୍ଗ, ଆସାମ, ଓଡ଼ିଶା ଏବଂ ବିହାର ଏବଂ ମଧ୍ୟା ଳର ଦୁଇଟି ରାଜ୍ୟ ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ଏବଂ ଶେଷରେ ଦକ୍ଷିଣାଞ୍ଚଳର ଚରୋଟି ରାଜ୍ୟ ଯଥା- ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକକୁ ନେଇ ଗଠିତ ।

ବିକାଶକୁ ଗୋଟିଏ ବହୁମୁଖୀ ଘଟଣା ରୂପରେ ଦେଖା ଯାଇଥାଏ, ଯେଉଁଠି ଆଧୁନିକୀକରଣର ସ୍ତର, ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବିକାର ସ୍ତର, ସ୍ୱାସ୍ଥ୍ୟ ଶିକ୍ଷାର ସ୍ତର, ସ୍ୱଚ୍ଛତା, ଯୋଗାଯୋଗ, ଲୋକମାନେ ରହୁଥିବା ଗୃହର ମାନ, ଖାଦ୍ୟର ଉପଲବ୍ଧତା, ବିଦ୍ୟୁତ୍ ସୁବିଧା ଭଳି ବିଭିନ୍ନ ପଦକ୍ଷେପ ଅନ୍ତର୍ଭୁକ୍ତ। ଏହି ସମସ୍ତ କାରଣଗୁଡିକ ପରସ୍ପର ସହିତ ଜଡିତ ଥାଏ ଏବଂ ପ୍ରକୃତ ପ୍ରଭାବ ଜାଣିବା ପାଇଁ ଗୋଟିଏ ଭେରିଏବଲ୍‌କୁ ଅନ୍ୟ ଏକ ଭେରିଏବଲ୍ ଉପରେ ଛାଡିବା ସମ୍ଭବ ନୁହେଁ । ଏହି ଭେରିଏବଲ୍ ଦ୍ୱାରା ସୃଷ୍ଟି ହୋଇଥିବା ପାର୍ଥକ୍ୟ ସାମାଜିକ-ଅର୍ଥନୈତିକ ବିକାଶ ପ୍ରସଙ୍ଗରେ ମଧ୍ୟ ସମାନ ନ ଥାଏ । ଗୋଟିଏ ବିଶେଷ ପାର୍ଥକ୍ୟର ଭେଦଭାବକୁ ଅଧ୍ୟୟନ କରିବା ପରିବର୍ତ୍ତେ କେତେକ ସୂଚକାଙ୍କ ଆଧାରରେ ଗୋଟିଏ ସମଗ୍ର ସୂଚକାଙ୍କକୁ ବିକଶିତ କରା ଯାଇଥାଏ । ଏହା ପରେ ରାଜ୍ୟଗୁଡିକୁ ମିଳିଥିବା ସୂଚକାଙ୍କ ଅନୁଯାୟୀ ବ୍ୟବସ୍ଥିତ କରାଯାଇଛି । ଯଦିଓ ବିକାଶକୁ ମାପିବା ପାଇଁ ଏହା ଯୁକ୍ତିଯୁକ୍ତ ଉପାୟ ଭଳି ମନେହୁଏ, ଏହା ମଧ୍ୟ ଧ୍ୟାନଦେବା ଜରୁରୀ ଯେ, ଏହି ପଦ୍ଧତି ବହୁଳ ଭାବରେ ବ୍ୟବହୃତ ହୋଇନାହିଁ ଏବଂ ଏତେ ବ୍ୟାପକ ଭାବେ ଅନୁମୋଦିତ ହୋଇନାହିଁ । ଆଧୁନିକୀକରଣର ଅନୁପଲବ୍ଧତା ଏହି ଅସମର୍ଥନର କାରଣ ହୋଇପାରେ ।

## ୪.୩ ସଂଖ୍ୟା ଭିତ୍ତିରେ ବିକାଶମୂଳକ ତଥ୍ୟର ବିଶ୍ଳେଷଣ

### ପରିସଂଖ୍ୟାନ ଏବଂ ବିକାଶର ପ୍ରମାଣ ସୃଷ୍ଟି କରିବାରେ ଏହାର ଗୁରୁତ୍ୱ

ପରିସଂଖ୍ୟାନ ହେଉଛି ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଶାଖା, ଯାହା ତଥ୍ୟ ଏବଂ ପ୍ରମାଣ ସହିତ ସିଦ୍ଧାନ୍ତକୁ ସମର୍ଥନ କରିଥାଏ । ବିଶ୍ୱବ୍ୟାଙ୍କ ଉଲ୍ଲେଖ କରିଛି ଯେ, ପରିସଂଖ୍ୟାନ ହେଉଛି ଏମିତି ଗୋଟିଏ

ପ୍ରମାଣ ଯେଉଁଥିରେ ରାଜ୍ୟ କିମ୍ବା ଦେଶର ନୀତି ନିର୍ମିତ ହୋଇଛି । ଅର୍ଥନୈତିକ ହେଉ କିମ୍ବା ରାଜନୈତିକ, ଯେ କୌଣସି ପରିବର୍ତ୍ତନର ଏହା ହେଉଛି ମୂଳଦୁଆ । ଗୋଟିଏ ଦେଶର ଗଠନମୂଳକ ଅଭିବୃଦ୍ଧି ପାଇଁ ପରିସଂଖ୍ୟାନ ନିହାତି ଆବଶ୍ୟକ । ପରିସଂଖ୍ୟାନ ଦ୍ୱାରା ପ୍ରଦତ୍ତ ତଥ୍ୟ ସରକାର ଏବଂ ନୀତିନିର୍ମାତାଙ୍କୁ ଇଚ୍ଛାକୃତ ଲକ୍ଷ୍ୟ ସ୍ଥିର କରିବାରେ ଏବଂ ଏହାକୁ ହାସଲ କରିବାରେ ସାହାଯ୍ୟ କରିଥାଏ । ଏହା ବିକାଶ ନିମନ୍ତେ ନିର୍ଦ୍ଧାରିତ ନୀତି ଗୁଡିକର ପ୍ରଗତି ଏବଂ ତଦାରଖ କରିବାରେ ସହାୟକ ହୋଇଥାଏ । ଯଦି ପରିସଂଖ୍ୟାନ କରାଯାଏ ନାହିଁ ତେବେ ବିକାଶମୂଳକ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାର କୌଣସି ଉପାୟ ନାହିଁ । ଏହା କୁହା ଯାଇଥାଏ ଯେ, ଯଦି କୌଣସି ପରିସଂଖ୍ୟାନ ନାହିଁ, ତେବେ ବିକାଶମୂଳକ ପ୍ରକ୍ରିୟାର କୌଣସି ଗନ୍ତବ୍ୟସ୍ଥଳ ନାହିଁ । ପରିସଂଖ୍ୟାନର ନୀତି ନିର୍ମାତାମାନଙ୍କୁ ସେମାନଙ୍କର ବିଚାରର ଭଲ ଏବଂ ଖରାପ ଦିଗ ସମ୍ପର୍କରେ ଜାଣିବାରେ ସାହାଯ୍ୟ କରେ ଏବଂ ସେଗୁଡିକୁ ସଂଶୋଧନ କରିବାର ସୁଯୋଗ ପ୍ରଦାନ କରେ । ଏହା ବ୍ୟାପକ ଭାବେ ଜନସାଧାରଣଙ୍କୁ ତଥ୍ୟ ପ୍ରଦାନ କରିବାରେ ସହାୟକ ହୋଇପାରେ, ଯାହା ଚିହ୍ନଟ କରିବା ସହଜ ଯେ ନୀତି ନିର୍ମାତା ମାନେ ପ୍ରକୃତରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ସେମାନଙ୍କୁ ଇଚ୍ଛାକୃତ ପ୍ରଭାବରୁ ବିଚ୍ୟୁତ ହେଉଥିବା ପ୍ରସଙ୍ଗ ଉପରେ ପ୍ରଶ୍ନ କରିବାକୁ ସୁଯୋଗ ଦେଇପାରେ ।

ପରିସଂଖ୍ୟାନ ତଥ୍ୟର ସଂଗ୍ରହ ଏବଂ ଏହାର ବିଶ୍ଳେଷଣ ସହିତ ଜଡିତ ହୋଇ ରହିଥାଏ । ଏହା ପରେ ତଥ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ବ୍ୟାଖ୍ୟା କରିଥାଏ, ଯାହା ତଥ୍ୟର ପ୍ରଭାବଶାଳୀ ଉପସ୍ଥାପନାରେ ସାହାଯ୍ୟ କରେ। ପରିସଂଖ୍ୟାନରୁ ସଂଗୃହୀତ ତଥ୍ୟ ଏବଂ ଫଳାଫଳ ଅତ୍ୟନ୍ତ ନିର୍ଭରଯୋଗ୍ୟ । ବିଜ୍ଞାନର ଏହି ଶାଖା ପ୍ରାରମ୍ଭିକ ତଥ୍ୟକୁ ଅର୍ଥପୂର୍ଣ୍ଣ ତଥ୍ୟରେ ପରିଣତ କରିଥାଏ ଏବଂ ବିଶ୍ଳେଷଣର ବିଭିନ୍ନ ଉପକରଣ ବ୍ୟବହାର କରି ତଥ୍ୟର ଉପସ୍ଥାପନ କରେ । ପ୍ରାରମ୍ଭିକ ତଥ୍ୟ ଉପଯୋଗୀ ସୂଚନାକୁ ପ୍ରକ୍ରିୟାକରଣ କରିଥାଏ ଯାହା ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ । ପରିସଂଖ୍ୟାନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣାତ୍ମକ ଉପକରଣ ଯାହା ଗୋଟିଏ ନିଶ୍ଚିତ ନିଷ୍କର୍ଷରେ ପହଞ୍ଚିବାରେ ସହାୟକ ହୋଇଥାଏ । ଆଜି ପରିସଂଖ୍ୟାନ ବିଭିନ୍ନ କ୍ଷେତ୍ରରେ ନିର୍ଣ୍ଣୟ ପାଇଁ ବ୍ୟବହୃତ ହୁଏ, ଯାହା ନିଷ୍ପତ୍ତି ନେବା ସହିତ ଜଡିତ । ପରିସଂଖ୍ୟାନ ଦ୍ୱାରା ପ୍ରଦତ୍ତ ତଥ୍ୟ ଏତେ ସଠିକ୍ ଯେ, ହାତରେ ଉପଲବ୍ଧ ତଥ୍ୟର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟବାଣୀ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହିପରି ଏହା ପ୍ରମାଣଭିତ୍ତିକ ନୀତି ସୃଷ୍ଟି କରେ, ଯାହା ବିକାଶ ପାଇଁ ପ୍ରଭାବଶାଳୀ ଚିନ୍ତାଧାରା ଏବଂ ରଣନୀତି ସହିତ ଲୋକଙ୍କ ନିକଟରେ ପହଞ୍ଚିବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ବାଣିଜ୍ୟ, ଶିଳ୍ପ, ଅର୍ଥନୀତି, ଜୀବବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ସ୍ୱାସ୍ଥ୍ୟ, ଔଷଧ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନ ବ୍ୟବହୃତ ହେଉଛି । ଏହାର କାରଣ ହେଉଛି ଏହା ସଠିକ୍ ତଥ୍ୟ ପ୍ରଦାନ କରେ, ଯାହା ନୀତିନିର୍ମାତାମାନଙ୍କୁ ଦେଶର ବିକାଶ ପାଇଁ ପ୍ରମାଣଭିତ୍ତିକ ନୀତି ଆଣିବାରେ ସାହାଯ୍ୟ କରେ । ତେଣୁ ପରିସଂଖ୍ୟାନ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରା ଯାଇଥାଏ ।

ପରିସଂଖ୍ୟାନର ବିଭିନ୍ନ ଶାଖା ରହିଛି, ଯାହାର ବ୍ୟବହାର ବିଭିନ୍ନ ବିଭାଗ ପାଇଁ ଦକ୍ଷତାର ସହିତ କରା ଯାଇପାରିବ, ପରିଣାମସ୍ୱରୂପ ଫଳାଫଳଗୁଡିକ ସଠିକ୍ ଭାବରେ ପ୍ରାପ୍ତ କରାଯାଇପାରିବ । ପରିସଂଖ୍ୟାନର ଏକ ଶାଖା କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ ବିଭାଗ ପାଇଁ ଏକ ନିର୍ଦ୍ଦିଷ୍ଟ ପରିସଂଖ୍ୟାନ ପଦ୍ଧତି ବ୍ୟବହାର କରି ସଂଗୃହୀତ

ଏବଂ ବିଶ୍ଳେଷଣ କରା ଯାଇଥିବା ତଥ୍ୟ, ଅନ୍ୟ ବିଭାଗ ପାଇଁ ସମାନ ହୋଇ ନପାରେ । ତଥ୍ୟର ବିଶ୍ଳେଷଣ କିମ୍ବା ବେଳେ ବେଳେ ତଥ୍ୟର ସଂଗ୍ରହ ମଧ୍ୟ ବିଭାଗରୁ ବିଭାଗକୁ ଭିନ୍ନ ହୋଇପାରେ । ଏଥିପାଇଁ ପରିସଂଖ୍ୟାନର ପ୍ରତ୍ୟେକ ଶାଖାର ବିକାଶକୁ ମାପିବା ପାଇଁ ବିଶେଷ ପ୍ରଣାଳୀ ରହିଛି, ଯେଉଁଥିରେ ଏହାର ଉପସ୍ଥିତି ଆହୁରି ମଧ୍ୟ ଅଧିକ କ୍ରିୟାଶୀଳ ଏବଂ ଆବଶ୍ୟକୀୟ ହୋଇ ଯାଇଥାଏ । ଆଜିକାଲି ଆଧୁନିକ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ସହଜରେ ପରିସଂଖ୍ୟାନକୁ ପ୍ରସ୍ତୁତ କରା ଯାଇପାରୁଛି । ତେଣୁ ବହୁସଂଖ୍ୟକ ତଥ୍ୟ ମାତ୍ର କିଛି ସେକେଣ୍ଡରେ ପ୍ରକ୍ରିୟାକରଣ ହୁଏ ଏବଂ ଫଳାଫଳ ମଧ୍ୟ ପ୍ରାମାଣିକ ହୋଇଥାଏ । ଏହା ନୂତନ ପଦ୍ଧତି ମଧ୍ୟ ପ୍ରସ୍ତୁତ କରିଛି, ଯାହା ତଥ୍ୟ ପ୍ରକ୍ରିୟାକରଣରେ ସାହାଯ୍ୟ କରିପାରିବ, ଯାହାକୁ ଦ୍ରୁତଗତିରେ ମନୁଷ୍ୟକୃତ ଭାବେ କରିବା ଅସମ୍ଭବ । ପରିସଂଖ୍ୟାନ ଏକ ଏମିତି କ୍ଷେତ୍ର, ଯେଉଁଥିରେ ସଠିକ୍ ତଥ୍ୟକୁ ନେଇ ଗବେଷଣା କରା ଯାଇଥାଏ ଏବଂ ଅଧିକ ସଂଖ୍ୟକ ତଥ୍ୟକୁ ସହଜରେ ବିଶ୍ଳେଷଣ ମଧ୍ୟ କରା ଯାଇଥାଏ ।

### ୪.୩.୨: ଯୋଜନା କ୍ଷେତ୍ରରେ ତଥ୍ୟର ଭୂମିକା ଏବଂ ବିକାଶମୂଳକ କାର୍ଯ୍ୟକଳାପର ମୂଲ୍ୟାଙ୍କନ

ରାଷ୍ଟ୍ରୀୟ ବିକାଶରେ ପରିସଂଖ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ତଥ୍ୟ ଲୋକଙ୍କ ଦୈନନ୍ଦିନ ଜୀବନର ବାସ୍ତବିକତାକୁ ବର୍ଣ୍ଣନା କରିଥାଏ । ଭାରତ ଭଳି ଦେଶରେ ବିକାଶର ପ୍ରକ୍ରିୟାରେ, ପରିସଂଖ୍ୟାନର ମହତ୍ତ୍ୱକୁ ଭଲଭାବରେ ବୁଝା ଯାଇଥାଏ, କାରଣ ସେଠାରେ ବିକାଶମୂଳକ ଯୋଜନାଗୁଡିକ ଅନେକ ସମୟରେ ଆସୁଛି । ଲୋକମାନଙ୍କ ସାମାଜିକ ଅର୍ଥନୈତିକ ଜୀବନର ଗଣନା କେବଳ ପରିସଂଖ୍ୟାନ ସହିତ କରା ଯାଇଥାଏ । ପରିସଂଖ୍ୟାନ କ୍ଷେତ୍ରରେ ପ୍ରଗତି ରାଷ୍ଟ୍ରୀୟ କଲ୍ୟାଣରେ ବହୁତ ସାହାଯ୍ୟ କରିଥାଏ । ସ୍ଥାୟୀ ବିକାଶ ନିମନ୍ତେ ଆମକୁ ସଠିକ୍, ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତ୍ତୀ ତଥ୍ୟର ଆବଶ୍ୟକତା ରହିଛି, ଯାହା ଆମକୁ ଅଗ୍ରଗତିର ସମ୍ପର୍କରେ ପ୍ରତି କ୍ଷଣର ବିବରଣୀ ପ୍ରଦାନ କରିପାରେ । ଏହି ତଥ୍ୟ ମଜଭୁତ ବିଚାର ଏବଂ ନୀତିଗୁଡିକର ନିର୍ମାଣ ପାଇଁ ମଧ୍ୟ ଆବଶ୍ୟକ ରହିଛି, ଯାହା ସମାଜର ବିକାଶକୁ ବୃଦ୍ଧି କରିପାରିବ । ସରକାରଙ୍କ ଯୋଜନା ଏବଂ ବିକାଶମୂଳକ ଯୋଜନାଗୁଡିକ ଉପଲବ୍ଧ କରା ଯାଇଥିବା ପରିସଂଖ୍ୟାନ ତଥ୍ୟ ଉପରେ ଆଧାରିତ । ଏହା ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଏବଂ ବର୍ତ୍ତମାନ ଚିନ୍ତାଧାରାର ଫାଟ/ଅର୍ଗଳି ଗୁଡିକୁ ଖୋଜିବା ପାଇଁ ଧାରଣା ଦେଇଥାଏ । ଏପରି ଭାବେ ବିକାଶମୂଳକ ଯୋଜନାଗୁଡିକୁ ଅଧିକ ଗୁରୁତ୍ୱ ଦିଆଯାଏ । ମିଳିତ ଜାତିସଂଘ ପରିସଂଖ୍ୟାନକୁ ବିକାଶର ପଥ ପ୍ରଦର୍ଶକ ଭାବେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଦେଶର ବିକାଶମୂଳକ ନୀତି ସହିତ ଜଡିତ ସମସ୍ୟାର ସମାଧାନକାରୀ ରୂପେ ବିବେଚନା କରିଥାଏ ।

ଦେଶରେ ଅର୍ଥନୈତିକ ନୀତି ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ବିକାଶମୂଳକ କ୍ଷେତ୍ରରେ ଜଟିଳ ପାରସ୍ପରିକ କ୍ରିୟା ଭବିଷ୍ୟତରେ ବ୍ୟାପକ ଅର୍ଥନୈତିକ ମଡେଲ୍ ଗୁଡିକୁ ସୃଷ୍ଟି କରିପାରେ, ଯାହା ପ୍ରଗତି ପାଇଁ ରାସ୍ତା ଦେଖାଇଥାଏ । ଅର୍ଥନୈତିକ ମଡେଲ୍‌ର ଏତେ ବୃହତ ସ୍ତରର ନିର୍ମାଣ ସେତେବେଳେ ସମ୍ଭବ, ଯେତେବେଳେ ବିକାଶମୂଳକ ତଥ୍ୟ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଉପଲବ୍ଧ ହେବ । ଉପଲବ୍ଧ ସୂଚନା ମଧ୍ୟ ନିର୍ଭରଯୋଗ୍ୟ ହେବା ଆବଶ୍ୟକ । ଏହିପରି ବିକାଶ ପ୍ରକ୍ରିୟାରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ

ଅଣଦେଖା କରାଯାଇ ନ ପାରେ କିମ୍ବା ଏହାକୁ ଆକଳନ ମଧ୍ୟ କରାଯାଇ ପାରିନଥାଏ । ଗୋଟିଏ ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି), ଦାରିଦ୍ର୍ୟ ଅନୁପାତ, ଦେଶର ମୁଣ୍ଡପିଛା ଆୟ, ଗ୍ରାମା ଳର ଭୂମିହୀନ କୃଷକ ଏବଂ ଜମିଦାରଙ୍କ ସଂଖ୍ୟା, ସ୍ୱାସ୍ଥ୍ୟ ସମସ୍ୟା ତଥା ବିକାଶର ଆନୁସଙ୍ଗିକ ପ୍ରସଙ୍ଗ କେବଳ ପରିସଂଖ୍ୟାନ ତଥ୍ୟ ଦ୍ୱାରା ମାପ କରାଯାଇପାରିବ । ଅଧିକନ୍ତୁ, ଗୋଟିଏ ବିକାଶଶୀଳ ଦେଶର ନୀତି ଦ୍ୱା ାର କାର୍ଯ୍ୟାନ୍ୱୟନ ପାଇଁ ଉଚିତ୍ ସମୟରେ ଉପଲବ୍ଧ ତଥ୍ୟ ସହାୟକ ହୋଇପାରେ । କୌଣସି ଦେଶର ଜନସଂଖ୍ୟାରେ ତଥ୍ୟର ଉପଲବ୍ଧତା ଏବଂ ଜନସଂଖ୍ୟାର ପ୍ରକାର ବିଷୟରେ ମଧ୍ୟ ବିଭିନ୍ନ ଅଞ୍ଚଳ ଦେଶର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତଥ୍ୟ ମାଧ୍ୟମରେ ଉପଲବ୍ଧ ସୂଚନାକୁ ଦେଶର ବଜେଟ୍ ପାଇଁ ବ୍ୟବହାର କରା ଯାଇଥାଏ। କେଉଁ କ୍ଷେତ୍ରର ବିକାଶକୁ ଅଧିକ ଧ୍ୟାନ ଦେବାକୁ ହେବ ଏହା ଧାରଣା ପ୍ରଦାନ କରିଥାଏ । ଏହା ମଧ୍ୟ ଏକ ବିଶେଷ କ୍ଷେତ୍ରରେ ସମ୍ବଳର ଅଭାବ ବିଷୟରେ ସୂଚନା ଦେଇଥାଏ ଏବଂ ଏଥିପାଇଁ ବଜେଟ୍ ଆବଣ୍ଟନ କରିବାରେ ମଧ୍ୟ ସହାୟତା କରିପାରେ । ଏହା ବିଭିନ୍ନ ଭେରିଏବଲ୍ ଉପରେ ତଥ୍ୟ ପ୍ରଦାନ କରିପାରିବ ଯାହା ଗୋଟିଏ ରାଜ୍ୟରେ ରହିଥିବା ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ତେଣୁ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ ପାଇଁ ଶାସକଦଳ ସଦସ୍ୟମାନଙ୍କୁ ଅଧିକ ଧ୍ୟାନ ଦେବା ଉଚିତ୍ । ପରିସଂଖ୍ୟାନରୁ ପ୍ରାପ୍ତ ତଥ୍ୟ ଭୂମିହୀନଙ୍କ ପାଇଁ ଜମି ଆବଣ୍ଟନ, ଗୃହହୀନଙ୍କ ପାଇଁ ଗୃହ ଆବଣ୍ଟନ, ମୌଳିକ ଆବଶ୍ୟକତାରୁ ବଞ୍ଚିତ ସ୍ଥାନଗୁଡିକୁ ବିଦ୍ୟୁତ୍ ସୁବିଧା ଯୋଗାଇବା ପାଇଁ ବ୍ୟବହୃତ ହୁଏ ଏବଂ ଏହା ଗ୍ରାମାଞ୍ଚଳର କ୍ଷୁଦ୍ର କୁଟୀରଶିଳ୍ପ ପ୍ରତିଷ୍ଠା କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରେ । ଏହା ସେମାନଙ୍କୁ ଆତ୍ମନିର୍ଭର କରାଇଥାଏ। ଏହା ବିକାଶର ଅନ୍ୟ କ୍ଷେତ୍ରଗୁଡିକ ପାଇଁ ବଜେଟ୍ ଆବଣ୍ଟିତ କରିବାରେ ସହାୟକ ହୋଇଥାଏ ଏବଂ କ୍ଷୁଦ୍ର ଅଞ୍ଚଳର ବିକାଶର କୌଣସି ଯୋଜନାକୁ କ୍ଷୁଦ୍ର ମାପକରେ ପରୀକ୍ଷା କରିବାରେ ସହାୟକ ହୁଏ, ଯାହା ସଫଳତାର ଅନୁପାତରେ ବହୁତ ବଡ ଏବଂ ଏହାକୁ ଏକ ବୃହତ୍ ସ୍ତରରେ କାର୍ଯ୍ୟକାରୀ କରା ଯାଇପାରେ ।

ମୁଖ୍ୟତଃ କେନ୍ଦ୍ର ବଜେଟ୍‌ର ପ୍ରସ୍ତୁତି ମଧ୍ୟ ବିକାଶର ବିଭିନ୍ନ ଦିଗକୁ ନେଇ ପ୍ରସ୍ତୁତ ଦେଶର ପରିସଂଖ୍ୟାନ ତଥ୍ୟ ଉପରେ ନିର୍ଭର କରେ । ବିଭିନ୍ନ ବିଭାଗ ପାଇଁ ବଜେଟ୍ ଆକଳନ କରିବାରେ ଏବଂ ପ୍ରତ୍ୟେକ ବିଭାଗ ପାଇଁ ରାଜସ୍ୱ ବିଶ୍ଳେଷଣ କରିବାରେ ସାହାଯ୍ୟ କରିଥାଏ । ଏକ ଉତ୍ତମ ପରିସଂଖ୍ୟାନ ମୌଳିକ ସେବା ପ୍ରଦାନ କରିବାରେ ସାହାଯ୍ୟ କରେ ଏବଂ ନୀତି ନିର୍ଦ୍ଧାରଣର ନିର୍ଣ୍ଣୟରେ ଯୋଜନା ଏବଂ ବଜେଟ୍‌କୁ ଅଧିକ ପାରଦର୍ଶୀ ଏବଂ ଉତ୍ତରଦାୟୀ କରିଥାଏ । ଗୋଟିଏ ସ୍ୱଚ୍ଛ ଅର୍ଥବ୍ୟବସ୍ଥା ଉତ୍ତମ ଶାସନରେ ସାହାଯ୍ୟ କରିବ ଯାହା ଲୋକମାନଙ୍କୁ ନିଜ ସରକାରଙ୍କ ଶକ୍ତି ବିଚାର କରିବାରେ ସକ୍ଷମ କରିପାରିବ । ଏହା ମଧ୍ୟ ସେମାନଙ୍କୁ ସରକାରଙ୍କୁ ପ୍ରଶ୍ନ କରିବାରେ ସାହାଯ୍ୟ କରିପାରିବ, ଯଦି ସେମାନଙ୍କ ନୀତି ପ୍ରଦାନ କରା ଯାଇଥିବା ପରିସଂଖ୍ୟାନ ତଥ୍ୟର ବିପରୀତ ଅଟେ । ଆସନ୍ତୁ ପେନ୍‌ସନ୍ ସ୍କିମ୍ ପାଇଁ ଆବଣ୍ଟିତ ବଜେଟ୍‌ର ଗୋଟିଏ ଉଦାହରଣ ନେବା । ଯେତେବେଳେ ସରକାର ଗୋଟିଏ ପେନ୍‌ସନ ସ୍କିମ୍ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ଏହା ଦେଖାଯାଇପାରେ ଯେ, ଏହି ଯୋଜନା ଅଧୀନରେ କେତେ ଜଣ ସଦସ୍ୟ ଉପକୃତ ହେଉଛନ୍ତି ଏବଂ ସ୍କିମ୍‌ର ଉଚିତ୍ ବ୍ୟବହାର ଏବଂ କାର୍ଯ୍ୟକାରିତା ପାଇଁ କେତେ ମୂଲ୍ୟ ଆବଶ୍ୟକ । ଏହା ସରକାରଙ୍କ ନିକଟରେ

ଉପଲବ୍ଧ ଜନସଂଖ୍ୟାର ପରିସଂଖ୍ୟାନ ତଥ୍ୟକୁ ନେଇ କରା ଯାଇଥାଏ । ଏଥିପାଇଁ ତଥ୍ୟ ଏବଂ ପରିସଂଖ୍ୟାନ ଗୋଟିଏ ଦେଶର ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ବିକାଶମୂଳକ ରାଶିର ଉପଯୋଗ ଏବଂ ପାଣ୍ଠିର ଉପଯୋଗ ପାଇଁ ବିକାଶର ଫଳାଫଳ ଉପରେ ନଜର ରଖିଥାଏ । ଯଦ୍ୱାରା ବିକାଶ ଘଟିଛି କି ନାହିଁ ତାହା ଜାଣିବାକୁ/ ଖୋଜିବାକୁ ଆମକୁ ସକ୍ଷମ କରିଥାଏ ।

ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିକାଶମୂଳକ ଯୋଜନାଗୁଡ଼ିକୁ ତଦାରଖ କରିବା ବାଧ୍ୟତାମୂଳକ । କାରଣ ଏହି ଯୋଜନାଗୁଡ଼ିକ କାର୍ଯ୍ୟ କରୁଛି କି ନାହିଁ ବୁଝିବାରେ ଆମକୁ ଏଥିରୁ ସାହାଯ୍ୟ ମିଳିଥାଏ । ଏହା ତଥ୍ୟକୁ ମାପିବାର ଏକ ନିର୍ଭରଯୋଗ୍ୟ ଏବଂ ସୁବିଧାଜନକ ଉପକରଣ । ଏହା ଭବିଷ୍ୟତ ଯୋଜନା ଗୁଡ଼ିକର ବିକାଶରେ ସହାୟତା କରିଥାଏ । ଏହି କାରଣରୁ ଗବେଷଣାକାରୀ ଏବଂ ବିଶେଷଜ୍ଞମାନେ କ୍ରମାଗତ ଭାବରେ ବିକାଶମୂଳକ ଯୋଜନାର ତଥ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି । ବିଭିନ୍ନ ଗ୍ରାମାଞ୍ଚଳରେ ଏବଂ ଅଣ-କୃଷି କ୍ଷେତ୍ରରେ ବିକାଶର ପରିବର୍ତ୍ତନଶୀଳତାକୁ ପରୀକ୍ଷା କରିବା ପାଇଁ ଏହା ଦକ୍ଷତାର ସୂଚକ ଭାବରେ କାର୍ଯ୍ୟ କରିଥାଏ । ଏହା ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନୀତିଗୁଡ଼ିକ ଉପରେ ପ୍ରଭାବ ପକାଇଥାଏ, ଯାହା ଲୋକମାନଙ୍କ ଜୀବନର ଗୁଣବତ୍ତାକୁ ସୁନିଶ୍ଚିତ କରିବ । କେତେକ ବିକାଶଶୀଳ ଦେଶ, ଯେଉଁମାନଙ୍କର ରାଜ୍ୟ ଗୁଡ଼ିକ, ଅର୍ଦ୍ଧାଧିକ ଗ୍ରାମୀଣ ଜନସଂଖ୍ୟାକୁ ନେଇ ଗଠିତ, ସେମାନେ ରାଷ୍ଟ୍ରୀୟ ନୀତିଗତ ଢାଞ୍ଚାକୁ ତିଆରି କରିବାର ପ୍ରୟାସ କରିଥାନ୍ତି, ଯାହା ସେମାନଙ୍କ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରେ । ସେମାନେ ଦାରିଦ୍ର୍ୟତା ହ୍ରାସ କରିବା ଏବଂ ନିଜ ଯୋଜନାରେ ରଣନୀତିପୂର୍ଣ୍ଣ ପଦକ୍ଷେପ ଆଣିବାକୁ ଚେଷ୍ଟା କରିଥାନ୍ତି। ଏହି ନୀତିଗତ ରୂପରେଖଗୁଡ଼ିକୁ ଆଲାକପାତ କରିବାରେ ପରିସଂଖ୍ୟାନମୂଳକ ତଥ୍ୟର ବହୁତ ଆବଶ୍ୟକତା ରହିଛି, ଯାହା କୌଣସି ଦେଶର ବିକାଶ ରୂପେ କୌଣସି କ୍ଷେତ୍ର ବା ଗ୍ରାମାଞ୍ଚଳର ଦାରିଦ୍ର୍ୟତାକୁ ହ୍ରାସ କରିବାରେ ସାହାଯ୍ୟ କରେ । ଏହା ଚିହ୍ନଟ କରିବାରେ ସାହାଯ୍ୟ କରେ ଯେ, ଗରିବ ଲୋକ କେଉଁଠାରେ ଅଛନ୍ତି ଏବଂ ସେମାନେ କାହିଁକି ଗରିବ । ଅଧିକନ୍ତୁ ଏହା ସେମାନଙ୍କ ନିତିଦିନିଆ କାର୍ଯ୍ୟକଳାପକୁ ମଧ୍ୟ ବୁଝାଇପାରେ । ଉତ୍ସଗୁଡ଼ିକ କେଉଁଠି ଅଧିକ ଉପଲବ୍ଧ ଏବଂ ଉତ୍ସଗୁଡ଼ିକର ପ୍ରକାର ବିଷୟରେ ତଥ୍ୟ ସୂଚନା ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଚୁର ପ୍ରାକୃତିକ ସମ୍ବଳ ଥାଇପାରେ । ଏହି ପରିସ୍ଥିତିରେ ପରିସଂଖ୍ୟାନ ତଥ୍ୟ ଉପଲବ୍ଧ ଉତ୍ସଗୁଡ଼ିକୁ ପରୀକ୍ଷା କରିବାରେ ସାହାଯ୍ୟ କରିଥାଏ ଏବଂ ପରସ୍ପରକୁ ଫଳପ୍ରଦ ଢଙ୍ଗରେ ବ୍ୟବହାର କରିବାର ଯୋଜନା ମଧ୍ୟ ପ୍ରସ୍ତୁତ କରିପାରେ । ସଂକ୍ଷେପରେ କହିବାକୁ ଗଲେ, ଏହା ନୀତି ଗୁଡ଼ିକ ଦ୍ୱାରା ଉଦ୍ଦିଷ୍ଟ ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସାହାଯ୍ୟ କରିଥାଏ ।

ଆସନ୍ତୁ ଶ୍ରୀଲଙ୍କାକୁ ନେଇ କେସ୍ ଷ୍ଟଡି ଉପରେ ଅଧ୍ୟୟନ କରିବା । ୨୦୦୫ ମସିହାରେ ଶ୍ରୀଲଙ୍କା ସରକାର ଜନଗଣନା ଏବଂ ପରିସଂଖ୍ୟାନ ବିଭାଗ ସହିତ ଏକୀକୃତ ହୋଇ ବିଭାଗୀୟ ସଚିବାଳୟ ସ୍ତରରେ ଦାରିଦ୍ର୍ୟ ପ୍ରସଙ୍ଗରେ ଅଧ୍ୟୟନ ପାଇଁ ଗୋଟିଏ ସର୍ବେକ୍ଷଣ କରିଥିଲେ । ଜନଗଣନା ଏବଂ ପରିସଂଖ୍ୟାନ ବିଭାଗ ୨୦୦୧ ମସିହାରେ କରା ଯାଇଥିବା ଜନଗଣନାର ସର୍ଭେ ଏବଂ ୨୦୦୨ ମସିହାରେ କରାଯାଇଥିବା ଘରୋଇ ସର୍ଭେ ଏବଂ ଆୟବ୍ୟୟର ସର୍ଭେରୁ ପ୍ରାପ୍ତ ତଥ୍ୟର ଉପଯୋଗ କରିଥିଲା । ଫଳାଫଳଗୁଡ଼ିକ ଦର୍ଶାଇଲା ଯେ, ଦାରିଦ୍ର୍ୟତା ଅସମାନ ଭାବେ ବର୍ଣ୍ଟନ ହୋଇଥିଲା। କିଛି କ୍ଷେତ୍ରରେ ଅତିରିକ୍ତ ଧନ ରହିଥିଲା

ତ ଆଉ କିଛି ଅଞ୍ଚଳ ଦାରିଦ୍ର୍ୟତା ବ୍ୟାପକ ଭାବେ ରହିଥିଲା । ଏହାମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା ଯେ, ଦେଶର ରାଜଧାନୀ କଲମ୍ବୋ ଏବଂ ଦେଶର ସବୁଠାରୁ କମ୍ ଦାରିଦ୍ର୍ୟପ୍ରବଣ ଜିଲ୍ଲା ମଧ୍ୟରେ ପାର୍ଥକ୍ୟ କେବଳ ୬ ପ୍ରତିଶତ ରହିଥିଲା । ପରିଣାମରୁ ଏହା ମଧ୍ୟ ଜଣାପଡିଲା ଯେ, ଅଧିକାଂଶ ପ୍ରମୁଖ ଜିଲ୍ଲାରେ ଗରିବମାନେ ରହୁଛନ୍ତି । ଏହି ତଥ୍ୟକୁ ବ୍ୟବହାର କରି ଶ୍ରୀଲଙ୍କାରେ ଦାରିଦ୍ର୍ୟର ମାନଚିତ୍ରକୁ ପ୍ରସ୍ତୁତ କରାଯାଇଥିଲା ଏବଂ ସେହି ସମସ୍ୟାକୁ ଦୂରୀଭୂତ କରିବା ପାଇଁ ରଣନୀତିପୂର୍ଣ୍ଣ ନିୟମ ପ୍ରସ୍ତୁତ କରାଗଲା । ମାନଚିତ୍ରରେ ଜନଗଣନା ଏବଂ ପରିସଂଖ୍ୟାନ ବିଭାଗର ସଫଳତା ପ୍ରଦର୍ଶନ କରାଗଲା କାରଣ ଏଗୁଡିକ ନୂତନ ଭାବରେ ଅଙ୍କାଯାଇଥିବା ଦାରିଦ୍ର୍ୟ ମାନଚିତ୍ର ସହିତ ଥିଲେ । ଏହି ମଡେଲ୍‌କୁ ପରେ କିଛି ଅନ୍ୟ ବିକାଶଶୀଳ ଦେଶମାନେ ଅନୁସରଣ କରି ମଧ୍ୟ ଜନଗଣନା ପରିସଂଖ୍ୟାନ ବିଭାଗ ଏବଂ ଘରର ଆୟ ଏବଂ ବ୍ୟୟ ସର୍ଭେ ତଥ୍ୟର ବ୍ୟବହାର କରିଲେ, ଏହା ଜାଣିବାକୁ ଯେ ପୂର୍ବରୁ ଚିହ୍ନିତ ଦାରିଦ୍ର୍ୟ ଅଞ୍ଚଳ ଏବେ ବି ରହିଛି ଏବଂ ଦାରିଦ୍ର୍ୟର ନୂତନ କ୍ଷେତ୍ର ସମ୍ମୁଖକୁ ଆସିଛି କି ନାହିଁ। ଏଥିରେ ସରକାରଙ୍କୁ ଏହା ମଧ୍ୟ ବୁଝିବାରେ ସହାୟକ ହେଲା ଯେ, ସେମାନଙ୍କ ନୀତିର ପ୍ରଭାବ ପ୍ରକୃତରେ କାମ କରୁଛି କି ନାହିଁ ଏବଂ ଏହା ମଧ୍ୟ ଆକଳନ କରା ଯାଇପାରିଲା ଯେ, କେତେ ହାରରେ ସେମାନେ ସଫଳ ହୋଇଛନ୍ତି ।

**୪.୩.୩: ପରିସଂଖ୍ୟାନ ଏବଂ ବିଶ୍ୱସ୍ତରୀୟ ତଦାରଖ**

ଅର୍ଥନୈତିକ ବିକାଶ ନାଗରିକଙ୍କ ଆର୍ଥିକ କଲ୍ୟାଣ ସହିତ ସିଧାସଳଖ ଭାବେ ଜଡିତ, କାରଣ ଏହାକୁ କୌଣସି ଦେଶର ଅର୍ଥନୈତିକ ବିକାଶର ଅନୁପାତ ଭାବରେ ମାପ କରାଯାଏ । ବିକାଶର ସଙ୍କେତ ରହିଛି ଯେଉଁଥିରେ ବିକାଶକୁ ମାପିବା ପାଇଁ ପରିସଂଖ୍ୟାନବିଦ୍ ମାନେ ଦାରିଦ୍ର୍ୟତାରେ ହ୍ରାସ, ଦେଶର ଅର୍ଥନୈତିକ ବିକାଶ, ସ୍ୱାକ୍ଷରତା ହାରରେ ବୃଦ୍ଧି, ଆୟୁ ବୃଦ୍ଧି, ଶିଶୁ ରୋଗରେ ହ୍ରାସ, ଲୋକଙ୍କ ଜୀବନଧାରଣମାନରେ ବୃଦ୍ଧି ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଛନ୍ତି । କୌଣସି ଦେଶର ଅର୍ଥନୈତିକ ବିକାଶ ଗୋଟିଏ ସ୍ୱୟଂଶାସିତ ସଂସ୍ଥା ନୁହେଁ । ସମଗ୍ର ରାଷ୍ଟ୍ରର ସମର୍ଥନରେ ହିଁ ବିକାଶ ହୋଇପାରିବ । ଏଥିପାଇଁ ଅର୍ଥନୀତିଜ୍ଞ, ରାଜନେତା ଏବଂ ବେସରକାରୀ ସଂଗଠନ ଗୁଡିକର ଯୋଗଦାନର ଆବଶ୍ୟକତା ରହିଛି । କୌଣସି ପ୍ରଦତ୍ତ କ୍ଷେତ୍ର କିମ୍ବା ରାଷ୍ଟ୍ରର ଅର୍ଥନୈତିକ ଉନ୍ନତିକୁ ମାପିବା ପାଇଁ ବ୍ୟବହୃତ ହେଉଥିବା ବିକାଶର ବିଭିନ୍ନ ପ୍ରକାର ବ୍ୟାପକ ଅର୍ଥନୈତିକ ଏବଂ ସାମାଜିକ ସାଂସ୍କୃତିକ ସଂକେତ ମଧ୍ୟ ରହିଛି ।

ବିଶ୍ୱ ବିକାଶ ସୂଚକାଙ୍କ ବିଶ୍ୱସ୍ତରୀୟ ଆକଳନ ଗୁଡିକର ଆନ୍ତର୍ଜାତୀୟ ଉତ୍ସରୁ ଚିହ୍ନଟ ହୋଇଛି, ଯେଉଁଥିରେ ଜାତୀୟ, ଆଞ୍ଚଳିକ, ବିଶ୍ୱସ୍ତରୀୟ ସଂକେତଗୁଡିକ ଅନ୍ତର୍ଭୁକ୍ତ । ଏହା ଅନ୍ତରାଷ୍ଟ୍ରୀୟ ସ୍ତରରେ ବିକାଶ ନିମନ୍ତେ ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରତିବର୍ଷ କରା ଯାଇଥାଏ । ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସ (ଏମ୍‌ଡିଜି) ସୂଚକ ମାନଙ୍କର ଗୋଟିଏ ତାଲିକା ପ୍ରସ୍ତୁତ କରିଛି, ଯାହା ବିକାଶ ପାଇଁ ପଦକ୍ଷେପ ଭାବରେ କାର୍ଯ୍ୟ କରେ । ସୂଚକଗୁଡିକ ରାଜ୍ୟ କିମ୍ବା ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବାକୁ ପଡିବ ଯଦ୍ୱାରା ସେମାନେ ବିକାଶରେ ସହଯୋଗ କରିପାରିବେ । ଏହି ସୂଚକଗୁଡିକ ସେମାନଙ୍କର ଶକ୍ତି ଏବଂ ଦୁର୍ବଳତା ଜାଣିବା ପାଇଁ ପରିସଂଖ୍ୟାନ ବିଭାଗ ଦ୍ୱାରା ପ୍ରଦତ୍ତ ସଂଖ୍ୟା ଉପରେ ନିର୍ଭର କରିଥାଏ । ତେଣୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସହମତ ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସ ଦିଗରେ ରାଷ୍ଟ୍ରର ପ୍ରଗତିକୁ ତଦାରଖ କରିବା ପାଇଁ ପରିସଂଖ୍ୟାନ କାର୍ଯ୍ୟରତ ।

ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସ ଉତ୍ତମ ଶାସନ ପାଇଁ ଆବଶ୍ୟକ ହେଉଥିବା କ୍ଷମତା ରାଜନୀତିକୁ ସୃଷ୍ଟି କରିଥାଏ। ଉଭୟ ସରକାରୀ ଏବଂ ବେସରକାରୀ ସଂଗଠନଗୁଡିକୁ ଧ୍ୟାନ କେନ୍ଦ୍ରିତ କରିବା ଏହାର ଲକ୍ଷ୍ୟ । କିନ୍ତୁ ଯେପରିକି ପୂର୍ବରୁ ଆଲୋଚନା କରାଯାଇଛି ବର୍ତ୍ତମାନର ପରିସ୍ଥିତିକୁ ମାପିବା ପାଇଁ ତଥ୍ୟ ଏବଂ କୌଣସି ନୀତିର ସଫଳତା କିମ୍ବା ବିଫଳତାକୁ ମାପିବା ପାଇଁ ପ୍ରଥମ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ । ଏହା ରାଷ୍ଟ୍ରୀୟ ଏବଂ ଅର୍ନ୍ତରାଷ୍ଟ୍ରୀୟ ଲକ୍ଷ୍ୟଗୁଡିକୁ ମାପିବା ପାଇଁ ଆବଶ୍ୟକୀୟ ତଥ୍ୟ ଦ୍ୱାରା ସୂଚନା ପ୍ରଦାନ କରିଥାଏ ।

ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସଗୁଡିକ ଏକ ବଡ ସଫଳତା ଥିଲା, କାରଣ ସେସବୁ ପରିସଂଖ୍ୟାନ ବିଭାଗରେ ନିର୍ଭରଯୋଗ୍ୟ ତଥ୍ୟର ବ୍ୟବହାର କରିଥିଲେ ଏବଂ ଆବଶ୍ୟକୀୟ ପରିବର୍ତ୍ତନ କରିଥିଲେ । ଯଥାଶୀଘ୍ର ଅନ୍ୟ ଦେଶଗୁଡିକ ମଧ୍ୟ ପରିସଂଖ୍ୟାନର ବ୍ୟବହାର କରି ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସଗୁଡିକୁ ପାଳନ କରିବା ଆରମ୍ଭ କରିଦେଲେ, ଯାହା ପ୍ରାମାଣିକ ଭାବେ ଆଧାରିତ । ଦେଶଗୁଡିକ ଜନଗଣନା ଏବଂ ପରିସଂଖ୍ୟାନ ବିଭାଗ ସହିତ ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସକୁ ଏକୀକରଣ କଲେ ଏବଂ ଦେଶର ପ୍ରାଥମିକତାକୁ ଦେଖିଲେ। ବେସରକାରୀ ସଂଗଠନଗୁଡିକ ମଧ୍ୟ ଏହି ତଥ୍ୟର ବ୍ୟବହାର ସମାଜର ଆବଶ୍ୟକତା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କଲେ ଏବଂ ବିକାଶ ପାଇଁ କାର୍ଯ୍ୟ କଲେ । ଏହି ତଥ୍ୟ ସହିତ ପ୍ରତ୍ୟେକ ଦେଶ ନିମନ୍ତେ ସାମୁହିକ ଭାବରେ ଯୋଜନା ପ୍ରସ୍ତୁତ କରିବା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସମ୍ଭବ ଥିଲା । ଏହିପରି ଯୋଜନାଗୁଡିକ ସାମୁହିକ ଯୋଜନା ପରିବର୍ତ୍ତେ ବ୍ୟାପକ ଭାବରେ ଦେଶ ଏବଂ ବିଶ୍ୱର ଉତ୍ତମ ରୂପେ ବିକାଶ କରିବାରେ ସହାୟକ ହେଲା । ଫଳସ୍ୱରୂପ ଅଧିକ ନିବେଶ ସହିତ ବିକାଶରେ ଉନ୍ନତି ଘଟିଲା। ସଂଗୃହୀତ ତଥ୍ୟ ସରକାରଙ୍କୁ ଲୋକମାନଙ୍କର ଆବଶ୍ୟକତା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଏବଂ ବିକାଶ ପ୍ରକ୍ରିୟାରେ ସେମାନଙ୍କ ତଫାତ୍‌କୁ ଚିହ୍ନଟ କରିବା ଓ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ କଲା । ଏହିପରି ଭାବରେ ବିକାଶମୂଳକ ଯୋଜନାଗୁଡିକ ମଧ୍ୟ ସୁଲଭ ଥିଲା ଏବଂ ଫଳପ୍ରଦ ପରିଣାମ ମଧ୍ୟ ଥିଲା ।

ପରିସଂଖ୍ୟାନ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଭରଯୋଗ୍ୟ ତଥ୍ୟ ଦେଶକୁ ନିଜ ପ୍ରଗତିକୁ ତଉଲିବାକୁ ଏବଂ ନିଜକୁ ଦେଖିବାକୁ ଅନୁମତି ଦେଇଛି ଯେ ସେ କ'ଣ ନିଜର ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସକୁ ପ୍ରାପ୍ତ କରିଛି । ମିଲେନିୟମ୍ ଡେଭଲପମେଣ୍ଟ ଗୋଲ୍ସର ସଫଳତା ପରେ ସମଗ୍ର ବିଶ୍ୱରେ ସରକାରମାନେ ବିକାଶ ଲକ୍ଷ୍ୟରେ କ୍ରମାଗତ ଭାବେ ଗୋଟିଏ ନୂତନ ସେଟ୍/ ସାରଣୀ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛନ୍ତି । ସ୍ଥାୟୀ ବିକାଶ ଲକ୍ଷ୍ୟରେ ଅତ୍ୟଧିକ ଦାରିଦ୍ର୍ୟ ବିରୋଧରେ କ୍ରମାଗତ ଲଢ଼େଇ ଜାରି ରଖିବା ଏବଂ ସମଜାତୀୟ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବେ । ଏହା ପାରିପାର୍ଶ୍ୱିକ ସ୍ଥିରତା ଏବଂ ପର୍ଯ୍ୟାବରଣର କ୍ରମାଗତ ବିକାଶ ଉପରେ ମଧ୍ୟ ଯତ୍ନବାନ ହେବ। ଉତ୍ତମ ଶାସନ ଏହି ନୀତିକୁ ଲାଗୁ କରିବାରେ ଅଧିକ ସଫଳତାକୁ ଜୋଡିବ। ଏହା ଧ୍ୟାନ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଯେତେବେଳେ ଆମେ ବିକାଶ ପ୍ରସଙ୍ଗରେ କହିଥାଉ, ସେତେବେଳେ କୌଣସି କ୍ଷେତ୍ରକୁ ମଧ୍ୟ ଏଥିରୁ ବାଦ୍ ଦେବା ଅନୁଚିତ୍ । ପରିସଂଖ୍ୟାନମୂଳକ ତଥ୍ୟ କାର୍ଯ୍ୟକୁ ଫଳପ୍ରଦ ଢଙ୍ଗରେ କରିଥାଏ ।

ଯେପରିକି ସମଗ୍ର ଦୁନିଆ କ୍ରମାଗତ ବିକାଶମୂଳକ ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଅଗ୍ରସର ହେଉଛି, ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ରହିଛି ଏବଂ ଲୋକମାନଙ୍କ ମଧ୍ୟରେ ବିପ୍ଳବ ସୃଷ୍ଟି କରିବାକୁ ହେବ, ଯଦ୍ୱାରା ପ୍ରଗତିକୁ କ୍ରମାଗତ ଭାବରେ ତଦାରଖ କରା ଯାଇପାରିବ । କେବଳ ଏହି ଜରିଆରେ ହିଁ କ୍ରମାଗତ ବିକାଶ ସମ୍ଭବ, କାରଣ ସେମାନେ ସେହି ସରକାରୀ ପ୍ରକଳ୍ପ ଉପରେ କ୍ରମାଗତ ନଜର ରଖିଥାନ୍ତି, ଯେଉଁ ଗୁଡ଼ିକର ଲକ୍ଷ୍ୟ ବିକାଶ ଅଟେ । ଅଧିକ ବିବିଧ, ଏକୀକୃତ, ସମୟାନୁବର୍ତ୍ତୀ ଏବଂ ନିର୍ଭରଯୋଗ୍ୟ ତଥ୍ୟ ଉତ୍ତମ ନିଷ୍ପତ୍ତି ଗ୍ରହଣ କରିବା ଏବଂ ପ୍ରକୃତ ସମୟରେ ନାଗରିକଙ୍କ ପ୍ରତିକ୍ରିୟାକୁ ଗ୍ରହଣ କରିବା । ଏହା ପ୍ରତି ବଦଳରେ ବ୍ୟକ୍ତିବିଶେଷ, ସାର୍ବଜନୀନ ଏବଂ ବେସରକାରୀ ଅନୁଷ୍ଠାନ ଏବଂ କମ୍ପାନୀ ଗୁଡ଼ିକ ପାଇଁ ଯାହା ଉତ୍ତମ ହୋଇଥିବ ଏବଂ ଯେଉଁ ବିଶ୍ୱରେ ସେମାନେ ରହୁଛନ୍ତି ତାହା ପାଇଁ ଭଲ ହୋଇଥିବ ତାହା ପସନ୍ଦ କରିବା ପାଇଁ ସକ୍ଷମ କରାଇଥାଏ। ନିର୍ଭରଯୋଗ୍ୟ ତଥ୍ୟରେ ବୃଦ୍ଧି କାରଣରୁ, ପରିସଂଖ୍ୟାନ କ୍ଷେତ୍ରରେ ଏକ ଅଭିନବ ପ୍ରଗତି ହୋଇପାରିଛି ଯେ ଏଥିରେ କୌଣସି ତ୍ରୁଟି ନ ଥାଇ ତଥ୍ୟ ସମ୍ପୃକ୍ତ ବିଭାଗ ନିକଟରେ ପହଞ୍ଚିପାରୁଛି । ଏହା ବର୍ଷସାରା କ୍ରମାଗତ ବିକାଶକୁ ସୁନିଶ୍ଚିତ କରିଥାଏ । ନୀତିଗୁଡ଼ିକ ମାଧ୍ୟମରେ ବିକାଶକୁ ମାପିବାରେ ସଠିକ୍ ଉପକରଣ, ସଠିକ୍ ନିବେଶକୁ ମାପିବା ପାଇଁ ଯାହା ସମଗ୍ର ବିଶ୍ୱରେ କ୍ରମାଗତ ବିକାଶରେ ଉଚ୍ଚସମ୍ପନ୍ନ ତଥ୍ୟକୁ ବ୍ୟବହାର କରି ନାଗରିକଙ୍କ ଜୀବିକାକୁ ବୃଦ୍ଧି କରାଇବା ସମ୍ଭବପର ହୋଇଥାଏ।

ବିଶେଷଜ୍ଞ ଉପଦେଷ୍ଟାଙ୍କ ଗୋଷ୍ଠୀ ନୂତନ ତଥ୍ୟ ସଂଗ୍ରହ ଉପକରଣ ଏବଂ କ୍ରମାଗତ ବିକାଶ ନିମନ୍ତେ ତଦାରଖ ପ୍ରଯୁକ୍ତି ବିଦ୍ୟାର ସହଜ ଉପଲବ୍ଧତା ଉପରେ ଆଲୋକପାତ କରିଥାନ୍ତି । ପରିସଂଖ୍ୟାନ କ୍ଷେତ୍ରରେ ଏହି ଆଧୁନିକ ପ୍ରଯୁକ୍ତିବିଦ୍ୟା ନିଶ୍ଚିତ ଭାବରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ମୂଲ୍ୟାଙ୍କନ କରିବାକୁ ସମର୍ଥ ହେବ । ଅତିରିକ୍ତ ଭାବରେ ସେମାନେ ସେମାନଙ୍କର ଡିଜାଇନ୍/ ପରିକଳ୍ପନାର ଉଦ୍ଦେଶ୍ୟ ଏବଂ ସେଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯିବ, ସେ ସମ୍ପର୍କରେ ଲକ୍ଷ୍ୟଭୁକ୍ତ ବ୍ୟବହାରକାରୀଙ୍କୁ ଏହି ସୂଚନା ପ୍ରଦାନ କରିପାରିବେ । ପ୍ରାରମ୍ଭରୁ ଯେତେବେଳେ ପ୍ରଯୁକ୍ତିବିଦ୍ୟାର ସିମୀତ ଉପଯୋଗ ହେଉଥିଲା, ତଥ୍ୟ ସଂଗ୍ରହ କରିବା ଗୋଟିଏ କଠିନ ଏବଂ କ୍ଲାନ୍ତିଜନକ ପ୍ରକ୍ରିୟା ଭଳି ପ୍ରତୀୟମାନ ହେଉଥିଲା। କିନ୍ତୁ ବର୍ତ୍ତମାନର ବହୁତ ତଥ୍ୟ ସଂଗ୍ରହ କରି ପାରୁଥିବା କୌଶଳ ଏବଂ ବିଜ୍ଞାନ କ୍ଷେତ୍ରରେ ଉନ୍ନତି ଯୋଗୁଁ, ବହୁଳ ମାତ୍ରାରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା ମଧ୍ୟ ସମ୍ଭବ ହୋଇପାରିଲା । ଉପଗ୍ରହ ଚିତ୍ର, ମୋବାଇଲ୍ ଯନ୍ତ୍ରରୁ ତଥ୍ୟ, ବାୟୋମେଟ୍ରିକ୍ ତଥ୍ୟ ଇତ୍ୟାଦି ଅନେକ ତଥ୍ୟ ଦିଆଯାଇଛି ଯାହା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପରିକଳ୍ପନା କରାଯାଇଥାଏ । ଉଦାହରଣ ସ୍ୱରୂପ, ଉପଗ୍ରହରୁ ପ୍ରାପ୍ତ ଚିତ୍ରର ଉପଯୋଗ ସାର୍ବଭୌମିକ ଭାବରେ ବାୟୁର ଗୁଣବତ୍ତା, ଆମ ନିକଟରେ ଉପଲବ୍ଧ ଜଙ୍ଗଲର ଗୁଣବତ୍ତା, ଆମର ଜଳଶଯ୍ୟାର ଅବସ୍ଥାକୁ ବୁଝିବା ପାଇଁ ବ୍ୟବହୃତ ହୋଇପାରିବ । ତଦନୁସାରେ ଏହି ତଥ୍ୟ ଭବିଷ୍ୟତ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ । ମୋବାଇଲ୍ ପ୍ଲାଟଫର୍ମରେ ସଂଗୃହୀତ ତଥ୍ୟ, ତଥ୍ୟ ସଂଗ୍ରହର ମୂଲ୍ୟ ଏବଂ ସମୟକୁ ବହୁ ପରିମାଣରେ ହ୍ରାସ କରିଥାଏ । ଅଧିକନ୍ତୁ, ଏହା ମଧ୍ୟ ତଥ୍ୟର ସଠିକତାରେ ପ୍ରଗତି ଆଣିଥାଏ । ଏହି ସର୍ବେକ୍ଷଣ ପ୍ରକ୍ରିୟା ଅନେକ ବିକାଶର କାରଣ ହୋଇଛି । ଟେକ୍ନୋଲୋଜିର ଅଗ୍ରଗତିକୁ ଦେଖିବା କୌତୁହଳପ୍ରଦ ଅଟେ, ଯାହା ଗୋଟିଏ ଦେଶର ନାଗରିକମାନଙ୍କୁ

ନିଜେ ତଥ୍ୟ ଯୋଗାଇବାରେ ସକ୍ଷମ କରିଥାଏ । ଉଦାହରଣସ୍ୱରୂପ ସେମାନଙ୍କୁ ସେହି ସେବାଗୁଡିକ ଯାହା ସେମାନଙ୍କୁ କୌଣସି ବିଶେଷ କ୍ଷେତ୍ର, ସରକାରୀ ଏବଂ ଘରୋଇ ସଂଗଠନ ଦ୍ୱାରା ଦିଆ ଯାଇଥାଏ । ଏହି ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ନିମନ୍ତେ ନୂତନ ଦୃଷ୍ଟିକୋଣକୁ ସକ୍ଷମ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି ଅଭିନବ ପ୍ରଣାଳୀ ସମୟ ସହିତ କ୍ରମାଗତ ବିକାଶ ଲକ୍ଷ୍ୟକୁ ତଦାରଖ କରିବାର ଖର୍ଚ୍ଚକୁ ହ୍ରାସ କରିବାରେ ସହାୟକ ହୋଇଥାଏ ।

### ୪.୩.୪: ମହତ୍ତ୍ୱପୂର୍ଣ୍ଣ ଏବଂ ନିର୍ଭରଯୋଗ୍ୟ ସଦ୍ୟତମ ଡାଟାବେସ୍‌କୁ ଗୁରୁତ୍ୱ

ବିକାଶର ଆକଳନ କରିବାରେ ତଥ୍ୟର ଗୁରୁତ୍ୱ ବର୍ତ୍ତମାନ ଭଲଭାବରେ ଜଣାପଡୁଛି । ଏଗୁଡିକ ହେଉଛି ନିର୍ଭରଯୋଗ୍ୟ ଏବଂ ନିଷ୍ପତ୍ତି ଗ୍ରହଣ କରିବାର ମୂଳଦୂଆ । ସଠିକ ଡାଟାବେସ୍ ବିନା, ସରକାରଙ୍କ ଫଳପ୍ରଦ ନୀତିଗୁଡିକୁ ତଦାରଖ ଏବଂ ମୂଲ୍ୟାଙ୍କନ କରିବା ଗୋଟିଏ କଠିନ କାର୍ଯ୍ୟ । ସେହି ସମୟରେ ଗୋଟିଏ ଖରାପ ଗୁଣାତ୍ମକ ତଥ୍ୟ ମଧ୍ୟ ବିଭ୍ରାନ୍ତକର ଫଳାଫଳ ପ୍ରଦାନ କରିପାରେ । ଏପରିକି ଏହା ଅର୍ଥ ଏବଂ ସମୟର ଅପଚୟ ମଧ୍ୟ କରିପାରେ । ତେଣୁ ସଂଗ୍ରହ କରା ଯାଇଥିବା ତଥ୍ୟ ଏବଂ ବିଶ୍ଳେଷଣର ମାନକ ପ୍ରଥାଗୁଡିକ ସଠିକ ଢଙ୍ଗରେ ସଂକଳନ କରାଯିବା ଆବଶ୍ୟକ । ସେଗୁଡିକ ନୀତି ନିର୍ମାତାଙ୍କ ସହିତ ନାଗରିକଙ୍କର ଆବଶ୍ୟକତାକୁ ପୂରଣ କରିବା ଉଚିତ୍ । ସଂଗୃହୀତ ତଥ୍ୟର ଗୁଣବତ୍ତାକୁ ସୁନିଶ୍ଚିତ କରିବାପାଇଁ ଗୁଣବ । ସହାୟତାକୁ ନିଶ୍ଚିତରୂପେ ଗୁଣାତ୍ମକ ସାହାଯ୍ୟର ଗୋଟିଏ ଢାଞ୍ଚା ଆବଶ୍ୟକ । ସାଧାରଣତଃ ସମର୍ଥିତ ମାନଦଣ୍ଡ ଏବଂ ଗୁଣାତ୍ମକ ମାନଦଣ୍ଡ ବ୍ୟବହାର କରି ତଥ୍ୟକୁ ଭିନ୍ନ ଶ୍ରେଣୀଭୁକ୍ତ କରାଯିବା ଉଚିତ୍ । ଆଜିକାଲି ନୂତନ ପ୍ରଯୁକ୍ତି ବିଦ୍ୟାର ଆଗମନ ସହିତ ଅନେକ ତଥ୍ୟ ସଂଗ୍ରହ କୌଶଳ ଉପଲବ୍ଧ ହେଉଛି । ପରିସଂଖ୍ୟାନ ପ୍ରଣାଳୀକୁ ଆଜି ଅଧିକ ସଶକ୍ତ ଏବଂ ପୁନର୍ଜୀବୀତ କରାଯାଇଛି, ଯଦ୍ୱାରା ତଥ୍ୟକୁ ଶୀଘ୍ର ସଂଗ୍ରହ କରା ଯାଇପାରିବ ଏବଂ ବିଶ୍ୱସ୍ତରୀୟ ଅନୁମୋଦିତ କୋର୍ଡ ଲାଗୁ କରି ଏହାକୁ ଉଭୟ ଗୁଣାତ୍ମକ ଏବଂ ପ୍ରାମାଣିକ ପ୍ରଣାଳୀରେ ପ୍ରସାରିତ କରା ଯାଇପାରିବ । ଏହା ପୁଣିଥରେ ନୀତିଗତ ନିୟୋଜନ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ସଙ୍କଟଗୁଡିକ ପ୍ରତି ଚେତାବନୀ ଏବଂ ପ୍ରଦାନ କରା ଯାଉଥିବା ସେବା ଗୁଡିକର ଗୁଣବତ୍ତାର ମୂଲ୍ୟାଙ୍କନ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା ହୋଇପାରିବ ।

ଉନ୍ନତ ତଥ୍ୟ ସଂଗ୍ରହ ମଧ୍ୟ ତଥ୍ୟକୁ ଏକାଠି କରିବାର ଖର୍ଚ୍ଚକୁ କମ୍ କରିପାରିବ । ଉଦାହରଣ ସ୍ୱରୂପ, ସର୍ବେକ୍ଷଣ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବା ପରିବର୍ତ୍ତେ ଉପଗ୍ରହ ଏବଂ ରିମୋଟ୍ ସେନ୍‌ସିଂ କ୍ଷମତା ମାଧ୍ୟମରେ ତଥ୍ୟକୁ ଏକାଠି କରିପାରିଲେ, ତାହା କୃଷି ପରିସଂଖ୍ୟାନ ଗୁଣବତ୍ତାରେ ସଂସ୍କାର ଆଣିପାରିବ । ଯେମିତି ସାମ୍ଭାବ୍ୟ ସଞ୍ଚୟ ଆରମ୍ଭ ହୁଏ ଏବଂ ପରିସଂଖ୍ୟାନର ଗୁଣବତ୍ତାରେ ସୁଧାର ଆସେ, ପରିସଂଖ୍ୟାନରେ ନିବେଶର ପ୍ରାଥମିକତା ଗୁଡିକରେ ପରିବର୍ତ୍ତନ ଆସିଥାଏ । ନୂତନ ପ୍ରଯୁକ୍ତି ବିଦ୍ୟା ଉପରେ ଆଧାରିତ ତଥ୍ୟ ସଂଗ୍ରହ ପଦ୍ଧତି ଏବଂ ବିଶ୍ଳେଷଣର ନୂତନ ପ୍ରଣାଳୀ ପାରମ୍ପରିକ ପ୍ରକ୍ରିୟାରେ ଖର୍ଚ୍ଚକୁ ପରିବର୍ତ୍ତନ କିମ୍ବା କମ୍ କରିପାରେ । ପରିସଂଖ୍ୟାନ କ୍ଷେତ୍ରରେ ଅନୁସନ୍ଧାନରୁ ସଂକେତ ମିଳେ ଯେ, ପ୍ରଯୁକ୍ତିବିଦ୍ୟାର ସମସ୍ତ ପ୍ରଗତି ସହିତ ତଥ୍ୟ ସଂଗ୍ରହ ପ୍ରଣାଳୀରେ ଆହୁରି ସଂସ୍କାର ଅଣାଯାଇ ପାରିବ ।

ଏହା ମଧ୍ଯ ଧ୍ୟାନରେ ରଖିବାକୁ ହେବ ଯେ, ପରିସଂଖ୍ୟାନର ତଥ୍ୟ ହେଉଛି ଜନସାଧାରଣଙ୍କ ସାମଗ୍ରୀ । ସେଗୁଡିକ ସମସ୍ତଙ୍କ ପାଇଁ ଉପଲବ୍ଧ । କିନ୍ତୁ ସେତେବେଳେ ଏହା ବୁଝିବାକୁ ହେବ ଯେ, ତଥ୍ୟ ସଂଗ୍ରହରେ ବହୁତ ଅର୍ଥ ବ୍ୟୟ ହୋଇଥାଏ, କିନ୍ତୁ ମୁକ୍ତ ପ୍ରବେଶ ବ୍ୟବସ୍ଥା ଦ୍ଵାରା ଏହାକୁ ଖୁବ୍‌ଶୀଘ୍ର ପ୍ରସାରିତ କରା ଯାଇପାରିବ । ଫଳପ୍ରଦ ହେବା ପାଇଁ, ପରିସଂଖ୍ୟାନ ପ୍ରଣାଳୀରେ ଆଇନ୍ ଦ୍ଵାରା ସମର୍ଥିତ ବୈଧତା ହେବା ଉଚିତ୍, ଯାହା ସଦ୍ୟ ତଥ୍ୟ ପ୍ରଦାନକାରୀଙ୍କ ନିମନ୍ତେ ଗୋପନୀୟତା ଏବଂ ବ୍ୟବହାରକାରୀଙ୍କ ଅଖଣ୍ଡତା ଏବଂ ସୁଗମତାର ନିଶ୍ଚିତତାକୁ ସୁରକ୍ଷା ପ୍ରଦାନ କରିବ । ଉତ୍ତମ ତଥ୍ୟର ଉତ୍ସ, ଉତ୍ତମ ପରିସଂଖ୍ୟାନର ପ୍ରଣାଳୀ, ନୂତନ ପ୍ରଯୁକ୍ତି ବିଦ୍ୟା ଏବଂ ଦୃଢ଼ ପରିସଂଖ୍ୟାନର ପ୍ରଣାଳୀକୁ ଉନ୍ନତ ନିଷ୍ପତ୍ତି ନେବାରେ ସକ୍ଷମ କରିଥାଏ, ଯାହା ଅନ୍ତତଃ ଆମ ସମସ୍ତଙ୍କ ପାଇଁ ଉତ୍ତମ ଜୀବନର ଫଳାଫଳ ହୋଇଥାଏ ।

## ୪.୪: ଆସ ପ୍ରଗତି ମାପିବା

୧. ସ୍ଥାୟୀ ବିକାଶରେ ପରିସଂଖ୍ୟାନ ତଥ୍ୟର ଭୂମିକାକୁ ବ୍ୟାଖ୍ୟା କର ।

-----------------------------------------------------------------

-----------------------------------------------------------------

--------------------------------

୨. ନିର୍ଭରଯୋଗ୍ୟ ଏବଂ ଅତ୍ୟାଧୁନିକ ତଥ୍ୟ ଆଧାରର ମହତ୍ତ୍ୱ ଦର୍ଶାଅ ।

-----------------------------------------------------------------

-----------------------------------------------------------------

--------------------------------

୩. ବିକାଶମୂଳକ କାର୍ଯ୍ୟକଳାପ ଯୋଜନା କରିବାରେ ତଥ୍ୟର ଭୂମିକା ବ୍ୟାଖ୍ୟା କର ।

-----------------------------------------------------------------

-----------------------------------------------------------------

--------------------------------

Odisha State Open University, Sambalpur
www.osou.ac.in
e-mail: info@osou.ac.in